

ଇସଲାମ ସାରା ବିଶ୍ୱ ପାଇଁ ବିପଦ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 265 | ଭାଗ ୩୩ | ସଂଖ୍ୟା ୨୬୫

Thursday 18 December 2025 | Page 8 Rs. 5.00

● ଭୁବନେଶ୍ୱର ଗୁରୁବାର ୧୮ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଓଡ଼ିଶା ହେବ ନିବେଶକଙ୍କ ପ୍ରଥମ ପସନ୍ଦ

- ହାଇଦ୍ରାବାଦରେ ନିବେଶକ ସମ୍ମିଳନୀ ଓ ରୋଡ ଶୋ'
- ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ
- ଶିଳ୍ପପତିଙ୍କ ସହ ହେବ ଗୋଲ୍ ଟେବୁଲ ବୈଠକ
- ବ୍ୟାପକ ଶିଳ୍ପାୟନ ଦ୍ୱାରା ବଢୁଛି ରାଜ୍ୟ ଅର୍ଥନୀତି



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା କ୍ରମାଗତ ଭାବେ ଶିଳ୍ପ ଅଭିବୃଦ୍ଧି ଏବଂ ନିବେଶ ଆକୃଷ୍ଟ କରିବାକୁ ଗୁରୁତ୍ୱ ଦେଉଛି। ଶିଳ୍ପାୟନରେ ଓଡିଶାକୁ ପୂର୍ବ ଭାରତରେ ଏକ ନମ୍ବର ପ୍ରମୁଖ ଡେଷ୍ଟିନେସନ କରିବାକୁ ମୁଖ୍ୟମନ୍ତ୍ରୀ ଆସନ୍ତା ୧୯ ତାରିଖରେ ହାଇଦ୍ରାବାଦରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ରୋଡ ଶୋ'ର ନେତୃତ୍ୱ ନେବେ। ଏହି ରୋଡ ଶୋ'ରେ ଅଟୋମୋଟିଭ କମ୍ପୋନେଣ୍ଟ, ଆଇଟି, ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଓ ମାନୁଫାକ୍ଚରିଂ ପାର୍କ, କେମିକାଲ, ଗ୍ରୀନ ଏନର୍ଜି, ଫାର୍ମାସ୍ୟୁଟିକାଲ, ମେଡ଼ିକାଲ ଡିଭାଇସ୍ ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ରାଜ୍ୟର ବୃଦ୍ଧି ପାଉଥିବା ଔଦ୍ୟୋଗିକ ସାମର୍ଥ୍ୟ ଉପରେ ଆଲୋକପାତ କରାଯିବ।

ସାମ୍ପ୍ରତିକ ନିବେଶକ ଯୋଗଦାନ ପଦକ୍ଷେପର ସଫଳତା ପରେ, ଏହି ଗସ୍ତ ନୂତନ ପୁଞ୍ଜିନିବେଶ ଆକୃଷ୍ଟ କରିବା, ଶିଳ୍ପ ନେତୃବର୍ଗଙ୍କ ସହ ଭାଗିଦାରୀକୁ ମଜବୁତ କରିବା ଏବଂ ଓଡ଼ିଶାକୁ ସମାବେଶୀ ତଥା ସ୍ଥାୟୀ ଅର୍ଥନୈତିକ ତଥା ଶିଳ୍ପ ବିକାଶ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ଦର୍ଶାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମର ଏକ ଅଂଶବିଶେଷ। ପୂର୍ବରୁ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର, ଦିଲ୍ଲୀ, ମୁମ୍ବାଇରେ ଇନଭେଷ୍ଟମେଣ୍ଟ ରୋଡ ସୋ କରିଥିଲେ। ଯାହାର ଫଳସ୍ୱରୂପ ଗତ ଉତ୍କର୍ଷ ଓଡିଶା କନକ୍ଲେଭରେ ରାଜ୍ୟ ସରକାର ୧୬ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଂଜିନବେଶକୁ ସୁନିଶ୍ଚିତ କରିଥିଲେ। ଏଥିସହିତ ରାଜ୍ୟର ୨୦ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏବେ ସୁଦ୍ଧା ରାଜ୍ୟ ସରକାର ୫୯୩ଟି କମ୍ପାନୀ ସହ ଏମଓୟୁ ସ୍ୱାକ୍ଷର କରିସାରିଛନ୍ତି। ରାଜ୍ୟରେ ପୁଂଜିନବେଶ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଉଦ୍ୟୋଗୀଙ୍କ ପାଇଁ ରାଜ୍ୟ ସରକାର ସବୁପ୍ରକାର ଭିତ୍ତିଭୂମୀ ସୁବିଧା ଯୋଗାଇଦେବା ସହ ଇଜ ଅଫ ଡୁଇଙ୍ଗ ଜରିଆରେ ସରକାରୀ ପ୍ରକ୍ରିୟାକୁ ସହଜ କରାଯାଇଛି।

ଏହି ଉଚ୍ଚସ୍ତରୀୟ ରୋଡ ଶୋ'ର ନେତୃତ୍ୱ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏହି ଗସ୍ତ ଗୁଣାତ୍ମକ ➪ପୃଷ୍ଠା-୬

# ସୁଦାନରୁ ଫେରିଲେ ନିଖୋଜ ଓଡ଼ିଆ ଯୁବକ

- ଖୁସି ପ୍ରକଟ ସହ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ
- ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟକୁ କରାଯାଇଥିଲା ନିବେଦନ



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ନିଖୋଜ ହୋଇଯାଇଥିବା ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୋଟକଣା ଗ୍ରାମର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରା ଆଜି ତାଙ୍କ ଘରକୁ ଫେରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଚ୍ଛନ୍ନ ଉଦ୍ୟମ କ୍ରମେ ତାଙ୍କୁ ଉଦ୍ଧାର କରାଯାଇଛି। ଆଜି ପୂର୍ବାହ୍ନରେ ତାଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରାଯାଇଛି। ପାଖାପାଖି ୪୦ ଦିନ ଧରି ଆତଙ୍କୀଙ୍କ କବଳରେ ରହିବା ପରେ ଶେଷରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଆଦର୍ଶ ଜୀବନରେ କେବେ ନିଜ ପରିବାର ଲୋକଙ୍କ ନିକଟକୁ ଫେରିବେ ବୋଲି ଚିନ୍ତା ବି କରି ନଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଦର୍ଶଙ୍କ ସମେତ ୩ ଜଣ ସୁଦାନର ଉତ୍ତର ଡରଫର୍ ରାଜ୍ୟର ଅଲ୍ ଫାସର୍ ସହରରୁ ନିଖୋଜ ➪ପୃଷ୍ଠା-୬

## ବାର୍ ମାଲିକଙ୍କ ବ୍ୟାଣ୍ଡ ବାଜିବ



- କମିଶନରଙ୍କ ଚିଠି ପରେ ଛନକା
- କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଆଗକୁ ଜିରୋ ନାଇଟ୍ ଓ ନୂଆବର୍ଷ ଆସୁଥିବାରୁ ଏବେଠାରୁ ବାର୍ ଓ ପବ୍‌ଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଡ୍ୟାନ୍ସ ବାର୍‌ରେ ନାଚକୁ ଅନୁମତି ନ ଥିବାବେଳେ ରାତିଅଧ ଯାଏଁ ଜମୁଛି ନାଚ ଓ ଉଡୁଛି ଟଙ୍କା। ବାର୍‌ରେ ଡ୍ୟାନ୍ସକୁ ବ୍ୟାନ୍ କରାଯିବା ସହ କେବଳ ଗୀତ ପରିବେଷଣ ହେବାକୁ ଅନୁମତି ଦେଇଛି ଅବକାରୀ ବିଭାଗ। କିନ୍ତୁ ବାର୍‌ରେ ଡ୍ୟାନ୍ସ ବ୍ୟାନ୍ ହେବା ପରେ ଆଉ ଆଗ ଭଳି ଗ୍ରାହକ ହେଉନାହାନ୍ତି। ଯେଉଁଥିପାଇଁ ବାର୍ ମାଲିକମାନେ ଗଳାବାଟ ବାଛି ନେଇଛନ୍ତି। ସେମାନେ ଭିତରୁ ଶଟର୍ ପକାଇ ବାର୍‌ରେ ଯୁବତୀଙ୍କୁ ଆଣି ଡ୍ୟାନ୍ସରେ ନିୟୋଜିତ କରିଛନ୍ତି। ଡ୍ୟାନ୍ସ ବାର୍‌ରେ ଯୁବତୀଙ୍କ ନୃତ୍ୟରେ ନିୟୋଜିତ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଚଳାଇବା ସହ ଅଭିଯୋଗ ଆସୁଛି। କେବଳ ସେତିକି ନୁହେଁ, ଫାୟାର ଏନଓସି ନ ଥାଇ ବାର୍ ପବ୍ ଚାଲୁଥିବାର ପ୍ରମାଣ ମଧ ମିଳିଛି। ଆଉ ଏହି ଅଭିଯୋଗ ପାଇବା ପରେ ଆକ୍ସନ ମୋଡ୍‌କୁ ଆସିଛି ଅବକାରୀ ବିଭାଗ। ଆସନ୍ତାକାଲିଠାରୁ ଅନ୍-ଶପ୍‌ମାନଙ୍କରେ ଆରମ୍ଭ ହେବ କଡ଼ାକଡ଼ି ଯାଞ୍ଚ। ଏଥିପାଇଁ ସମସ୍ତ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର୍। ପୂର୍ବରୁ ବାର୍ ଚାଲିଥିବା ବିଲଡିଂମାନଙ୍କର ପ୍ଲାନିଂ ➪ପୃଷ୍ଠା-୬

## ନୂଆବର୍ଷରୁ ଆଉ ୧୫ ଲକ୍ଷ ରାସନ କାର୍ଡ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଆସନ୍ତା ନୂଆବର୍ଷରୁ ଆଉ ୧୫ ଲକ୍ଷ ରାସନ କାର୍ଡ ବଣ୍ଟାଯିବ ବୋଲି ଆଜି ଘୋଷଣା କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କେହି ବି ଗରିବ ବିନା ରାସନ କାର୍ଡରେ ରହିବେ ନାହିଁ। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପାଖରେ ରାସନ କାର୍ଡର ଅଭାବ ନାହିଁ। ଏଯାଏଁ ସାରା ରାଜ୍ୟରେ ୬ ଲକ୍ଷ ୩୯ ହଜାର କାର୍ଡ ବଣ୍ଟା ସରିଛି। ଆହୁରି ୧୫ ଲକ୍ଷ କାର୍ଡ ଆମ ପାଖରେ ଅଛି।

ପ୍ରାୟ ୧୫ ଲକ୍ଷ ୩୩ ହଜାର ଆବେଦବ ଆସିଛି। ସେଥିରୁ ଅଯୋଗ୍ୟଙ୍କୁ ବାଦ ଦେଇ ସମସ୍ତ ଯୋଗ୍ୟଙ୍କୁ ରାସନ କାର୍ଡ ମିଳିବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର। ଏହା ପୂର୍ବରୁ ଇ-କେୱାଇସି କରାଇ ପାରିନଥିବା ହିତାଧିକାରୀମାନେ ଆଗାମୀ ୩୧ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାରଯୁକ୍ତ ଇ-କେୱାଇସି କରାଇପାରିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ➪ପୃଷ୍ଠା-୬

## ଭକ୍ତ-ମୋକିମ କଳି ବହିଷ୍କାର ପରେ ତନାଘନା

- ମୋକିମଙ୍କ ସହ କଥା ହେଲେ ବରିଷ୍ଠ ନେତା
- ନରମିଲା ପିସିସି ସଭାପତିଙ୍କ ଦମ୍ଭ
- ସୋଫିଆ କହିଲେ, ପୂର୍ବପରି ଜାରି ରହିବ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** କଂଗ୍ରେସରୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ବହିଷ୍କାର କରିଛି ଏଆଇସିସି। ହେଲେ ମୋକିମ ଲେଖିଥିବା ଚିଠିର ପ୍ରଭାବ ପଡ଼ିଛି କଂଗ୍ରେସର ଜାତୀୟ ସ୍ତରର ନେତାଙ୍କ ଉପରେ। ଯେଉଁଥିପାଇଁ ମୋକିମଙ୍କୁ ଦଳରୁ ବିଦା କଲା ପରେ ବି ବିବାଦ ଥମିନାହିଁ। ଇତିମଧରେ ଏଆଇସିସିର ବରିଷ୍ଠ ନେତାମାନେ ତନାଘନା ଆରମ୍ଭ କରିଦେଇଛନ୍ତି। ମୋକିମଙ୍କ ଚିଠିରେ କେତେ ସତ କେତେ ମିଛ ରହିଥିଲା, ତାକୁନେଇ ଖୋଳତାଡ ଆରମ୍ଭ ହୋଇଛି। ଆଉ ଏପଟେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସ୍ୱର ବି ନରମୀଯାଇଛି।

ଦିଲ୍ଲୀରେ ଭକ୍ତ କହିଲେ ଯେ ମୋକିମ କିଏ, ଥରେ କେବେ ଜିତିଯାଇଥିଲେ। ତା'ପରେ କହିଲେ ମୋକିମଙ୍କୁ ପୂର୍ବରୁ ମଧ୍ୟ ଦଳରୁ ବିଦା କରାଯାଇଥିଲା ଓ ସମସ୍ତେ ଏହା ପଛର କାରଣ ସମ୍ପର୍କରେ ଅବଗତ ଅଛନ୍ତି। ହେଲେ ଆଜି ଭକ୍ତଙ୍କ ସ୍ୱରରେ ସେ ପୂର୍ବ ଦମ୍ଭ ନଥିଲା। କେଉଁଠି ନା କେଉଁଠି ବୋଧହୁଏ ଦିଲ୍ଲୀରୁ ଚାପ ପଡ଼ିବା ଆରମ୍ଭ ହେଲାଣି। ଆଜି ଭକ୍ତ ଯୋଡ଼ ହସ୍ତରରେ ସମସ୍ତଙ୍କୁ ଏକ ହୋଇ ଦଳ ପାଇଁ କାମ କରିବାକୁ ଅପିଲ କରିଛନ୍ତି। କହିଛନ୍ତି, କାହା କଥାରେ ପ୍ରରୋଚିତ ହୋଇ କାମ କରନ୍ତୁ ନାହିଁ, ଦଳ ପାଇଁ ସଂଗଠିତ ହୁଅନ୍ତୁ। ଯେଉଁ ପିସିସି ସଭାପତି ଗତକାଲି ପର୍ଯ୍ୟନ୍ତ କହୁଥିଲେ ଦଳରୁ ମୋକିମଙ୍କ ପରି ନେତାମାନେ ଚାଲିଗଲେ କିଛି ବି ଫରକ ପଡିବନି, ଆଜି ହଠାତ ତାଙ୍କ କଣ୍ଠରେ ସେ ତାତି ଆଉ କାହିଁକି ନାହିଁ, ଯାକୁ ନେଇ ଦଳୀୟ ମହଲରେ ଆଲୋଚନା ଆରମ୍ଭ ହୋଇଗଲାଣି।

ଚର୍ଚ୍ଚା ହେଉଛି, କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଇତିମଧ୍ୟରେ ମୋକିମଙ୍କ ସହ କଥା ହୋଇଛନ୍ତି। ଜୟରାମ ଓଡ଼ିଶା ରାଜନୀତି ସହ ପୂର୍ବରୁ ପରିଚିତ ଓ ଗାନ୍ଧି ପରିବାରର ବିଶ୍ୱସ୍ତ ନେତା ଭାବେ ମଧ୍ୟ ପରିଚିତ। ➪ପୃଷ୍ଠା-୬

### ପୁଣି ଏକ ଆଞ୍ଚଳିକ ଦଳ ଗୁଗ୍‌ଲି

## ବିଜୟଙ୍କ ମୁଣ୍ଡ, ଅମରଙ୍କ ତୁଣ୍ଡ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅମର ଶତପଥୀ ଯେଉଁ ନୂଆ ଆଞ୍ଚଳିତ ଦଳ ଗଠନର ଗୁଗ୍‌ଲଟି ମାର୍କେଟକୁ ଛାଡ଼ିଛନ୍ତି, ତାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅବଶ୍ୟ ଏଭଳି

**ନୂଆ ଜେନେରେସନକୁ ଥଇଥାନ ଯୋଜନା**



ଏକ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚା ଏବର ନୁହେଁ। ନ ପୂର୍ବରୁ ମଧ କିଛି ସମସାମୟିକ ନେତାମାନେ ଏକାଠି ହୋଇ ମାନସମନ୍ଥନ କରିଥିଲେ। ଏହା କେତେଦୂର ଫଳବତୀ ହେବ, ତାହ ତ ସମୟ କହିବ। କିନ୍ତୁ ବିଭିନ୍ନ ସ୍ତରରେ ଏଭଳି ଏକ ପରିକଳ୍ପନା ପଛର କାରଣ ଖୋଜା ଚାଲିଛି।

ଓଡ଼ିଶା ରାଜନୀତି ଏବେ ଏକ ବିଚିତ୍ର ସ୍ଥିତିରେ ପହଞ୍ଚିଛି। ମୁଖ୍ୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଆଭ୍ୟନ୍ତରୀଣ କନ୍ଦଳରୁ ବାହାରି ପାରୁନାହାଁନ୍ତି। ଦୁଇ ବିରୋଧୀ ଦଳରେ ଲାଗିରହିଥିବା ବିବାଦ ଶାସକ ଦଳକୁ ବେଶ୍ ସୁହାଉଛି। କିଛି ନ କରି ମଧ୍ୟ ରାଜ୍ୟରେ ବିଜେପି ଶୁଖିଲାରେ ବାଳିଆ ମାରୁଛି, ଅର୍ଥାତ୍ ଦଳ ଯଥେଷ୍ଟ ମାଇଲେଜ ପାଇଯାଉଛି। ସେପଟେ ବିଜୟ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ନିରଞ୍ଜନ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ପ୍ରଫୁଲ୍ଲ ଘଡେଇଙ୍କ ପରି ବହୁ ନେତା ଯଦିଓ ଆଉ ପ୍ରତ୍ୟକ୍ଷ ରାଜନୀତିକୁ ଆସିବାକୁ ଆଗ୍ରହୀ ନୁହଁନ୍ତି, କିନ୍ତୁ ନିଜ ନିଜର ଉତ୍ତରାଧିକାରୀଙ୍କୁ ଥଇଥାନ କରିବାକୁ ବି ଉଦ୍ୟମ କରୁଛନ୍ତି।

ଯଦିଓ ଭୋଟ ରାଜନୀତିରେ ଏମାନେ ଗତ କିଛି ବର୍ଷ ଧରି ବିଫଳ ହୋଇଛନ୍ତି, ➪ପୃଷ୍ଠା-୬

### ରେଶମ ସହର ପାଇଁ ହାତ ଖୋଲିଦେଲେ ମୋହନ

## ବ୍ରହ୍ମପୁର-ଜୟପୁର ରାସ୍ତା ପାଇଁ ୬୦୦୦ କୋଟି



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଓ ବ୍ରହ୍ମପୁର ସହର ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ହୋଇଥିବା ବେଳେ ରାଜ୍ୟର ବିକାଶ ସକାଶେ ଜିଲ୍ଲାର ବିକାଶ ନିହାତି ଜରୁରୀ। ତେଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଡୁଇଙ୍ଗ୍ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଦିଗରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଆଜି ବ୍ରହ୍ମପୁର ନୀଳକଣ୍ଠ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି କରାଯାଇ ଏହାକୁ ଗ୍ରେଟର ବ୍ରହ୍ମପୁର ସିଟି କରାଯିବ। ଏଥିପାଇଁ ଆବଶ୍ୟକ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସହରରେ ଟାଉନ ପ୍ଲାନିଂ ବା ଟିପି ସ୍କିମ୍ ଲାଗୁ ହେବ। ବର୍ତ୍ତମାନ ଦୁଇଟି ଟିପି ସ୍କିମ୍ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହ ଜମି ମାଲିକମାନେ ମଧ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

- ବ୍ରହ୍ମପୁରରେ ୫୨ କୋଟି ଟଙ୍କାରେ ତିଆରି ହେବ ୧୦ ରାସ୍ତା
- ଗ୍ରେଟର ବ୍ରହ୍ମପୁର ସିଟି ପାଇଁ ଡିପିଆର ପ୍ରସ୍ତୁତି ନିର୍ଦ୍ଦେଶ
- ସହରରେ ଲାଗୁ ହେବ ଟାଉନ ପ୍ଲାନିଂ ସ୍କିମ୍
- ବିଭିନ୍ନ ସ୍ଥାନରେ ଶୋଭା ପାଇବ ଫୁଡ୍ ଷ୍ଟ୍ରୀଟ୍
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଘରବାହୁଡ଼ା ଅନୁଭୂତି

ବ୍ରହ୍ମପୁର ସହରର ଖାଦ୍ୟ ପ୍ରସିଦ୍ଧି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରୀଟ୍ ନିର୍ମାଣ କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡ଼ିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାର ଭୂମିକା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬



**କାନ ଡେରିଥା**

କଂଗ୍ରେସ ଡୁବିବ ଭକ୍ତଙ୍କ ପାଇଁ
ତାଙ୍କ ଲୋକ କହିଲେଣି
ନିଜ ଫାଇଦା ସେ ହାସଲ
କରନ୍ତି
ସବୁ ଯେ ଜାଣି ଗଲେଣି
ଚଳିବନି ମନମାନି...
କଂଗ୍ରେସର କର୍ମୀ କଂଗ୍ରେସ
ଛାଡ଼ିବେ
ସତର୍କ ସେ ହୋଇଗଲେଣି ।

■ ଦେବାଶିଷ

# ମାସେ ପରେ ମନେ ପଡ଼ିଲା ନୂଆପଡ଼ା



- ମାମଲତକାରଙ୍କ ନୂଆ ଫନ୍ଦି
- ଚର୍ଚ୍ଚାରେ ନିର୍ବାଚନୀ ପାଣ୍ଠି ହଡ଼ପ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ଫଳ ବାହାରିବାର ମାସକ ପରେ ବିଜେଡିର ନୂଆପଡ଼ା କଥା ମନେ ପଡ଼ିଛି। ଦଳୀୟ ନେତା ଓ କର୍ମୀଙ୍କୁ ଭୂତେଇବା ପାଇଁ ନୂଆପଡ଼ାର କିଛି ବିଜେଡି କର୍ମୀଙ୍କୁ ଭୁବନେଶ୍ୱରରେ ନବୀନ ପଟ୍ଟନାୟକଙ୍କ ଆଗରେ ଛିଡ଼ା କରାଇ ଦିଆଯାଇଛି। ନିର୍ବାଚନ ପାଇଁ ମୋଟା ଅଙ୍କର ଦଳୀୟ ପାଣ୍ଠି ନେଇଥିବା ମାମଲତକାରମାନଙ୍କର ଏହା ନୂଆ ଫନ୍ଦି ବୋଲି ଏବେ ଦଳୀୟ ମହଲରେ ଆଲୋଚନା ହେଉଛି।

ନୂଆପଡ଼ା ଉପନିର୍ବାଚନରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି କେବଳ ହାରିନାହିଁ, କଂଗ୍ରେସ ପଛକୁ ତୃତୀୟ ସ୍ଥାନରେ ରହିଛି ଅତ୍ୟନ୍ତ ଲଜ୍ଜାଜନକ ପରାଜୟ ବରଣ କରିଛି। ଦଳର ମାଳ ମାଳ ବିଧାୟକ, ବରିଷ୍ଠ ନେତା ନୂଆପଡ଼ାରେ ଡେରା ପକାଇବା ସହ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଦୁଇ ଦୁଇ ଥର ନୂଆପଡ଼ା ଯିବା ପରେ ଦଳ ତୃତୀୟ ସ୍ଥାନରେ ରହିବାକୁ କର୍ମୀମାନେ ସହଜରେ ହଜମ କରିପାରିନାହାନ୍ତି। ଦଳ ପକ୍ଷରୁ ନୂଆପଡ଼ା ପାଇଁ ଆବଶ୍ୟକ ମୋଟା ଅଙ୍କର ପାଣ୍ଠି ଯୋଗାଇ ଦିଆଯାଇଥିବା ବେଳେ ଦଳ କାହିଁକି ଏଭଳି ଶୋଚନୀୟ ଭାବେ ହାରିଲା, ତା'ର ସମୀକ୍ଷା ପାଇଁ ମାସେ ହେବ ଦାବି ହୋଇଆସୁଥିଲା।

ସମୀକ୍ଷାକୁ କୌଣସି ପ୍ରକାରେ ଏଡ଼ାଇ ଯାଇଥିଲେ ମଧ୍ୟ କର୍ମୀଙ୍କ ଚାପ ନ କମିବାରୁ ଓ ଏଭଳି ପରାଜୟ ନେଇ ଖୋଦ୍ ନବୀନ ପଟ୍ଟନାୟକ ଅସନ୍ତୋଷ ବ୍ୟକ୍ତ କରିବା ପରେ ଏବେ ମାମଲତକାରମାନେ ନୂଆ ଚାଲ୍ ଖେଳିଛନ୍ତି। ନୂଆପଡ଼ାର ବିଜେଡି ନେତା ଓ କର୍ମୀମାନଙ୍କୁ ଭୁବନେଶ୍ୱର ଆଣି ନବୀନଙ୍କ ସାମ୍ନାରେ ଛିଡ଼ା କରାଇଛନ୍ତି। ସେମାନଙ୍କ ସହ ନୂଆପଡ଼ା ପରାଜୟର କାରଣ ସହ ଧାନର ଅଭାବୀ ବିକ୍ରି ସମ୍ପର୍କରେ ବି ଆଲୋଚନା ହୋଇଛି। ହେଲେ କ'ଣ ପାଇଁ ବିଜେଡିର ଏଭଳି ପରାଜୟ ହେଲା, ତା'ର କାରଣ କିନ୍ତୁ ନୂଆପଡ଼ା ନେତାଙ୍କୁ କହିବାର ସୁଯୋଗ ମିଳିନଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ବିଜେଡି କର୍ମୀ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ନବୀନଙ୍କ ସାମ୍ନାରେ ନୂଆପଡ଼ା ପରାଜୟର ସମୀକ୍ଷା ହୋଇଥିଲେ ଅନେକ ମାମଲତକାରଙ୍କ ଗୁମର ଖୋଲିଥାନ୍ତା। ନିର୍ବାଚନ ପ୍ରଚାର ସରିବା ପରେ କାହିଁକି ମାମଲତକାରମାନେ ସିଧା ଭୁବନେଶ୍ୱର ପଳାଇ ଆସିଲେ ଓ ଭୋଟଗ୍ରହଣ ଦିନ ଅଧିକାଂଶ ବୁଥ୍‌ରୁ କାହିଁକି ବିଜେଡି ଏଜେଣ୍ଟ ପଳାୟନ କଲେ, ତା'ର ସତ୍ୟାସତ୍ୟ ବି ସାମ୍ନାକୁ ଆସିପାରିଥାନ୍ତା। ଏଥିପାଇଁ ହାରିବା ପରଦିନଠାରୁ ହିଁ ପରାଜୟର ସମୀକ୍ଷା ପାଇଁ ସବୁ ମହଲରେ ଦାବି ହୋଇଆସୁଥିଲା। ହେଲେ ତାହାକୁ ଟାଳି ଚାଲିଥିବା ➪ପୃଷ୍ଠା-୬

## ଆରପାରିରେ ଫିଲ୍ମ ପ୍ରଯୋଜକ ରବୀନ୍ଦ୍ର ସାହୁ



**ଭୁବନେଶ୍ୱର,୧୭।୧୨ (ସଂଚାର ବ୍ୟୁରୋ):** ପରଲୋକରେ ଓଡ଼ିଶାର ଜଣାଶୁଣା ସିନେ ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଖି ବୁଜିଛନ୍ତି ରବୀନ୍ଦ୍ର। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ରବୀନ୍ଦ୍ରଙ୍କ ମୃତ୍ୟୁ ନେଇ ବଡ଼ପୁଅ ରଞ୍ଜିତ ସାହୁ ସ୍ପଷ୍ଟ କରିବା ପରେ ଏନେଇ ସମଗ୍ର ଓଲିଉଡ୍‌ରେ ଖେଳିଯାଇଛି ଶୋକର ଛାୟା। ରବୀନ୍ଦ୍ର ଓଲିଉଡ୍‌ର ଜଣେ ବରିଷ୍ଠ ପ୍ରଯୋଜକ ସହ ଡିଷ୍ଟ୍ରିବ୍ୟୁଟର୍ ଓ ସମାଜସେବୀ ଭାବେ ବେଶ୍ ଜଣାଶୁଣା ଥିଲେ। ଓଲିଉଡ୍‌କୁ ତାଙ୍କର ପ୍ରଥମ ଅବଦାନ ଥିଲା 'ଏଇ ତ ଦୁନିଆ'। ୧୯୮୭ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଶ୍ରୀବଳଦେବଜୀଉ ପ୍ରଡକ୍ସନ ➪ପୃଷ୍ଠା-୬

# ଗହୀରମଥାରୁ ୩ଟି ଟ୍ରଲର ଜବତ ୨୩ ମସ୍ୟଜୀବୀ ଗିରଫ



ରାଜନଗର,୧୭।୧୨ (ସଂଚାର ବ୍ୟୁରୋ): ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ୩ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୨୩ ଜଣ ମସ୍ୟଜୀବୀ କୁ ଗିରଫ କରିଛି। ଗହୀରମଥା ଦାଇତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରେ ପାର୍ବତୀପତି, ଲକ୍ଷ୍ମୀ ନାରାୟଣ-୧୧ ଓ ଜଳଦେବୀ-୩ ନାମକ ୩ ଟିଟ୍ରଲରକୁ ଜବତ କରିଥିଲେ। ଜବତ ୩ଟି ଟ୍ରଲରରୁ ୭୭ କୁଇଣ୍ଟାଲ ୧୦ କେଜି ମାଛ, ୩ଟି ଜି ପି ଏସ, ୭ଟି ଭି ଏଚ ଏଫ, ୨ଟି ଫିସଫାଇଣ୍ଡର, ଟ୍ରଲିଙ୍ଗ ନେଟ ୨୫ ଟି ଜବତ କରାଯାଇଛି।ଟ୍ରଲରରେ ଥିବା ମସ୍ୟଜୀବୀ ମାନେ ହେଲେ ଅନନ୍ତ ମହାନ୍ତି, ସୁରେନ୍ଦ୍ର ସିଂ, ବିଚିତ୍ର ମଳିକ, ଭାଗବତ ଦାସ, ଅର୍ଜ୍ଜୁନ ମଳିକ, ରାଜେନ୍ଦ୍ର ଦାସ, କାର୍ତ୍ତିକ ମୁର୍ମୁ, ସୁମନ ମାଝୀ, ଦିବିରା ମୁର୍ମୁ, ବାଦଲ ସେନାପତି, ଚକ୍ରଧର ବେହେରା, ଜଗବନ୍ଧୁ ମାଝୀ, ବାପୁନ ଜେନା, ଗୟାଧର ନାଥ, ରତିକାନ୍ତ ସିଂ, ଜଗନ୍ନାଥ ମଳିକ, ବୀରେନ୍ଦ୍ର ଗୋଛୟତ, ଭିମା ସର୍ଦ୍ଦାର, ସୁଶାନ୍ତ ମଣ୍ଡଳ, ଶଙ୍କର ସିଂ, ପୁଲେନ୍ଦୁ ମାଇତି, ବଳରାମ ଦଳାଇ, ରାଜେନ୍ଦ୍ର ବେରା ପ୍ରମୁଖ ୨୩ ଜଣ ମସ୍ଯଜୀବୀଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମସ୍ଯ ଜୀବୀ ମାନେ କେନ୍ଦ୍ରାପଡା, ବାଲେଶ୍ୱର ଓ ଜଗତସିଂହପୁର ଅଞ୍ଚଳର ବୋଲି ଜଣା ପଡ଼ିଛି। ୩ଟି ଫଟୋ ଅଛି।

# ଗାଡ଼ି ଧକ୍କାରେ ୫ ଷଣ୍ଢ ମୃତ, ୨ ଗୁରୁତର

## ବଜରଙ୍ଗ ଦଳ ପକ୍ଷରୁ ଜାତୀୟ ରାଜପଥରେ ପ୍ରତିବାଦ ଓ ନାରାବାଜି



ମହାକାଳପଡ଼ା, ୧୭।୧୨(ସଂଚାର ବ୍ୟୁରୋ): ପାରାଦୀପ -ଚଣ୍ଡିଖୋଲ ୫୩ ନଂ ଜାତୀୟ ରାଜପଥର ବାଲିସୁଆଁ ଛକ ନିକଟରେ ବୁଧବାର ଭୋରରୁ ୫ଟି ଷଣ୍ଢଙ୍କ ମୃତଦେହ ପଡ଼ିଥିବା ଓ ୨ଟି ଷଣ୍ଢ ଗୁରୁତର ଆହତ ହୋଇଥିବା ଦେଖିବାକୁ ପାଇଥିଲେ ଲୋକେ। ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ଏମିତି ହୋଇଛି ବୋଲି ସ୍ପଷ୍ଟଭାବେ ଜଣା ପଡ଼ିଛି। ଏହି ଖବର ଜାଣିବା ପରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ତଥା ସମାଜସେବୀ ସାଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ରାଜ୍ୟ ଆନିମଲ ହେଲ୍ପଲାଇନ ନମ୍ବର ୧୯୬୨ ରେ ଫୋନ କରିବା ପରେ ମହାକାଳପଡା ବିଡିଓ ଡ଼ାଃ ମନୋଜ କୁମାର ଦାସ ଓ ପାଟୁଳିପଙ୍କ ପଶୁପାଳନ ପରିଦର୍ଶକ ମନୋଜ କୁମାର ଦାସ ପହଞ୍ଚି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନର ବେପରୁଆ ଟ୍ରାଫିକ ପରିଚାଳନା ଯୋଗୁଁ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଥିବା ପ୍ରତିବାଦରେ ଉତ୍ୟକ୍ତ ଜନତା ରାସ୍ତାରୋକ କରିଥିଲେ।ଯାହା ଫଳରେ କିଛି ଘଣ୍ଟା ପାଇଁ ରାଜପଥରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଘଟଣା ସ୍ଥଳରେ ରାସ୍ତା ଉପରେ ୫ଟି ଷଣ୍ଢଙ୍କ ମୃତଦେହ ପଡ଼ିରହିଥିବା ବେଳେ ଦୁଇଟି ଗୁରୁତର ଆହତ ଷଣ୍ଢଙ୍କୁ ସାଲାଇନ ଦିଆଯାଉଥିବା ଦୃଶ୍ୟ ହୃଦୟ ବିଦାରକ ଥିଲା। ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ ବୁଝାସୁଝା କରିବା ପରେ ବଜରଙ୍ଗଦଳ ସଦସ୍ୟଙ୍କ ପ୍ରଚେଷ୍ଟାରେ ମୃତ ଷଣ୍ଢମାନଙ୍କୁ ସମ୍ମାନର ସହ ପୋତାଯିବା ଓ ସମାଜସେବୀ ସାଜନ ବେହେରାଙ୍କ ଦ୍ୱାରା ଆହତ ଷଣ୍ଢମାନଙ୍କୁ ପଟ୍ଟାମୁଣ୍ଡାଇ ଗୋଶାଳାକୁ ସ୍ଥାନାନ୍ତରିତ କରାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରଶାସନ ପକ୍ଷରୁ ଅଧିକ ଗୋଶାଳା ଖୋଲାଯିବା ନେଇ ପଦକ୍ଷେପ ନେବାକୁ ବଜରଙ୍ଗଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ କରଙ୍କ ସହ କାର୍ଯ୍ୟକର୍ତ୍ତା ମାନେ ଦାବି କରିଛନ୍ତି।

# ମୁଖ୍ୟ ଚିକିତ୍ସାଳୟକୁ ଜିଲ୍ଲାପାଳଙ୍କ ଅଚାନକ ଗସ୍ତ

- ବିଭିନ୍ନ ୱାର୍ଡ ବୁଲିବା ସହିତ ରୋଗୀଙ୍କ ସହ ଆଲୋଚନା



କେନ୍ଦ୍ରାପଡ଼ା,୧୭।୧୨(ସଂଚାର ବ୍ୟୁରୋ): ଜିଲ୍ଲାପାଳ ରଘୁରାମ ଆର. ଆୟର ବୁଧବାର ମଧାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓପିଡି ବୁଲିବା ସହିତ ପଞ୍ଜିକରଣ କାଉରକୁ ଯାଇ ସଠିକ ଭାବରେ ଏବଂ କ୍ରମାନ୍ୱୟରେ ପଞ୍ଜିକରଣ ହେଉଛି କି ନାହିଁ ଦେଖିଥିଲେ। ପରେ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ୱାର୍ଡରେ ଭର୍ତ୍ତି ହୋଇଥିବା ବିଭିନ୍ନ ରୋଗୀ ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସହ ସେମାନେ ଉପଯୁକ୍ତ ସେବା ଡାକଦ୍ତରଖାନାରୁ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିବା ସହିତ ତାଙ୍କ ସମ୍ପର୍କୀୟ ମାନଙ୍କ ସହିତ ମଧ ଆଲୋଚନା କରିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ଏବଂ ଷ୍ଟାଫ୍‌ମାନଙ୍କ ସହ ରୋଗୀଙ୍କୁ ଉପଯୁକ୍ତ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରୋଗୀମାନଙ୍କୁ ଭଲ ବ୍ୟବହାର କରିବା ସହିତ ଉମ ରୋଗୀ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତିତ ଡାକ୍ତଖାନା ଟଏଲେଟ୍ ଗୁଡିକର ଦୈନିକ ସଫେଇ ଉପରେ ଧାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ଆହାର କେନ୍ଦ୍ର ବୁଲି ଦେଖିବା ସହିତ ଚିକିତ୍ସାଳୟଳୟ ଅନ୍ୟ ସମସ୍ୟା ଉପରେ ଉପସ୍ଥିତ ଡାକ୍ତରଖାନା ଅଧୀକ୍ଷକ ଡା. ପ୍ରମୋଦ କୁମାର ପ୍ରହରାଜଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## କ୍ଷେତ୍ର ଯନ୍ତ୍ରପାତି ଓ ସଡ଼କ ସୁରକ୍ଷା ସମ୍ପର୍କିତ ଦୁର୍ଘଟଣା

# ପ୍ରତିରୋଧ ନିମନ୍ତେ ଜାତୀୟ ସଚେତନତା କାର୍ଯ୍ୟକ୍ରମ



ମହାକାଳପଡ଼ା, ୧୭।୧୨(ସଂଚାର ବ୍ୟୁରୋ): କ୍ଷେତ୍ର ଯନ୍ତ୍ରପାତି, ଟ୍ରାକ୍ଟର-ଟ୍ରେଲର ଓ ସଡ଼କ ସୁରକ୍ଷା ସମ୍ପର୍କିତ ଦୁର୍ଘଟଣା ପ୍ରତିରୋଧ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ କେୟାରବାଙ୍କ ଗ୍ରାମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଶ୍ରମ ବିଜ୍ଞାନ ଓ ସୁରକ୍ଷା ଦ୍ୱାରା ଏକ ଜାତୀୟ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇ ଅଛି। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇ ଜାତୀୟ ସଙ୍ଗୀତ ଗାନ ପରେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷଣା ମୁଖ୍ୟ ଡଃ ନିରଞ୍ଜନ ପଣ୍ଡା ଯୋଗ ଦେଇ ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପ ର ମୁଖ୍ୟ ବୈଜ୍ଞାନିକ ଡଃ ମାର୍କଣ୍ଡେୟ ମାହାପାତ୍ର ଯନ୍ତ୍ରପାତିର ସୁରକ୍ଷିତ ବ୍ୟବହାର, ଟ୍ରାକ୍ଟର ଓ ଟ୍ରେଲର ଚାଳନା ସମୟରେ ନିୟମାନୁସାରେ ସତର୍କତା ଅବଲମ୍ବନ, ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ମଞ୍ଚସ୍ଥ ଅତିଥି ଭାବେ ପୂର୍ବତନ ପ୍ରାଣୀ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ଡଃ ପ୍ରୋମୋଦ କୁମାର ମାହାପାତ୍ର ଓ କୃଷି ବିଜ୍ଞାନ କେନ୍ଦ୍ର ର କ୍ଷେତ୍ର ବୈଜ୍ଞାନିକ ଡଃ ତପନ କୁମାର ସାହୁ ବିଭିନ୍ନ କୃଷି ସମ୍ବନ୍ଧୀୟ ନୂତନ ଜ୍ଞାନକୌଶଳ ବିଷୟରେ ଅବଗତ କରାଇଥିଲେ ଓ ପୂର୍ବତନ ଶ୍ରମ ଅଧିକାରୀ ଶ୍ରୀ ଫକିର ଚରଣ ପ୍ରମାଣିକ, ପଞ୍ଚାୟତର ସରପଞ୍ଚ ଶ୍ରୀ ରତିକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇ ସଠିକ୍ ପ୍ରଶିକ୍ଷଣ, ସୁରକ୍ଷା ସାଧନର ବ୍ୟବହାର ଓ ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ।

# ସମାଜସେବୀ ରବିନ୍ଦ୍ର ମୋହନ ସାହୁଙ୍କ ବିୟୋଗ

କେନ୍ଦ୍ରାପଡା, ୧୭।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହରର ବଡହାଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରବିନ୍ଦ୍ର ମୋହନ ସାହୁଙ୍କ ଦେହାନ୍ତ ହୋଇଯାଇଛି। ଆଜି ସକାଳୁ ଖବର ପ୍ରଚାର ହେବା ପରେ କେନ୍ଦ୍ରାପଡା ସହର ସ୍ତବ୍ଧ ହୋଇଯାଇଛି। ସେ କିଛିଦିନ ହେବ ଭୁବନେଶ୍ୱର ର ଏକ ଘରୋଇ ହସପିଟାଲ ରେ ଚିକିତ୍ସିତ ହେଉଥିଲେ। ଶ୍ରୀ ସାହୁ ଏକାଧାରରେ ମେଲାପୀ, ପରୋପକାରୀ, ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ, ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। କେନ୍ଦ୍ରାପଡା ର ଆରାଧ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଟ୍ରଷ୍ଟର ସଭାପତି ଥିବାବେଳେ ଶ୍ରୀ ଜୀଉଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ସହ ଶ୍ରୀଜୀଉଙ୍କ ନୀତିକାନ୍ତିରେ ସୁଧାର ଆଣିଥିଲେ।

# ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଇଁ ଆଧାତ୍ମିକ ଆଲୋଚନା




କେନ୍ଦ୍ରାପଡ଼ା, ୧୭।୧୨(ସଂଚାର ବ୍ୟୁରୋ): ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟ ପରିସରରେ 'ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା' ପାଇଁ ଏକ ଆଧାତ୍ମିକ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅଭିଜିତ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଶୃଙ୍ଖଳା, ମାନବ ଜୀବନର ସାର୍ଥକତା ପାଇଁ ପ୍ରାର୍ଥନାର ଆବଶ୍ୟକତା ସମ୍ପର୍କରେ ଅମୃତବାଣୀ ପ୍ରଦାନ କରିଥିଲେ। ବିଶ୍ୱର ମଙ୍ଗଳ ପାଇଁ ଜାନୁଆରୀ ପହିଲାକୁ 'ବିଶ୍ୱ ପ୍ରାର୍ଥନା ଦିବସ' ରୂପେ ପାଳନ କରିବାକୁ ନିବେଦନ କରିଥିଲେ ଶ୍ରୀମା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀମାନେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ନିମନ୍ତେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଇଂ ଶତୃଘ୍ନ ଦାସ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅନୁପ କୁମାର ସେନାପତି, ସମାଜସେବୀ ବିନୟ କୁମାର ବୋଷ, ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସାଧୁମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ଅଧାପିକା ଏମ. ବିନୟା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କ୍ରୀଡାଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର



କେନ୍ଦ୍ରାପଡ଼ା,୧୭।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ତହସିଲରେ ବୁଧବାର ଜିଲ୍ଲାପାଳ ରଘୁରାମ ଆର. ଆୟର ରାଜସ୍ୱ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ କେନ୍ଦ୍ରାପଡା ତହସିଲଦାର ସୁଶ୍ରୀ କୁଇନି ଜେନା ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ। ଆଜି ମୋଟ ୨୧ ଟି ଅଭିଯୋଗ ମଧରୁ ୨୦ ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ରାଜସ୍ୱ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ପ୍ରକାଶଥାଉ କି ଆସନ୍ତା ୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ, ୨୪ ତାରିଖରେ ଡେରାବିଶ ଏବଂ ୨୬ ତାରିଖରେ ମାର୍ଶାଘାଇ ତହସିଲରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଜନସାଧାରଣଙ୍କ ରାଜସ୍ୱ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ଧାର୍ଯ୍ୟ ଦିନ ଏବଂ ସମୟରେ ତହସିଲରେ ଉପସ୍ଥିତ ରହି ଅଭିଯୋଗ କରିପାରିବେ। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧରେ ତହସିଲ କର୍ମଚାରୀ ପ୍ରଦୀପ କୁମାର ଦାସ, ସୌଭାଗ୍ୟ ଦାସ, ଉମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା



ଡେରାବିଶ, ୧୭।୧୨(ସଂଚାର ବ୍ୟୁରୋ): ଡେରାବିଶ ମଣ୍ଡଳ ଅଧିନସ୍ଥ ଲକ୍ଷ୍ମୀନାରାୟଣପୁର ସାଧନ କେନ୍ଦ୍ର ସ୍ତରୀୟ ଆସ ସ୍କୁଲ ଯିବା ନିମନ୍ତେ ଶିକ୍ଷା ସଭା-୨୦୨୫ ବୁଢ଼ୀଳାଗୁଳାଇ ଉ.ପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଙ୍ଗନବାଡ଼ି କର୍ମି, ଆଶା କର୍ମି, ଅଧାରୁ ପାଠ ପଢା ଛାଡିଦେଇଥିବା ପିଲାମାନଙ୍କ ପିତାମାତା ତଥା ଅଭିଭାବକ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଦଯାତ୍ରା କରାଯାଇଥିଲା। ପଦଯାତ୍ରା କାର୍ଯ୍ୟକ୍ରମକୁ ଡେରାବିଶ ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଶୁଭାରମ୍ଭ କରିଥିଲେ। ପିଲାମାନେ ପ୍ଲାକ କାର୍ଡ ଧରି, ଆସ ସ୍କୁଲ ଯିବା ଗୀତ ଗାଇ ଗାଇ ଏବଂ ପଥପ୍ରାନ୍ତ ନାଟକ କରି ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଥଲେ। ପରେ ଏକ ସାଧାରଣ ସଭା ସି.ଆର.ସିସି ଅୟେଶକାନ୍ତ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମାନୀତ ଅତିଥି ଭାବେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସରପଂଚ ଅରକ୍ଷିତ କାଣ୍ଡି, ସମିତି ସଭ୍ୟ ଫନିନ୍ଦର ବେହେରା, ସମାଜସେବୀ ଅନନ୍ତ କିଶୋର ଭୂୟାଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚରଣ ପ୍ରଧାନ ଏବଂ ମୁଖ୍ୟ ଅତିଥି ଭାବେ ଗୌରହରି ଜେନା ଯୋଗ ଦେଇଥିଲେ। ଏହି ସଭାର ଉଦ୍ଦେଶ୍ୟ ଅଧାରୁ ପାଠପଢା ଛାଡୁଥବା ଏବଂ ଆଦୌ ବିଦ୍ୟାଳୟକୁ ଆସୁନଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ବିଦ୍ୟାଳୟରେ ନାମ ଲେଖାଇଥିବା ପିଲାମାନେ ଯେପରି ଅଧାରୁ ପାଠପଢା ଛାଡିବେ ନାହିଁ ଏବଂ ବିଦ୍ୟାଳୟରେ ପାଠପଢା ଜାରି ରଖବେ ତାହା ସୁନିଶ୍ଚିତ କରିବା।

# କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ



ପଟ୍ଟାମୁଣ୍ଡାଇ,୧୭।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପି ପକ୍ଷରୁ ୨ୟ ଥର ପାଇଁ ଆସାମ ରାଜ୍ୟର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଅଛି। ଶ୍ରୀ ପଣ୍ଡା ପୂର୍ବରୁ ଆସାମର ପ୍ରଭାରୀ ଭାବେ କାର୍ଯ୍ୟ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ତେଣୁ ବିଜେପି ପକ୍ଷରୁ ଶ୍ରୀପଣ୍ଡାଙ୍କ ଦକ୍ଷତାକୁ ନେଇ ୨ୟ ଥର ଆସାମର ପ୍ରଭାରୀ ଭାବେ ନିଯୁକ୍ତି ହୋଇଥିବାରୁ ନରସିଂହପୁର ପଞ୍ଚାୟତ ସରପଞ୍ଚ ଦିପ୍ତିମୟୀ ପରିଡ଼ା, ଯୁବନେତା ସୁଶୀଲ ପରିଡ଼ା, ଚନ୍ଦନ ପାତ୍ର, ଗିରିଜାଶଙ୍କର ସାମଲ, ପରେଶ ସାହୁ, ଅନୀଲ ରାୟ ପ୍ରମୁଖ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବତନ ନିର୍ଦ୍ଦେଶକଙ୍କ ବିୟୋଗରେ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ଶୋକ



କେନ୍ଦ୍ରାପଡ଼ା,୧୭।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ରବୀନ୍ଦ୍ର ମୋହନ ସାହୁଙ୍କ ବିୟୋଗରେ ବ୍ୟାଙ୍କ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ଏଥିସହିତ ଏକ ସୁସଜ୍ଜିତ ଗାଡିରେ ତାଙ୍କ କେନ୍ଦ୍ରାପଡାସ୍ଥିତ ବାସଭବନକୁ ଆସୁଥିବା ବେଳେ ବୁଧବାର ବ୍ୟାଙ୍କର ମୁଖ୍ୟ ଶାଖା ସମ୍ମୁଖରେ ସ୍ୱର୍ଗତ ସାହୁଙ୍କ ମର ଶରୀରରେ ବ୍ୟାଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା, ସାଧାରଣ ପରିଚାଳକ ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ନିର୍ଦ୍ଦେଶକ ମହେନ୍ଦ୍ର ପରିଡା, ପ୍ରଫୁଲ୍ଲ କୁମାର ସାହୁ, ବିଧୁଭୂଷଣ ମହାପାତ୍ର, ପୂର୍ବତନ ନିର୍ଦ୍ଦେଶକ ମୁକ୍ତାର ଖାଁ, ଶରତ କୁମାର ବେହୁରା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି କହିଛନ୍ତି ଯେ ଅର୍ବାନ ବ୍ୟାଙ୍କର ଉନ୍ନତିରେ ସ୍ୱର୍ଗତ ସାହୁଙ୍କ ଭୂମିକା ଅନସ୍ୱିକାର୍ଯ୍ୟ। ସ୍ୱର୍ଗତ ସାହୁ ବ୍ୟାଙ୍କର ନିର୍ଦ୍ଦେଶକ ଥିବା ବେଳେ ବହୁ ଉନ୍ନତିମୂଳକ ପରାମର୍ଶ ଦେଇଯାଇଛନ୍ତି। ସଭାପତି ଶ୍ରୀ ମହାନ୍ତି ସ୍ୱର୍ଗତ ସାହୁଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ



ରାଜନଗର,୧୭।୧୨(ସଂଚାର ବ୍ୟୁରୋ): ରାଜନଗରବ୍ଲକ ମହିଷାସୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ମହା ସମାରୋହରେ ଉଦଘାଟିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଷାସୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମହାନ୍ତି ଯୋଗ ଦେଇ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର କୋଷାଧକ୍ଷ ସଞ୍ଜୟ କୁମାର ବାଗ, ଆଇନଜୀବୀ ଦେବଦତ୍ତ ସେଠୀ ଯୋଗ ଦେଇ ଖେଳକୁଦ ଦ୍ୱାରା ସରିଶ ସୁସ୍ଥ ରହିବା ଦ୍ୱାରା ମାନସିକ ଚାପରୁ ମୁକ୍ତି ମିଳିଥାଏ ବୋଲି କହିଥିଲେ। କୋଷାଧକ୍ଷ ସଞ୍ଜୟ କୁମାର ବାଗ ଖେଳ ଦ୍ୱାରା ମାନସିକ ଚାପ ମୁକ୍ତ ରହିବା ସହିତ ଶରୀରର ସମସ୍ତ ଅଙ୍ଗ ଠିକ୍ ରହିଥାଏ। ଯୁବ ଆଇନଜୀବୀ ଦେବଦତ୍ତ ସେଠୀ କହିଥିଲେକି ଖେଳ କସରତ କରିବା ଦ୍ୱାରା ଶିଶୁ ବିଭିନ୍ନ ଚାପ ମୁକ୍ତ ରହିବା ଦ୍ୱାରା ଶିକ୍ଷା କେତ୍ରରେ ଭଲ ପ୍ରଦର୍ଶନ କରିଥାନ୍ତି। ପ୍ରତ୍ୟେକ ଶିଶୁ ଖେଳିବ ଉଚିତ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭୂତି ଲେଙ୍କା, କୈଳାସ ଚନ୍ଦ୍ର ଜେନା, ସ୍ୱୋପ୍ନା ରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ପ୍ରଣତି ସ୍ୱାଇଁ, ଜୋତ୍ରିମୟୀ ସାହୁ, ସୁଦୀପ୍ତ ନାୟକ ପ୍ରମୁଖ ସହଯୋଗ କରିଥଲେ।

# ସରପଞ୍ଚ ସଂଘ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ



ରାଜନଗର,୧୭।୧୨(ସଂଚାର ବ୍ୟୁରୋ): ରାଜନଗର ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ କରାଯାଇଛି।ଆଗକୁ ନୂତନ ବର୍ଷ ଓ ବଡ଼ଦିନ ଆସିଥିବାରୁ ପର୍ଯ୍ୟଟକମାନେ ପେଣ୍ଠ ଆସି ବଣଭୋଜି କରି ବେଳାଭୂମିର ମଜା ନେବେ ତାହା ପୂର୍ବରୁ ସରପଞ୍ଚ ସଙ୍ଘର ଏ ପ୍ରୟାସ ନିଶ୍ଚିତ ଭଲ ପଦକ୍ଷେପ ଓ ପର୍ଯ୍ୟଟକମାନେ ଏବେ ପ୍ରତିଦିନ ପେଣ୍ଠ ବେଳାଭୂମିକୁ ବୁଲି ଆସି ବଣଭୋଜି କରିଥାନ୍ତି ଫଳରେ ବେଳାଭୂମିରେ ଅଳିଆ ଆବର୍ଜନା ଫୋପାଡ଼ି ଚାଲିଯାଆନ୍ତି। ସେହି ଅଳିଆ ପବନରେ ଏଣେତେଣେ ପଡ଼ିବା ସହ ସମୁଦ୍ରରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ସହ ସାମୁଦ୍ରିକ ଜୀବମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହାକୁ ରୋକିବା ସହ ପରିବେଶକୁ ପଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ସରପଞ୍ଚ ସଂଘ ପେଣ୍ଠ ବେଳାଭୂମିରେ ପହଞ୍ଚି ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ସଫେଇ କରିଥିଲେ ଓ ଏହି ସଫେଇ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ବିଡ଼ିଓ ତିଲୋତ୍ତମା ପୃଷ୍ଟି, ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ରାଜନଗରବ୍ଲକ ସରପଞ୍ଚ ସଙ୍ଘ ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଂଜନ ରାଉତ, ସସ୍ମିତା ମହାନ୍ତି, ସୁଶ୍ରୀ ସଂଗୀତା ମହାପାତ୍ର, ଶୈଳେନ୍ଦ୍ର ମିଶ୍ର, ଇତିଶ୍ରୀ ମହାପାତ୍ର, ରାଣୀ ମଞ୍ଜରୀ ସେଠୀ, ବୀଣାପାଣି ପ୍ରଧାନ, ଚିତ୍ତରଂଜନ ପଣ୍ଡା, ନନ୍ଦ ଦୁଲାଲ ପରିଡ଼ା, ସମୀର ସେଠୀ, ହେମଲତା ମାହୁନ୍ତ, ତାପସ ସାହୁ, ପ୍ରତିମା ମହାନ୍ତି, ଉତମା ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, କୈଳାସ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ ପାତ୍ର, ରଂଜନ କୁମାର ମହାନ୍ତି, ରମଣୀ ରଂଜନ ମହାପାତ୍ର, ଆର୍ତ୍ତ ବନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବେଳାଭୂମି ସଫେଇ କରିଥିଲେ।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

କେନ୍ଦ୍ରାପଡ଼ା,୧୭।୧୨(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। କୋରାପୁଟ ଜିଲ୍ଲାରେ ଶୀତର ପ୍ରଭାବ ଅଧିକ ରହୁଛି। ରାତିର ତାପମାତ୍ରା ୫ ଡିଗ୍ରୀ ବି ହୋଇଯାଉଛି। କୋରାପୁଟ ଜିଲ୍ଲାର ଅନ୍ୟ ପର୍ଯ୍ୟଟନ ସ୍ଥଳୀ ମଧରୁ ବାବା ଗୁପ୍ତେଶ୍ୱର ପୀଠ ଅନ୍ୟତମ ଅଟେ। ଅନେକ ଭକ୍ତ ଏଠାକୁ ଆସିଥାନ୍ତି। ଏହି ଭକ୍ତଙ୍କ ଠାରୁ କିଛି ଦାନ ଆଶାରେ କିଛି ଭିକ୍ଷୁକ ଏଠାରେ ପାହାଚରେ ବସିଥାନ୍ତି। ଅର୍ଥର ଅଭାବ ପାଇଁ ଶୀତବସ୍ତ୍ର ତାଙ୍କର ନଥାଏ। ଏହାକୁ ଦେଖି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ପାଇଁ କମ୍ବଳର ବ୍ୟବସ୍ଥା କରାଯାଇଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା କୋରାପୁଟ ଗସ୍ତରେ ଥିବାବେଳେ ଏହି ଘଟଣା ସଭାପତିଙ୍କ ନଜରକୁ ଆସିଥିଲା। ଏହି କମ୍ବଳ ପାଇବା ପରେ ସେ ଅଭାବି ବୁଢ଼ା ବୁଢ଼ୀଙ୍କ ଖୁସୀ କହିଲେ ନସରେ। ଏହାପରେ ଏହି ସ୍ଥାନ ଜୟ ଗୁପ୍ତେଶ୍ୱର, ଜୟ ଜଗନ୍ନାଥରେ ଭରି ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦିଲ୍ଲୀପ କୁମାର ନାଥ, ଗୌରାଙ୍ଗ ନାୟକ ଓ କଟକ ଜିଲ୍ଲା ପ୍ରତିନିଧି ମକର ବେହେରା ସାମିଲ ଥିଲେ।

# ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ମହାକାଳପଡ଼ା, ୧୭।୧୨(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ବିଦ୍ୟାଳୟ, ରାଜଗଡ଼ର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ୧୫ ଡିସେମ୍ବର ଦିନ ବାର୍ଷିକ କ୍ରୀଡା ଉତ୍ସବ କୁ ସ୍ଥାନୀୟ ସରପଞ୍ଚ ମମତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲାବେଳେ ପ୍ରଧାନ ଶିକ୍ଷକ ଅଭୟ କୁମାର ବାରିକ ଉଦଘାଟନ ଉତ୍ସବ ଏବଂ ଉଦଯାପନି ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସରପଞ୍ଚ ଶ୍ରୀମତୀ ସାମଲ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନନ୍ଦିଘୋଷ ଟିଭିର ପ୍ରତିନିଧି ଶ୍ରୀଯୁକ୍ତ ନୟନମଣୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡା ଉତ୍ସବ ୩ ଦିନ ଧରି ଚାଲିବା ସହିତ ଆଜି ୧୭ ତାରିଖରେ ଉଦଯାପିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ମଧରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟଫୁଟ, ଡିସକସ୍, ବଲ ପାସ୍, ମିୟୁଜିକ ଚେୟାର, ଟ୍ରିପିଲ ଜମ୍ପ, ଫ୍ୟାନସି ଡ୍ରେସ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୭।୧୨(ସଂଚାର ବ୍ୟୁରୋ): ଜିଲ୍ଲା ମୁଖ୍ୟାଳୟରେ ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଅଧକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଟ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଡେପୁଟି ସିଇଓ ଓରମାସ ନିରୋଧ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ, ସୁରେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ସିଡି ଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ସମେତ ଅନ୍ୟ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବ୍ରହ୍ମପୁର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଦିବଂଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ପ୍ରସଙ୍ଗ

# ବିଜେପି-ବିଜେଡି ମୁହାଁମୁହିଁ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ପ୍ରସଙ୍ଗକୁ ନେଇ ଆଜି ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ବିଜେପି। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖ୍ୟପାତ୍ର

- ଦିଲ୍ଲୀରେ ଓଡ଼ିଶା ବିରୋଧରେ ହେବ ରଣନୀତି: ଲେନିନ୍
- ପ୍ରତ୍ୟାଖାତ ହେବା ପରେ ଅବସାଦରେ ବିଜେଡି: ବିରଞ୍ଚି

ଡ. ଲେନିନ ମହାନ୍ତି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଏହାର ଜବାବ ରଖିଛନ୍ତି ବିଜେପି ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ।

ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ସ୍ୱାଧୀନତା ପରଠାରୁ ଓଡ଼ିଶାର କୌଣସି ମୁଖ୍ୟମନ୍ତ୍ରୀ ଏଭଳି ବାସଭବନ ନେଇନାହାନ୍ତି। କିନ୍ତୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ପାଇଁ କାହିଁକି ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ବାବଦ ଖର୍ଚ୍ଚ ଓଡ଼ିଶା ତହବିଲରୁ ଯାଉଥିବାରୁ ଏହାର ପ୍ରଭାବ ରାଜ୍ୟ ରାଜକୋଷ ଉପରେ ପଡ଼ିବ। ପୂର୍ବରୁ ବିଜେଡି ପକ୍ଷରୁ ମଧ୍ୟ କେତେକ ପ୍ରଶ୍ନ କରାଯାଇଥିଲେ





ମଧ୍ୟ ଅଦ୍ୟାବଧି ସରକାର ତା'ର ଉତ୍ତର ଦେଇନାହାନ୍ତି। ଗତ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ। ସେ ଦିଲ୍ଲୀ ଗଲେ ତାଙ୍କ ପାଇଁ ତ କେବେ ଆଉ ଏକ ଘର ଦରକାର ପଡୁନଥିଲା ବୋଲି ଡ. ମହାନ୍ତି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ବାସଭବନରେ ଓଡ଼ିଆଙ୍କ ବିରୋଧରେ କିଛି ହେବ ବୋଲି ବିଜେଡି ଆଶଙ୍କା କରୁଥିବା କହିଛନ୍ତି। ସେହିପରି ସେ ଅଭିଯୋଗ କରିଛନ୍ତି ଯେ ଉକ୍ତ ବଙ୍ଗଲୋର ସୁରକ୍ଷା ସକାଶେ ଓଡ଼ିଶାରୁ ଏକ ପ୍ଲାଟୁନ ପୁଲିସ ନେବାର ଅର୍ଥ ଦିଲ୍ଲୀ ପୁଲିସ ଉପରେ ଓଡ଼ିଶା ସରକାରଙ୍କର ଭରସା ନାହିଁ। ତା'ଛଡ଼ା ଏ ବାବଦରେ ମଧ୍ୟ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ତିନି ମୂର୍ତ୍ତି ଲେନରେ ବିଜେପିର ଏକ ଗୋଷ୍ଠୀ ଆଉ ଏକ କ୍ଷମତା କେନ୍ଦ୍ର ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ବିଜେଡ଼ିର ଅଭିଯୋଗ ଉପରେ କଡ଼ା ଜବାବ ରଖିଲା ବିଜେପି। ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖାତ ହେଲା ପରେ ମାନସିକ ଅବସାଦର ଚରମ ସୀମାରେ ପହଞ୍ଚିଛି ବିଜେଡି। ଶେଷ ଅବସ୍ଥାରେ ଯେମିତି କଂସଙ୍କୁ ଚାରିଆଡ଼େ କୃଷ୍ଣ ଦେଖାଯାଉଥିଲେ, ସେମିତି ବିଜେଡିକୁ ଏବେ ଚାରିଆଡ଼େ ଖାଲି ମୋହନ ଦେଖାଯାଉଛନ୍ତି। ଓଡ଼ିଶାବାସୀ ବିଜେଡିକୁ ପ୍ରମୁଖ ବିରୋଧୀ ଦଳ ଆସନରେ ବସାଇଛନ୍ତି। ଗତ ୧୭ ମାସ ଭିତରେ ବିଧାନସଭା ଅଧିବେଶନରେ ବିରୋଧୀ ଦଳ ନେତା ଓ ବିରୋଧୀ ଦଳ ଉପନେତା ଓଡ଼ିଶା ସ୍ୱାର୍ଥ ସମ୍ବନ୍ଧୀୟ କେତେ ପ୍ରସଙ୍ଗ ଉଠାଇଛନ୍ତି ବୋଲି ବିରଞ୍ଚି ପ୍ରଶ୍ନ କରିଛନ୍ତି।

ଓଡ଼ିଶା ସରକାର ଲୋକଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରଖି ଓଡ଼ିଶା ସରକାର କାମ କରୁଛନ୍ତି। ସେହି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାର ବଙ୍ଗଳା ପାଇଛନ୍ତି। କେବଳ ଓଡ଼ିଶା ନୁହେଁ, ଆହୁରି ୮ ରାଜ୍ୟ ମଧ୍ୟ ବଙ୍ଗଳା ପାଇଛନ୍ତି। ବିଜେଡି ବୋଧେ ଭୁଲିଯାଉଛି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପ୍ରାଇଭେଟ୍ ଘର ସହ ସାମ୍ନାରେ ଥିବା ରାସ୍ତାକୁ ମିଶାଇ ବ୍ୟାରିକେଡ ମାଧ୍ୟମରେ ରାସ୍ତା ବନ୍ଦ କରାଯାଇଥିଲା। ଏୟାରପୋର୍ଟ ପାଚେରୀକୁ ବି ଭାଙ୍ଗି ଦିଆଯାଇଥିଲା। ତାଙ୍କ ସରକାର ସମୟରେ ଗୁମାସ୍ତାଙ୍କ ପାଇଁ କେତେ ପୁଲିସ ସୁରକ୍ଷାରେ ରହୁଥିଲେ, ତାହା ବିଜେଡି ମନେ ପକାଇବା ଦରକାର ବୋଲି ବିରଞ୍ଚି କହିଛନ୍ତି।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମହାରାଜାଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅପାର ଗୁଣର ଅଧିକାରୀ। ରାଜା ଭାବରେ ସେ ଥିଲେ ପ୍ରଜାନୁରଞ୍ଜକ। ପ୍ରଜାମାନଙ୍କ ହିତ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକୀକରଣ ତଥା ଭାଷାଭିତ୍ତିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଆରମ୍ଭ ହୋଇଥିବା ଆନ୍ଦୋଳନରେ ମହାରାଜା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଜଙ୍ଗଲ, ପରିବେଶ ଓ



ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତ ପ୍ରକାଶ କରିଛନ୍ତି।

ଆଜି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମିଳିତ ଭାବେ ଆୟୋଜିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ ଯେ ମହାରାଜାଙ୍କ ପ୍ରଗତିଶୀଳ ଭାବନା, ପ୍ରଶାସନିକ ଦକ୍ଷତା ଓ ଲୋକ କଲ୍ୟାଣକାରୀ ପଦକ୍ଷେପ ମୟୂରଭଞ୍ଜକୁ ଦେଶର ସବୁଠାରୁ ଅଧିକ ଉନ୍ନତ ରାଜ୍ୟମାନଙ୍କ ମଧ୍ୟରେ ସାମିଲ୍ କରିଥିଲା। ମୟୂରଭଞ୍ଜର ଅରଣ୍ୟ ସମ୍ପଦ ଓ ଖଣିଜ ସମ୍ପଦର ସେ ପୁନଃମୂଲ୍ୟାୟନ କରିବା ସହ ତାଙ୍କ ଅମଳରେ ବୈଜ୍ଞାନିକ ଉପାୟରେ ଲୌହ ଉତ୍ପାଦନ ଆରମ୍ଭ ହୋଇଥିଲା ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଛନ୍ତି।

### ନ୍ୟାସନାଲ ହେରାଲ୍ଡ ମାମଲା

# ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି। ମିଥ୍ୟା ମାମଲାରେ କଂଗ୍ରେସର ପୂର୍ବତନ ସଭାନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ଫସାଇ ଦୀର୍ଘ ବର୍ଷ ଧରି ହଇରାଣ ହରକତ କରିଥିଲା। ସୁପ୍ରିମକୋର୍ଟ ନ୍ୟାସନାଲ ହେରାଲ୍ଡ ମାମଲାରେ ଶ୍ରୀମତୀ ଗାନ୍ଧି ଓ



ଶ୍ରୀ ଗାନ୍ଧିଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଛନ୍ତି। ଫଳରେ ଆଜି କଂଗ୍ରେସକୁ ମହତ୍ତ୍ୱ ନୈତିକ ବିଜୟ ମିଳିଛି। ପୁଣି ସରକାର ମହାତ୍ମା ଗାନ୍ଧି କର୍ମନିଯୁକ୍ତି ଯୋଜନାର ନାମ ବଦଳାଉଛନ୍ତି। ଏହା ଜାତିର ପିତା ମହାତ୍ମା ଗାନ୍ଧି ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କୋଟି କୋଟି ଭାରତୀୟଙ୍କୁ ଆଘାତ ଦେଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ଏଥିସହ ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପ ବିରୋଧରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଆଜି ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ଦଳ ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

### ଋଣ ଶୁଝୁନାହାନ୍ତି ଗ୍ରହୀତା

# ମାନସିକ ଯନ୍ତ୍ରଣାରେ ଗ୍ୟାରେଣ୍ଟର୍ ପରିବାର

**ବାଲେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଓଡ଼ିଆରେ ଏକ ପ୍ରବାଦ ରହିଛି, 'ମାନି ଜାମିନ୍ ମଧ୍ୟସ୍ଥି, ମନା କରିଛନ୍ତି ଅଗସ୍ତି'। ଅର୍ଥାତ୍ କୌଣସି ପରିସ୍ଥିତିରେ ବି କାହା ପାଇଁ ମାନି ପଡିବା କଦାପି ବୁଦ୍ଧିମାନର କାର୍ଯ୍ୟ ନୁହେଁ। କାରଣ ଏପରି ପରିସ୍ଥିତିରେ ଭବିଷ୍ୟତରେ ମଧ୍ୟସ୍ଥି ବନିଥିବା ବ୍ୟକ୍ତି ଭାଗରେ କେବଳ ସମସ୍ୟା ହିଁ ପଡ଼ିଥାଏ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଖରିଦଚକ ଗାଁର ପ୍ରଭୁରାମ ଦେ'ଙ୍କ ପାଇଁ ଏହି ଉକ୍ତିଟି ଶତପ୍ରତିଶତ ସତ୍ୟ ସାବ୍ୟସ୍ତ ହୋଇଛି।

ମିଳିଥିବା ସୂଚନାନୁସାରେ, ବେଣୁଦା ଗ୍ରାମର ଯାଦବେନ୍ଦ୍ର ପ୍ରଧାନ ଶିଳ୍ପପତି ହେବା ପାଇଁ ବାଲେଶ୍ୱରର କାନାଡା ବ୍ୟାଙ୍କରୁ ଋଣ ମଞ୍ଜୁରୀ ପାଇଁ ଉଦ୍ୟମ କରିଥିଲେ। ତେବେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଜଣେ ଗ୍ୟାରେଣ୍ଟର ଲୋଡ଼ିବା ଫଳରେ ଶ୍ରୀ ପ୍ରଧାନ ଖରିଦଚକ ଗାଁର



ପ୍ରଭୁରାମ ଦେ'ଙ୍କୁ ଏ ଦିଗରେ ସହାୟତା ମାଗିଥିଲେ। ପ୍ରଭୁରାମଙ୍କ ଶ୍ୱଶୁର ଯୋଗେନ୍ଦ୍ର ନାଥ ପାଳଙ୍କ ଜରିଆରେ ଶ୍ରୀ ପ୍ରଧାନ ୧୨ ଡିସିମିଲ ଘରବାଡ଼ି ବନ୍ଧା ପକାଇ ଋଣ ଟଙ୍କା ଉଠାଇଥିଲେ। କିନ୍ତୁ ଋଣ ନେବା ପରେ ଶ୍ରୀ ପ୍ରଧାନ କିସ୍ତି ଶୁଝିବା ପ୍ରତି ଗୁରୁତ୍ୱ ଦେଇନଥିଲେ। ତେଣୁ ବ୍ୟାଙ୍କ୍ ଗ୍ୟାରେଣ୍ଟର୍ ପଡ଼ିଥିବା ପ୍ରଭୁରାମଙ୍କ ପାଖରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପହଞ୍ଚି ବକେୟା ଥିବା ୪୯ ଲକ୍ଷ ୫୩ ହଜାର ୩୬୦ ଟଙ୍କା ପଇଠ କରିବାକୁ କହିଥିଲେ। କିନ୍ତୁ ପ୍ରଭୁରାମଙ୍କ ପକ୍ଷରେ ଏତେ ଟଙ୍କା ଦେବା ସମ୍ଭବପର ନଥିବାରୁ ସେ ଦେଇପାରିନଥିଲେ। ତେଣୁ ଏବେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଘରବାରି ନିଲାମ ପାଇଁ ପ୍ରଭୁରାମଙ୍କୁ ନୋଟିସ ପଠାଇଛନ୍ତି। ଏହି ଘଟଣାରେ ପ୍ରଭୁରାମଙ୍କ ସ୍ତ୍ରୀ କମର୍ଦ୍ଦା ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ଫାଇଦା ମିଳିପାରିନାହିଁ।

ପ୍ରଭୁରାମଙ୍କ ସ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ତାଙ୍କ ସ୍ୱାମୀଙ୍କୁ ମିଛ କଥା କହି ଯୋଗେନ୍ଦ୍ର ନାଥ ଶାଶୂଙ୍କଠାରୁ ଜମି କାଗଜପତ୍ର ନେଇଥିଲେ ଓ ଏହାକୁ ଭିତ୍ତି କରି ଘରଡିହ ବନ୍ଧା ପକାଇଥିଲେ। ଏବେ ଯଦି ବ୍ୟାଙ୍କ ନୋଟିସ୍ ଅନୁସାରେ ଘରଡିହ ନିଲାମ କଲେ ପୂରା ପରିବାରର ୧୨ ଜଣ ସଦସ୍ୟ ବାସହୀନ ହୋଇ ଦାଣ୍ଡରେ ବସିବେ ବୋଲି ପ୍ରଭୁରାମଙ୍କ ସ୍ତ୍ରୀ କହିଛନ୍ତି।

ବିଶ୍ୱାସରେ ବିଷ ଦେଇ ଶ୍ରୀ ପ୍ରଧାନ ଋଣ ନେବା ପରେ କୁଆଡ଼େ ପଳାଇଯାଇଥିବା ବେଳେ ତାଙ୍କ ପାଇଁ ଗ୍ୟାରେଣ୍ଟର୍ ପଡ଼ିଥିବା ପ୍ରଭୁରାମଙ୍କ ପରିବାର ଘୋର ଚିନ୍ତାରେ ସମୟ କାଟୁଛି। ତେଣୁ ଏ ଦିଗରେ ତୁରନ୍ତ ଶ୍ରୀ ପ୍ରଧାନ ପଦକ୍ଷେପ ନେଇ ଋଣ ଟଙ୍କା ପରିଶୋଧ କରିବା ସକାଶେ ପ୍ରଭୁରାମ ଦାବି କରିଛନ୍ତି। ନଚେତ୍ ପୂରା ପୂରିବାର ଯୋଗେନ୍ଦ୍ର ନାଥଙ୍କ ଘର ସମ୍ମୁଖରେ ଧାରଣା ଦେବାକୁ ପ୍ରଭୁରାମଙ୍କ ସ୍ତ୍ରୀ ଚେତାବନୀ ଦେଇଛନ୍ତି।

### ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

# ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି। ମହୋତ୍ସବର ପ୍ରତି ସନ୍ଧ୍ୟାରେ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥିବା ବେଳେ ଚଳିତ ଥର ପୁସ୍ତକ ମହୋତ୍ସବର ଟ୍ୟାଗଲାଇନ 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' ରହିଥିଲା। ପୁସ୍ତକ ମହୋତ୍ସବରେ ୫୫୦ଟି ଷ୍ଟଲ ନିର୍ମାଣ ହେବା ସହ ୨୦୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଅଂଶଗ୍ରହଣ କରିଥିଲେ। ୬ଟି ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ମଧ





ଅଂଶଗ୍ରହଣ କରିଥିବାବେଳେ ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଅନେକ କିଛି ଆକର୍ଷଣର କେନ୍ଦ୍ର ସାଜିଥିଲା। ବରପୁତ୍ର ଓ ସାରସ୍ୱତ ସାଧକଙ୍କୁ ସମ୍ମାନ ସ୍ୱରୂପ ମୁଖ୍ୟ ପଥକୁ ମା' ରମାଦେବୀ, ଭିତର ପ୍ରବେଶ ପଥକୁ ସନ୍ଥ କବି ଭୀମଭୋଇ, ମୁଖ୍ୟ ମଞ୍ଚକୁ କବି ରମାକାନ୍ତ ରଥ ଓ ଭିତର ମଞ୍ଚକୁ ବାଜି ରାଉତ ମଞ୍ଚ ନାମରେ ନାମିତ କରାଯାଇଥିଲା। ସେହିପରି ମହୋତ୍ସବର ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାଶନ ସଂସ୍ଥା ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ମହୋତ୍ସବରେ ୧୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେଲ୍ଫି ପଏଣ୍ଟରେ ପାଠକମାନେ ଫଟୋ ଉଠାଇ 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' ହ୍ୟାସ୍‌ଟ୍ୟାଗ ବ୍ୟବହାର କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ସେହିପରି ମହୋତ୍ସବର ବିଭିନ୍ନ ଦିନରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର ବିଧାୟକ ବାବୁ ସିଂ ବୁଲିବା ସହ ବହି କିଣିଥିଲେ। ଓଡ଼ିଶା ବିଧାନସଭା ପାଠାଗାର ସବ୍-କମିଟିର ଅଧ୍ୟକ୍ଷ ତଥା ବିଧାୟକ କୋରେଇ ଆକାଶ ଦାସ ନାୟକ, ସଦସ୍ୟ ବିଧାୟକ ଜୟଦେବ ନବ କିଶୋର ମଲ୍ଲିକ, ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର, ପ୍ରତିଭା ରାୟ, ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ, ଚନ୍ଦ୍ରଭାନୁ ଶତପଥୀ ମହୋତ୍ସବ ପରିଦର୍ଶନ କରିଥିଲେ।

# 'ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ' ସମ୍ବନ୍ଧୀୟ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ କାରଖାନାମାନଙ୍କର ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ଶ୍ରମିକ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଇଆସୁଥିବାରୁ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅନୁମୋଦନ କ୍ରମେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ସୁରକ୍ଷା ଅଧିକାରୀମାନଙ୍କ ନିମନ୍ତେ ସୁରକ୍ଷା ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଗତ ୧୨ ତାରିଖରେ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ସହଯୋଗରେ ସେହି ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ 'ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ' ସମ୍ବନ୍ଧୀୟ ପ୍ରଶିକ୍ଷଣ, ଅଲୁମିନିୟମ୍ ୟୁନିଟ୍‌ସର ସୁରକ୍ଷା ସମିତି ସଦସ୍ୟଙ୍କ ଉପସ୍ଥିତିରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଦ୍ୱିତୀୟ ଦଫାରେ ୪୧ ଜଣ ନିରାପତ୍ତା ଅଧିକାରୀଙ୍କ ଉପସ୍ଥିତିରେ ମଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସୁରକ୍ଷା ସମିତିକୁ





ଶକ୍ତିଶାଳୀ କରି ସଦସ୍ୟମାନଙ୍କର ସଚେତନତା, ଦାୟିତ୍ୱ ଓ ସଫଳ ପଦକ୍ଷେପ ଦ୍ୱାରା କାର୍ଯ୍ୟସ୍ଥଳର ସୁରକ୍ଷା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗ ଦେଇ ସୁରକ୍ଷା କେବଳ ନିୟମରେ ସୀମିତ ନୁହେଁ, ଏହା ଦାୟିତ୍ୱବୋଧ ଓ ସହଯୋଗର ଫଳ ବୋଲି କହିଛନ୍ତି। ସେହିପରି କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ କହିଛନ୍ତି ଯେ କାର୍ଯ୍ୟସ୍ଥଳରେ ସୁରକ୍ଷା ସୁନିଶ୍ଚିତ କରିବା କେବଳ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ କର୍ମଚାରୀଙ୍କର ମଧ୍ୟ ସାମୂହିକ ଦାୟିତ୍ୱ। ନିୟମିତ ପ୍ରଶିକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ ସମିତିର ସକ୍ରିୟ ଭୂମିକା ମାଧ୍ୟମରେ ଆମେ ଦୁର୍ଘଟଣାକୁ କମାଇ ସୁରକ୍ଷିତ, ସୁସ୍ଥ ପରିବେଶ ଗଢ଼ିପାରିବା ବୋଲି ଡଃ ପ୍ରଧାନ କହିଛନ୍ତି।

# ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା, ମନସ୍ତତ୍ତ୍ୱ ସହାୟତା ନିଆଯାଉନି

**ଭୁବନେଶ୍ୱର,୧୭।୧୨:** ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବାରମ୍ବାର ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଉଦବେଗ ସୃଷ୍ଟି କରୁଥିବା ବେଳେ ଏଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଥିବା ବ୍ୟବସ୍ଥାର ଠିକଣା ଅନୁପାଳନ ହେଉନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ମନସ୍ତତ୍ତ୍ୱ ପରାମର୍ଶଦାତାଙ୍କୁ ସଂଖ୍ୟାଧିକ କ୍ଷେତ୍ରରେ ନିୟୋଜନ କରାଯାଉ ନ ଥିବାରୁ ଅବସାଦଗ୍ରସ୍ତ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ତରରେ ଉପଚାର କରାଯାଇପାରୁନାହିଁ।

ଉଲ୍ଲେଖନୀୟ ଯେ ବିଭିନ୍ନ କାରଣରୁ ଛାତ୍ରଛାତ୍ରୀଙ୍କ ଭିତରେ ମାନସିକ ଅବସାଦ ବୃଦ୍ଧି ପାଇଥାଏ। ଏଥିଯୋଗୁଁ କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତିବର୍ଷ କେତେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଆସୁଛନ୍ତି। ମନସ୍ତତ୍ତ୍ୱବିତ୍‌ମାନେ କହୁଛନ୍ତି ଯେ ପାଠପଢ଼ାର ଚାପ, ପ୍ରେମ ବ୍ୟାପାର, ଆର୍ଥିକ ଦୁରବସ୍ଥା, ଭବିଷ୍ୟତରେ ନିଯୁକ୍ତି ମିଳିବାର ଅନିଶ୍ଚିତତା ଓ ଅନ୍ୟ କେତେକ କାରଣରୁ ପିଲାମାନଙ୍କର ମାନସିକ ଅବସାଦ ବଢ଼ିଥାଏ। କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ମଧ୍ୟ ମାନସିକ ରୋଗରେ ଆକ୍ରାନ୍ତ ହୋଇଯାଇଥାନ୍ତି। ଏହାଛଡ଼ା ନିଶାର ପ୍ରସାର ଓ ବିଭିନ୍ନ ପ୍ରକାରର ହିଂସା ଓ ସର୍ବୋପରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଅନେକ ନକାରାତ୍ମକ ତଥ୍ୟ ଛାତ୍ରଛାତ୍ରୀମାନଙ୍କୁ ଦୁର୍ବଳ କରୁଛି।



ଏହି ସମସ୍ୟା ବର୍ଷକୁ ବର୍ଷ ଗମ୍ଭୀର ହେଉଥିବା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ପ୍ରକାରର ଉଚ୍ଚ ଶିକ୍ଷାନୁଷ୍ଠାନ ପିଲାଙ୍କ ମାନସିକ ଚାପ ଲାଘବ କରିବା ଲାଗି ଅଭିଜ୍ଞ ମନସ୍ତତ୍ତ୍ୱବିତ୍‌ମାନଙ୍କ ପରାମର୍ଶ ନିଆଯିବା କଥା। ତେବେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ମନସ୍ତତ୍ତ୍ୱବିତ୍‌ମାନଙ୍କର ସହାୟତା ନିଆଯାଉନାହିଁ। ଯେତେବେଳେ କୌଣସି କାରଣରୁ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ସେତେବେଳେ କିଛିଦିନ ପାଇଁ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହୋଇ ପୁଣି ଆଉ ଜଣେ ଛାତ୍ର କି ଛାତ୍ରୀ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ନିରବୀ ଯାଉଛି। କେବଳ ଆତ୍ମହତ୍ୟା ନୁହେଁ, କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ମଧ୍ୟ ହତ୍ୟାକାଣ୍ଡ, ଦୁର୍ବ୍ୟବହାର ଭଳି ଅପରାଧର ସମ୍ମୁଖୀନ ହେଉଛନ୍ତି। ଯେଉଁ କ୍ଷେତ୍ରରେ ପିଲାମାନଙ୍କର ଏଭଳି ସମସ୍ୟା ଉପୁଜୁଛି, ତା'ର ନିରାକରଣ ଲାଗି ତୁରନ୍ତ ମନସ୍ତତ୍ତ୍ୱ ବିଶାରଦମାନଙ୍କ ପରାମର୍ଶ ନେବା ଆବଶ୍ୟକ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ କର୍ତ୍ତୃପକ୍ଷ, ପରିବାରବର୍ଗ, ସାଙ୍ଗସାଥୀମାନେ ଏ ସଂକ୍ରାନ୍ତରେ ସଚେତନ ହେଲେ ବହୁ କ୍ଷେତ୍ରରେ ଆତ୍ମହତ୍ୟା ସମେତ ନିଶା ଓ ଅନ୍ୟାନ୍ୟ ଅପରାଧକୁ ଏଡ଼ାଇ ଦେଇ ହେବ। ଏଥିଲାଗି ନିୟମିତ ବ୍ୟବଧାନରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସହ ମନସ୍ତତ୍ତ୍ୱ ବିଶାରଦମାନଙ୍କର ଆଲୋଚନା କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଏହି ସମସ୍ୟା ଉଭୟ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ବଢ଼ି ବଢ଼ି ଚାଲୁଛି ଓ ଏଥିଯୋଗୁଁ ପୁଲିସ୍ ଓ ପ୍ରଶାସନ ମଧ୍ୟ ବହୁ କ୍ଷେତ୍ରରେ ଅଡୁଆରେ ପଡୁଛି। ଯେଉଁସବୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମନସ୍ତତ୍ତ୍ୱ ପରାମର୍ଶଦାତା ନାହାନ୍ତି ଓ ଆଉ ଯେଉଁସବୁ ସ୍ଥାନରେ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ, ସେଗୁଡ଼ିକୁ ଚିହ୍ନଟ କରି କର୍ତ୍ତୃପକ୍ଷ ଉତ୍ତରଦାୟୀ ରଖିବା ଆବଶ୍ୟକ ବୋଲି ମନସ୍ତତ୍ତ୍ୱ ବିଶାରଦମାନେ କହୁଛନ୍ତି। (ତଥ୍ୟ)

# 'ବିକଶିତ ଭାରତ @୨୦୪୭' ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି),ଭୁବନେଶ୍ୱର ପକ୍ଷରୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକଠାରେ 'ବିକଶିତ ଭାରତ @୨୦୪୭' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକଙ୍କୁ ଅବଗତ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଓଲାଭର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଏମ-କିସାନ, ଜଳ ଜୀବନ ମିଶନ, ପିଏମ ଆବାସ ଯୋଜନା ଓ ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ଯୋଜନା କିଭଳି ଗ୍ରାମୀଣ ଅର୍ଥନୀତି ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣୁଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବପିଢ଼ିଙ୍କୁ ଦେଶ ଗଠନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ପରିବେଶ ସୁରକ୍ଷା ପାଇଁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଏକ ସଚେତନତା ଶୋଭାଯାତ୍ରା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇତି ଶ୍ରୀକାନ୍ତ ସ୍ୱାଇଁ ଓ ସମାଜସେବୀ ବ୍ରଜବନ୍ଧୁ ଦାଶ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ପରିବେଶ ଦାୟିତ୍ୱବୋଧ ବିଷୟରେ ପରାମର୍ଶ ଦେଇଥିଲେ। ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଭାବେ 'ଖେଲୋ ଇଣ୍ଡିଆ'ର ଆଭିମୁଖ୍ୟକୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚାମ୍ପିଅନସିପ

# ଓଡ଼ିଶା ଦଳର ୟୁପି ଯାତ୍ରା



**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ଆଗ୍ରାଠାରେ ଆୟୋଜିତ ହେବାକୁ ଥିବା ୩୩ତମ ଜାତୀୟ ଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ ପାଇଁ ଓଡିଶା ବାଳକ ଓ ବାଳିକା ଦଳ ଆଜି ଉତ୍କଳ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱରରୁ ଉତ୍ତର ପ୍ରଦେଶ ଯାତ୍ରା କରିଛନ୍ତି। ବାଳକ ଦଳରେ ଆଶିଷ ରଞ୍ଜନ ମଲ୍ଲିକ, ଶ୍ରବଣ କୁମାର ଦିଗଲ, ବିମଳ ସିଂ, ଆଲୋକ କୁମାର ମହାରଣା, ଟି. ଅମନ କୁମାର, ସାଇ ସତ୍ୟମ, ଜ୍ୟୋତି ରଞ୍ଜନ ପ୍ରଧାନ, ପ୍ରୀତମ ଦାସ, ପି. ଦିବାକର ପାତ୍ର, ମାଡ଼ମାସୀପୂର୍ଣ୍ଣ ଦାସ, ସଚ୍ଚିଦାନନ୍ଦ ମାଳି, ପ୍ରବୋଧ କୁମାର ସିଂ, ଏସକେ ଇମ୍ରାନ, ଚନ୍ଦନ ପାତ୍ର ରହିଥିବା ବେଳେ ମ୍ୟାନେଜର ଦାୟିତ୍ୱ ସୁନୀଲ ମହାରଣା ଓ କୋଚ୍ ଦାୟିତ୍ୱ ରଞ୍ଜନ କୁମାର ନାୟକ ତୁଲାଇବେ। ସେହିପରି ବାଳିକା ଦଳରେ ଈପ୍‌ସିତା ରାଣୀ, ପ୍ରତିଭାମୟୀ ଦାସ, ମନୀଷା ସାହୁ, ପ୍ରତୀକ୍ଷା ଦାସ, ଯଜ୍ଞଆସିନି ହରିଅନ, ବୀଣା ଗଣ୍ଡ, ଆଦ୍ୟାଶା ମିଶ୍ର, ଶ୍ୟାମପ୍ରିୟ ସ୍ୱାଇଁ, ଶିବାନୀ ପ୍ରଧାନ, ସୁଦୀପ୍ତ ଷଡ଼ଙ୍ଗୀ, ଅର୍ପିତା ବେହେରା, ଅଭିଷିକ୍ତ ଦାସ, ଯମୁନା ପ୍ରିୟଦର୍ଶିନୀ ଧାରୁଆ ରହିଥିବା ବେଳେ କୋଚ ପି. ନନ୍ଦିନୀ ଉତ୍କଳ ଏକ୍ସପ୍ରେସ ଯୋଗେ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳକୁ ଆଗାମୀ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସକାଶେ ଓଡିଶା ଟେନିସ ବଲ କ୍ରିକେଟ ସଂଘ ସଭାପତି ସୂରଜ କୁମାର ମିଶ୍ର, ସମ୍ପାଦକ ଶିଥିଳ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ପରିଡା ଓ ବରିଷ୍ଠ କୋଚ ଚକ୍ରଧର ମାଝୀ ଶୁଭେଚ୍ଛା ଦେଇଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୧୮ ଡିସେମ୍ବର ୨୦୨୫, ଭୁବନେଶ୍ୱର
Thursday 18 December 2025, Bhubaneswar

# ରାଜନୈତିକ ଭ୍ରଷ୍ଟାଚାରର ଅନ୍ତହୀନ କାହାଣୀ

ନ୍ୟାସନାଲ୍ ହେରାଲ୍ଡ କେସ୍ ଭାରତୀୟ ରାଜନୀତିର ଏକ ବିବାଦୀୟ ଅଧ୍ୟାୟ ଯାହା କଂଗ୍ରେସ ପାର୍ଟିର ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ କରିଛି। ଏହି ମାମଲା ୨୦୧୨ରେ ବିଜେପି ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଦ୍ୱାରା ଦାୟର ହୋଇଥିଲା, ଯେଉଁଥିରେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ଧନ ଦୁର୍ନୀତି ଏବଂ ସମ୍ପତ୍ତି ହଡ଼ପ କରିବାର ଅଭିଯୋଗ ଉଠାଯାଇଥିଲା। ଏହାର ମୂଳରେ ରହିଛି ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍ (ଏଜେଏଲ୍)ର ସମ୍ପତ୍ତି, ଯାହା ନ୍ୟାସନାଲ୍ ହେରାଲ୍ଡ ଖବରକାଗଜର ପ୍ରକାଶକ ଥିଲା। ଏହି କମ୍ପାନୀ ୧୯୩୭ରେ ସ୍ଥାପିତ ହୋଇଥିଲା ଏବଂ ଜବାହରଲାଲ୍ ନେହେରୁଙ୍କ ସମର୍ଥନରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ୨୦୦୮ରେ ଏହାର ପ୍ରକାଶନ ବନ୍ଦ ହୋଇଯାଇଥିଲା ଏବଂ ଏହାର ସମ୍ପତ୍ତିର ମୂଲ୍ୟ ପ୍ରାୟ ୫,୦୦୦ କୋଟି ଟଙ୍କା ଥିଲା।




ଅଭିଯୋଗ ଅନୁଯାୟୀ, କଂଗ୍ରେସ ପାର୍ଟି ଏଜେଏଲ୍କୁ ୯୦.୨୫ କୋଟି ଟଙ୍କାର ସୁଧମୁକ୍ତ ଋଣ ଦେଇଥିଲା, ଯାହା ପରେ ୨୦୧୦ରେ ଇୟଙ୍ଗ ଇଣ୍ଡିଆନ୍ (ୱାଇଆଇ) ନାମକ ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା। ଏହି କମ୍ପାନୀର ୭୬ ପ୍ରତିଶତ ଅଂଶଧନ ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କ ନିୟନ୍ତ୍ରଣରେ ଥିଲା। ସ୍ୱାମୀଙ୍କ ଦାବି ଅନୁଯାୟୀ, ଏହା ଏକ ଧନ ଦୁର୍ନୀତି ଏବଂ ଜନସାଧାରଣର ଧନକୁ ବ୍ୟକ୍ତିଗତ ଉପଯୋଗ ପାଇଁ ବ୍ୟବହାର କରିବାର ଉଦାହରଣ। ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ (ଇଡି) ଏହି କେସରେ ଧନ ଶୁଦ୍ଧିକରଣର ଅଭିଯୋଗ ଉଠାଇଥିଲା ଏବଂ ୨୦୨୩ରେ ୭୫୧.୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ବିଜେପି ଏହାକୁ କଂଗ୍ରେସର ପରିବାରବାଦୀ ଭ୍ରଷ୍ଟାଚାରର ପ୍ରମାଣ ବୋଲି ବର୍ଣ୍ଣନା କରିଛି।

କଂଗ୍ରେସ ପକ୍ଷରୁ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କୁହାଯାଉଛି। ପାର୍ଟିର କହିବା ଅନୁଯାୟୀ, ଏହି ଋଣ କେବଳ ଖବରକାଗଜକୁ ପୁନର୍ଜୀବିତ କରିବା ପାଇଁ ଥିଲା ଏବଂ କୌଣସି ବ୍ୟବସାୟିକ ଉଦ୍ଦେଶ୍ୟ ନଥିଲା। ଅଶୋକ ଗେହଲୋଟ୍ ପରି ନେତାମାନେ ଏହାକୁ 'ସତ୍ୟର ବିଜୟ' ବୋଲି କହିଛନ୍ତି। କିନ୍ତୁ ଏହି ଦାବି ସତ୍ତ୍ୱେ, ମାମଲାରେ ଉଠିଥିବା ପ୍ରଶ୍ନଗୁଡ଼ିକ କଂଗ୍ରେସର ନୈତିକତା ଏବଂ ପାରଦର୍ଶିତା ଉପରେ ଛାୟା ପକାଇଛି। କାହିଁକି ଏକ ରାଜନୈତିକ ପାର୍ଟିର ଧନକୁ ଏକ ପ୍ରାଇଭେଟ୍ କମ୍ପାନୀକୁ ହସ୍ତାନ୍ତର କରାଗଲା? ଏହା କେବଳ ପରିବାରର ନିୟନ୍ତ୍ରଣ ବଢ଼ାଇବା ପାଇଁ ନୁହେଁ କି?

ନିକଟରେ, ଡିସେମ୍ବର ୧୬, ୨୦୨୫ରେ ଦିଲ୍ଲୀ କୋର୍ଟ ଇଡିର ଧନ ଶୁଦ୍ଧିକରଣ ଅଭିଯୋଗକୁ ଖାରଜ କରିଦେଇଛି। କୋର୍ଟ କହିଛନ୍ତି ଯେ ଏହି ଅଭିଯୋଗ ଏକ ଏଫଆଇଆର୍ ଆଧାରରେ ନଥିଲା, ଯାହା ମନିଲଣ୍ଡ୍ରିଂ ଆଇନ୍ ଅନୁଯାୟୀ ଆବଶ୍ୟକ। ଏହା ପୂର୍ବରୁ ଅକ୍ଟୋବର ୩, ୨୦୨୫ରେ ଦିଲ୍ଲୀ ପୋଲିସର ଇକୋନମିକ୍ ଅଫେନ୍ସେସ୍ ୱିଙ୍ଗ୍ ଏକ ଏଫଆଇଆର୍ ଦାୟର କରିଥିଲା ଯେଉଁଥିରେ ପ୍ରତାରଣା, ଧନ ହଡ଼ପ ଏବଂ ଷଡ଼ଯନ୍ତ୍ରର ଅଭିଯୋଗ ରହିଛି। ଏହି ନିଷ୍ପତ୍ତି କଂଗ୍ରେସକୁ ଅସ୍ଥାୟୀ ଆରାମ ଦେଇଛି, କିନ୍ତୁ କେସ୍ ସମ୍ପୂର୍ଣ୍ଣ ଖାରଜ ହୋଇନାହିଁ। ଇଡିର ଭୂମିକା ସୀମିତ ହୋଇପାରେ, କିନ୍ତୁ ମୂଳ ଅଭିଯୋଗଗୁଡ଼ିକ ଏବେ ବି ଜାରି ରହିଛି।

ଏହି ମାମଲା ଭାରତୀୟ ରାଜନୀତିରେ ଭ୍ରଷ୍ଟାଚାରର ସମସ୍ୟାକୁ ଉଜାଗର କରୁଛି। କଂଗ୍ରେସ ଏହାକୁ ରାଜନୈତିକ ପ୍ରତିହିଂସା ବୋଲି କହୁଥିବା ବେଳେ, ଅଭିଯୋଗଗୁଡ଼ିକ ସମ୍ପତ୍ତି ହସ୍ତାନ୍ତରର ଅସ୍ପଷ୍ଟତାକୁ ଦର୍ଶାଉଛି। ପରିବାରବାଦ ଏବଂ ଧନର ଦୁରୁପଯୋଗ ଭାରତୀୟ ରାଜନୀତିର ଏକ ପୁରୁଣା ରୋଗ, ଯାହା କଂଗ୍ରେସରେ ଅଧିକ ଦୃଶ୍ୟମାନ। ଯଦିଓ କୋର୍ଟର ନିଷ୍ପତ୍ତି ସତ୍ୟର ବିଜୟ ବୋଲି କହାଯାଉଛି, କିନ୍ତୁ ଜନସାଧାରଣର ଧନର ସୁରକ୍ଷା ପାଇଁ ଅଧିକ ପାରଦର୍ଶିତା ଆବଶ୍ୟକ। ଏହି କେସ୍ ରାଜନୈତିକ ଦଳଗୁଡ଼ିକୁ ନିଜର ଆର୍ଥିକ କାର୍ଯ୍ୟକଳାପରେ ନୈତିକତା ବଜାୟ ରଖିବାକୁ ଚେତାବନୀ ଦେଉଛି। ଶେଷରେ, ଏହା ଏକ ସମାଜରେ ନ୍ୟାୟର ପ୍ରକ୍ରିୟାକୁ ପ୍ରତିଫଳିତ କରୁଛି ଯେଉଁଠି ରାଜନୀତି ଏବଂ ଧନ ମିଶି ଏକ ଜଟିଳ ଜାଲ ସୃଷ୍ଟି କରିଛି।

# ଜୀବନଶୈଳୀ

**ଦାଶରଥି ଶତପଥୀ**



ଜୀବନକୁ ସୁଖରେ ଉପଭୋଗ କରିବାକୁ ଗଲେ ଏବଂ ଶାନ୍ତିରେ ବଂଚି ରହିବାକୁ ହେଲେ ଆପଣଙ୍କୁ କିଛି ଶୈଳୀ ବା କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ମନୁଷ୍ୟ ଜନ୍ମ ଏକ ଅମୂଲ୍ୟ ସମ୍ପଦ ଏବଂ ଜୀବନରେ କଳା ଏବଂ କୌଶଳ ମଧ ଅନୁରୂପଭାବେ କରଣୀୟ, ସେଥିପାଇଁ ସବୁବେଳେ ଅର୍ଥବଳ ବା ଧନବଳର ଆବଶ୍ୟକତା ନଥାଏ। ତେଣୁ ଆଗକୁ ଆମ ରୁଚି, ଚିନ୍ତାଧାରା ନେଇ ଜୀବନ ଅତିବାହିତ କରିବାକୁ ପଡ଼ିବ। ସର୍ବପ୍ରଥମେ ଈଶ୍ୱର ବିଶ୍ୱାସ ଏବଂ ସବୁ ସମୟରେ ସକରାତ୍ମକ ଚିନ୍ତାଧାରା। ଜୀବନ ଅଛିମାନେ ସୁଖ ଅଛି, ଶାନ୍ତି ଅଛି, ଦୁଃଖ ଅଛି, ଅନୁଶୋଚନା ଅଛି। ତାହାରି ମଧ୍ଯରେ ଶାନ୍ତି ଆମ ମନରେ ଅଛି, ପ୍ରାଣରେ ଅଛି, ହୃଦୟରେ ଅଛି। ତେଣୁ ଆମେ ଯେଉଁଭଳି ଭାବରେ ଏହାକୁ ବିନିଯୋଗ କରିପାରିବା ଏହା ଆମର ଦୈନନ୍ଦିନ କର୍ମଶୈଳୀ ଓ ବିଚାରଧାରା ଉପରେ ନିର୍ଭର କରୁଛି। ଆମର ବ୍ୟବହାରିକ ଜୀବନରେ ଏହାକୁ ବିନିଯୋଗ କରିପାରିଲେ ମନୁଷ୍ୟ ସଦାସର୍ବଦା କର୍ମତତ୍ପର, ଚଳଚଞ୍ଚଳ, ସୁସ୍ଥ ଓ ନିରୋଗ ରହିପାରିବ।

ଜୀବନରେ ସବୁବେଳେ ନୂଆ ନୂଆ କଥା ଶିଖୁବା ଏବଂ ଏହାକୁ ଦୈନନ୍ଦିନ କାର୍ଯ୍ୟରେ ବିନିଯୋଗ କରିବା। ଶିଖିବାର କେବେ ଶେଷ ନଥାଏ, ପରନ୍ତୁ ଏହା ଏକ ନିରନ୍ତର ପ୍ରକ୍ରିୟା ଏବଂ ନିରନ୍ତର ପ୍ରଚେଷ୍ଟା। ସବୁସମୟରେ ଲୋକମାନଙ୍କ ସହିତ ମିଶିବା ଏବଂ ଯଦି ପାରୁଛେ, କିଏ ସୁବିଧା ଅସୁବିଧାରେ ଅଛି ଯଦି ଆମଦ୍ୱାରା କିଛି କାର୍ଯ୍ୟ ସାଧିତ ହୋଇପାରୁଛି ତାଙ୍କୁ ଯଥୋଚିତ ସାହାଯ୍ୟ ସହଯୋଗ ଯୋଗାଇଦେବା। ପରନିନ୍ଦା ପରଚର୍ଚ୍ଚାଠାରୁ ସବୁବେଳେ ଦୂରେଇ ରହିବା। ଆମମାନଙ୍କ କଥାକୁ ସମ୍ମାନ ଦେବା ଏବଂ ଧୀରଚିତ୍ତ ଏବଂ ଶାନ୍ତଚିତ୍ତରେ ଶୁଣିବା ଏବଂ ଅଯଥା ଯୁକ୍ତିତର୍କଠାରୁ ଦୂରେଇ ରହିବା।

ଲଗାତାର ପ୍ରୟାସ କରିବା, ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ଯୋଗ, ବ୍ୟାୟାମ ଏବଂ ପ୍ରାଣାୟମ କରିବା, ଯେଉଁ କାର୍ଯ୍ୟରେ ରୁଚି ରହୁଛି ସେହି କାମକୁ ଅଧିକ ଗୁରୁତ୍ୱଦେବା, ଏହା ଚାଲିବା ହେଉ, ବଗିଚା ହେଉ, ଅଥବା ନାଚ ଗୀତ ଜୀବନରେ ସବୁବେଳେ ପ୍ରକୃତି ଏବଂ ପୁସ୍ତକ ସହିତ ମିତ୍ରତା କରିବା, ପ୍ରୟାଗ ତତ୍ତ୍ୱବିଦ୍ୟାରେ ରୁଚି ରଖି ଦେଶ ବିଦେଶରେ ଏବଂ ବିଶେଷକରି ବିଭିନ୍ନ ସମାଜରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅବଗତ ହେବା। ଯେଉଁ କାର୍ଯ୍ୟଟି କରିବା ତାକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରଖି ଚେଷ୍ଟା କରିବା। ସଫଳତା ସେଇମାନଙ୍କୁ ମିଳେ ଯେଉଁମାନେ ଅକ୍ଲାନ୍ତ ପରିଶ୍ରମ କରିନ୍ତି। ପରିଶ୍ରମର ଫଳ କେବେବି ବୃଥା ଯାଏନାହିଁ।

ସର୍ବଶେଷରେ ଏହା କୁହାଯାଇପାରେ, ସମୟ ବଡ଼ ବଳବାନ। ସମୟର ମୂଲ୍ୟ ବୁଝିବା ଏବଂ ସମୟକୁ ସଦୁପଯୋଗ କରିବା। ଯଦି ସମୟର ସଫଳ ସଦୁପଯୋଗ ହୋଇପାରିବ ତେବେ ଆହାର, ନିଦ୍ରା ଏବଂ କର୍ମଶୈଳୀ ଠିକ ମାର୍ଗରେ ଗତିକରିବ।

ତେଣୁ ଆମର ପୂର୍ବପୁରୁଷମାନେ ଯେଉଁ ମାର୍ଗ ଆପଣଙ୍କୁ ଦେଖାଇଥିଲେ ତାକୁ ଆମ ସହିତ ନେଇ ସମାଜର ପରିବର୍ତ୍ତନ ସହ ଆମକୁ ଆଗକୁ ଚାଲିବାକୁ ହେବ। ମନୁଷ୍ୟର କର୍ମ ଆମକୁ ଅମର କରି ରଖେ। ଆମର ଜୀବନଶୈଳୀ, ଆଚରଣ, ଉଚାରଣ ଆମ ମାନଙ୍କଠାରୁ ଉଦାହରଣ ହେବ ଏବଂ ଏକ ନିୟମିତ ଜୀବଶୈଳୀକୁ ଆପଣାଇଲେ ମଣିଷ ସଦାସର୍ବଦା ସୁଖ ଶାନ୍ତିରେ ରହିପାରିବ।

ଆସନ୍ତୁ ଆଜି ଆମେ ସଂକଳ୍ପ ନେବା ଜୀବନରୁ ବ୍ୟଞ୍ଚିବାର ଶୈଳୀକୁ ସୁନିୟମିତ କରି ଏକ ସୁନ୍ଦର, ସରସ, ସୁଖମୟ ଜୀବନ ଅତିବାହିତ କରିବା।

**ଭା.ପ୍ର.ସେ. (ଅବସରପ୍ରାପ୍ତ)**
**ପ୍ରାକ୍ତନ ଆୟୁକ୍ତ ଓ ସଚିବ**
**ଓଡ଼ିଶା ବିଧାନସଭା**
**ମୋବାଇଲ୍:୯୩୩୭୪୪୯୩୭୩**



# ପୁଟିନଙ୍କ ଭାରତ ଗସ୍ତର ସାମରିକ ଏବଂ ଆର୍ଥିକ ମହତ୍ତ୍ୱ

**ମାନସ କୁମାର କର**



ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦୁଇ ଦିନିଆ ଭାରତ ଗସ୍ତ ଏବଂ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ସାକ୍ଷାତ, ପରିବର୍ତ୍ତନଶୀଳ ବିଶ୍ୱ ପରିଦୃଶ୍ୟରେ ନୂଆଦିଲ୍ଲୀ ଏବଂ ମସ୍କୋ ମଧରେ ଐତିହାସିକ ଭାବରେ ଦୃଢ଼ ସମ୍ପର୍କର ମହତ୍ତ୍ୱକୁ ରେଖାଙ୍କିତ କରୁଛି। ଏହି ଯାତ୍ରା କେବଳ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ପାଇଁ ଏକ ମଞ୍ଚ ନୁହେଁ, ବରଂ ଏହା ଦର୍ଶାଉଛି ଯେ ଚାପ ସତ୍ତ୍ୱେ ଦୁଇ ଦେଶ ମଧରେ ଥିବା ଭାଗିଦାରୀ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି।

ପୁଟିନଙ୍କ ଏହି ଗସ୍ତ କେବଳ ପାରମ୍ପରିକ ଶକ୍ତି ଯେପରିକି ତେଲ, ଗ୍ୟାସ ଏବଂ ପ୍ରତିରକ୍ଷା ସହଯୋଗ ମଧରେ ସୀମିତ ନୁହେଁ, ବରଂ ଏହା ଆର୍ଥିକ, ବୈଷୟିକ, ସ୍ୱାସ୍ଥ୍ୟ, କୃଷି ଭଳି ଅନେକ କ୍ଷେତ୍ରରେ ଦୁଇ ଦେଶର ଭାଗିଦାରୀକୁ ଆଗକୁ ବଢ଼ାଇବା ପାଇଁ ଏକ ବଡ଼ ଯୋଜନା ଅଟେ। ଏହି ସମୟରେ, ଦୁଇ ଦେଶ ୨୦୩୦ ସୁଦ୍ଧା ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ମଧ ରଖିଛନ୍ତି। ପୁଟିନଙ୍କ ଭାରତ ଗସ୍ତ ସମୟରେ, ଦୁଇ ଦେଶ ଏକ ଦୃଢ଼ ଆର୍ଥିକ ଭାଗିଦାରୀ ପାଇଁ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଏବଂ ବାଣିଜ୍ୟ କ୍ଷତିକୁ ନେଇ ଭାରତର ଚିନ୍ତାକୁ ଦୂର କରିବାକୁ ସହମତି ପ୍ରକାଶ କରିଛନ୍ତି। ଉଭୟ ପକ୍ଷ ମୋଟ ୧୧ଟି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧକୁ ଶାନ୍ତିପୂର୍ଣ୍ଣ ଉପାୟରେ ଶେଷ କରାଯିବା ଉଚିତ। ମୋଦୀ ଏବଂ ପୁଟିନଙ୍କ ମଧରେ ଶିଖର ଆଲୋଚନାର ମୁଖ୍ୟ ବିନ୍ଦୁ ତେଲ ଏବଂ ପ୍ରତିରକ୍ଷା ପାରମ୍ପରିକ କ୍ଷେତ୍ରରେ ସହଯୋଗରୁ ହଟିଯାଇ ଆର୍ଥିକ ଭାଗିଦାରୀକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ବ୍ୟାପକ କରିବା ଥିଲା; ଯଦିଓ ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଭାରତ ଉପରେ ରୁଷ ସହିତ ଏହାର ସମ୍ପର୍କ ହ୍ରାସ କରିବାକୁ ଚାପ ବଢୁଥିଲା। କିନ୍ତୁ ବୈଠକ ପରେ ଦୁଇ ନେତା ଆଠ ଦଶନ୍ଧିରୁ ଅଧିକ ପୁରୁଣା ଭାରତ-ରୁଷ ମିତ୍ରତାକୁ ନୂଆ ଗତି ଦେବା ପାଇଁ ସେମାନଙ୍କର ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ମିତ୍ରତା 'ଧ୍ରୁବ ତାରା' ପରି ଅଟଳ ରହିଛି।

ଭ୍ଲାଦିମିର ପୁଟିନଙ୍କ ଏହି ଭାରତ ଗସ୍ତ କେବଳ ଏକ ସାକ୍ଷାତ ନୁହେଁ, ବରଂ ଏହା ଦୁଇ ଦେଶର ସମ୍ପର୍କରେ ଏକ ନୂତନ ଅଧ୍ୟାୟର ଆରମ୍ଭ ଅଟେ। ଏହା ବିଶ୍ୱର ପରିବର୍ତ୍ତିତ ସମୀକରଣକୁ ମଧ ନୂଆ ଭାବରେ ପରିଭାଷିତ କରିବାର କାର୍ଯ୍ୟ କରିବ। ବାସ୍ତବରେ, ଭାରତ ପାଶ୍ଚାତ୍ୟ ଦେଶମାନଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ଏହା କାହାରି ଚାପରେ ବୈଦେଶିକ ନୀତି ଗଠନ କରେ ନାହିଁ କିମ୍ବା କୌଣସି ଗୋଷ୍ଠୀର ଅଂଶ ନୁହେଁ। ଅନ୍ୟ ପଟେ, ପୁଟିନ ଚୀନକୁ ଏହା ଜଣାଇବାକୁ ଚାହୁଁଛନ୍ତି ଯେ ରୁଷ କେବଳ ଗୋଟିଏ ଦେଶ ଉପରେ ନିର୍ଭର କରିବ ନାହିଁ, ବରଂ ଏହା ବିକଳ୍ପ ଖୋଜୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବଦଳୁଥିବା ସମୟର ଏହି ପର୍ଯ୍ୟାୟରେ ମଧ ଭାରତ ଏବଂ ରୁଷ ପରସ୍ପରର ନିକଟତର ହୋଇଛନ୍ତି। ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଏହା ପୁଟିନଙ୍କର ସବୁଠାରୁ ବିରଳ ବିଦେଶ ଯାତ୍ରା ମଧରୁ ଅନ୍ୟତମ। ଗତ ୩ ବର୍ଷ ଧରି ଆମେରିକା ଏବଂ ୟୁରୋପ ପୁଟିନଙ୍କୁ ବିଶ୍ୱ ମଞ୍ଚରେ ଏକଘରିଆ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଭାରତ ଯେତେବେଳେ ପୁଟିନଙ୍କୁ 'ରେଡ୍ କାର୍ପେଟ୍' ସ୍ୱାଗତ କରେ, ପାଶ୍ଚାତ୍ୟ ଦେଶମାନଙ୍କର ଏହି



ଅଭିଯାନ ଦୁର୍ବଳ ପ୍ରମାଣିତ ହେଉଥିବା ଦେଖାଯାଏ। ରୁଷ ସହିତ ଭାରତର ସମ୍ପର୍କକୁ ନେଇ ପାଶ୍ଚାତ୍ୟ ଦେଶମାନେ ମଧ ଅସ୍ୱସ୍ଥ ଅନୁଭବ କରନ୍ତି। ପାଶ୍ଚାତ୍ୟ ଦେଶମାନଙ୍କର ଉଦ୍ୟମ ହେଉଛି ପୁଟିନଙ୍କୁ ଏକଘରିଆ କରିବା। କିନ୍ତୁ ଭାରତ ପରି ଏକ ବଡ଼ ଦେଶ ପୁଟିନଙ୍କୁ ଉଷ୍ମ ଅଭିନନ୍ଦନ ଜଣାଏ।

ରୁଷର ଅର୍ଥନୀତିକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ୟୁରୋପ ଏବଂ ଆମେରିକା ରୁଷ ଉପରେ ଅନେକ ପ୍ରତିବନ୍ଧକ ଲଗାଇଥିଲେ। କିନ୍ତୁ ଭାରତ ଶସ୍ତା ମୂଲ୍ୟରେ ରୁଷରୁ ପ୍ରଚୁର ପରିମାଣରେ ଅଶୋଧିତ ତେଲ କିଣୁଛି। ୟୁରୋପକୁ ଲାଗୁଛି ଯେ ରୁଷ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକ ସତ୍ତ୍ୱେ ଏହା ଭଲ ରାଜସ୍ୱ ପାଉଛି, ଯାହାକୁ ଏହା ୟୁକ୍ରେନ ଯୁଦ୍ଧରେ ଖର୍ଚ୍ଚ କରୁଛି। ୟୁରୋପକୁ ଏହି କଥା ଆଦୌ ପସନ୍ଦ ନୁହେଁ। ଆମେରିକା ଏବଂ ୟୁରୋପ ଚାହାଁନ୍ତି ଯେ କୌଣସି ଦେଶ ରୁଷ ସହିତ ପ୍ରତିରକ୍ଷା ଉପକରଣ କିମ୍ବା ଅସ୍ତ୍ରଶସ୍ତ୍ରର କୌଣସି ବ୍ୟବସାୟ ନକରୁ। କିନ୍ତୁ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ଭାରତ ସର୍ବଦା ରୁଷର ସବୁଠାରୁ ବଡ଼ ଏବଂ ବିଶ୍ୱସ୍ତ ଗ୍ରାହକ ରହିଆସିଛି।

ଏହା ୟୁରୋପର ସେହି ରଣନୀତିକୁ ଧକ୍କା ଦିଏ, ଯେଉଁଥିରେ ସେ ଚାହୁଁଥିଲେ ଯେ ରୁଷକୁ ସାମରିକ ଦୃଷ୍ଟିରୁ ମଧ ଏକଘରିଆ କରାଯାଉ। ପାଶ୍ଚାତ୍ୟ ଦେଶମାନେ ଚାହୁଁଥିଲେ ଯେ ଭାରତ ୟୁକ୍ରେନ ଯୁଦ୍ଧକୁ ନେଇ ରୁଷକୁ ଖୋଲାଖୋଲି ନିନ୍ଦା କରୁ ଏବଂ ସେ ୟୁରୋପର ଶିବିରରେ ଯୋଗ ଦେଉ। କିନ୍ତୁ ଭାରତ ଏଠାରେ ନିଜର ବୈଦେଶିକ ନୀତି ଅନୁସରଣ କରି ଏହା ଉପରେ ଏକ ନିରପେକ୍ଷ ଆଭିମୁଖ୍ୟ ଗ୍ରହଣ କରିଥିଲା। ଏହା ରୁଷ ବିରୁଦ୍ଧରେ ମିଳିତ ଜାତିସଂଘରେ ଭୋଟ୍ ଦେବାରୁ ଦୂରେଇ ରହିଛି ଏବଂ କୌଣସି ପକ୍ଷରେ ସାମିଲ ହୋଇ ନାହିଁ। ଭାରତର ଏହି ନିରପେକ୍ଷ ଆଭିମୁଖ୍ୟ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ। ବାସ୍ତବରେ, ପାଶ୍ଚାତ୍ୟ ଦେଶମାନେ ରୁଷ ବିରୁଦ୍ଧରେ ସମଗ୍ର ବିଶ୍ୱକୁ ଏକତ୍ର କରିବାକୁ ଚାହୁଁଛନ୍ତି। କିନ୍ତୁ ପୁଟିନଙ୍କ ଭାରତ ଗସ୍ତ ରୁଷ-ଚୀନ-ଭାରତ ମଧରେ ଦୃଢ଼ ହେଉଥିବା ସମ୍ପର୍କର ବାର୍ତ୍ତା ଦେଉଛି। ଏଭଳି ପରିସ୍ଥିତିରେ, ୟୁରୋପ ପାଇଁ ପୁଟିନଙ୍କ ଏହି ଗସ୍ତକୁ ଏକ କୂଟନୈତିକ ଝଟକା ଭାବରେ ଦେଖାଯାଇପାରେ।

ମୋଟାମୋଟି ଭାବେ, ସାରା ବିଶ୍ୱର ନଜର ମୋଦୀ ଏବଂ ପୁଟିନଙ୍କ ମଧରେ ହେବାକୁ ଥିବା ଆଲୋଚନା ଉପରେ ରହିଥିଲା, ଯେଉଁଥିରେ ଦୁଇ ନେତା ଆଠ ଦଶନ୍ଧିରୁ ଅଧିକ ପୁରୁଣା ଭାରତ-ରୁଷ ମିତ୍ରତାକୁ ନୂତନ ଗତି ଦେବା ପାଇଁ ସେମାନଙ୍କର ଦୃଢ଼ ଇଚ୍ଛା ପ୍ରଦର୍ଶନ କରିଥିଲେ। ଭାରତ, ରୁଷ ଏବଂ ଚୀନର ନିକଟତର ହେବା ଆମେରିକା ପାଇଁ କୌଣସି ନା କୌଣସି ସ୍ଥାନରେ ଏକ ବଡ଼ ଚିନ୍ତା। ଗତ ବର୍ଷ ଭାରତ ଏବଂ ରୁଷ, ଏବଂ ଅନ୍ୟାନ୍ୟ ବ୍ରିକ୍ସ ଦେଶମାନେ କାଜାନ୍‌ରେ ଏକତ୍ରିତ ହୋଇଥିଲେ। ଏହି ସମୟରେ, ଡଲାରର ପ୍ରାଧାନ୍ୟ ହ୍ରାସ କରିବା ଦିଗରେ ଏକ ନୂତନ ମୁଦ୍ରା ଆଣିବା ପାଇଁ ଯୋଜନା କରିବାକୁ ନେଇ ଆଲୋଚନା କରାଯାଇଥିଲା।

ବ୍ରିକ୍ସରେ ନୂତନ ମୁଦ୍ରା ବିଷୟରେ କହିବା ଏବଂ ଆମେରିକା ବିରୁଦ୍ଧରେ ଯାଇ ଭାରତର ଲଗାତାର ରୁଷରୁ ବଡ଼ ପରିମାଣରେ ତେଲ କିଣିବା - ଏହି ସମସ୍ତ ଜିନିଷକୁ ଦୃଷ୍ଟିରେ ରଖି ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଥିଲା। ଏହି ସମସ୍ତ ଆହ୍ୱାନ ସତ୍ତ୍ୱେ ଭାରତ ଏବଂ ରୁଷର ନିକଟତର ହେବା ଏକ ନୂତନ ବିଶ୍ୱ ପରିବର୍ତ୍ତନ ଭାବରେ ଦେଖାଯାଉଛି। ଆମେରିକାକୁ ଏହି ଭୟ ଅଛି ଯେ ଭାରତ-ରୁଷ ସମ୍ପର୍କରେ ମଜବୁତି ରୁଷ, ଚୀନ ଏବଂ ଭାରତ ମଧରେ ରଣନୀତିକ ଭାଗିଦାରୀ ବଢ଼ାଇବାର କାମ କରିବ। ଏହା ଦ୍ୱାରା ଭବିଷ୍ୟତରେ ଆମେରିକା ଏବଂ ପାଶ୍ଚାତ୍ୟ ଦେଶମାନଙ୍କର ଯେଉଁ ପ୍ରାଧାନ୍ୟ ଅଛି, ତାହା ଦୁର୍ବଳ ହୋଇପାରେ।

**କୋଡାଙ୍ଗ, କୋଣାର୍କ**
**ମୋବାଇଲ୍: ୭୩୮୧୩୮୨୨୧୦**

# ଆଜିର ସାମ୍ବାଦିକତା: ଚତୁର୍ଥ ସ୍ତମ୍ଭ ନା ଚତୁର ବ୍ୟବସାୟ ?

**ଅଖିଳ ତରାଇ**

ଗଣତନ୍ତ୍ରର ତିନୋଟି ମୁଖ୍ୟ ଅଙ୍ଗ-ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ପରେ ଯାହାକୁ ସବୁଠାରୁ ଶକ୍ତିଶାଳୀ ବିଚାର କରାଯାଏ, ତାହା ହେଉଛି 'ଗଣମାଧ୍ୟମ' ବା ଚତୁର୍ଥ ସ୍ତମ୍ଭ। ସମାଜର ଅନ୍ଧକାରକୁ ଦୂର କରି ସତ୍ୟର ଆଲୋକ ଦେଖାଇବା ଏବଂ ଶାସନ କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଜନତାଙ୍କ ନିକଟରେ ଜବାବଦେହି କରିବା ସାମ୍ବାଦିକତାର ମୂଳ ଲକ୍ଷ୍ୟ। କିନ୍ତୁ ଆଧୁନିକ ସମୟରେ ଏହି ପବିତ୍ର ବୃତ୍ତିର ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜି ସାମ୍ବାଦିକତା ଏକ ସେବା ପରିବର୍ତ୍ତେ ଏକ 'ଚତୁର ବ୍ୟବସାୟ'ରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

### ଆଇଡି କାର୍ଡର ଅପବ୍ୟବହାର ଓ ସୁରକ୍ଷା କବଚ

ଆଜିକାଲି ଗାଁଠାରୁ ସହର ପର୍ଯ୍ୟନ୍ତ ଗଳିକନ୍ଦିରେ ଜଣେ ଜଣେ ସାମ୍ବାଦିକ ବୁଲୁଥିବାର ଦେଖିବାକୁ ମିଳୁଛି। ହାତରେ ଏକ ମାଇକ୍ରୋଫୋନ ଏବଂ ବେକରେ ଖଣ୍ଡିଏ 'ପରିଚୟ ପତ୍ର' ବା ଆଇଡି କାର୍ଡ ଝୁଲାଇ ଦେଲେ ଜଣେ ନିଜକୁ ସାମ୍ବାଦିକ ବୋଲି ଦାବି କରୁଛି। ଦୁର୍ଭାଗ୍ୟର ବିଷୟ ହେଉଛି, ଏହି କାର୍ଡ ସତ୍ୟର ସନ୍ଧାନ ପାଇଁ ନୁହେଁ, ବରଂ ଅନେକ ସମୟରେ ନିଜର ସୁରକ୍ଷା କବଚ ଭାବରେ ବ୍ୟବହୃତ ହେଉଛି। ଖଳ ପ୍ରକୃତିର ଲୋକମାନେ ନିଜର ଅସାମାଜିକ କାର୍ଯ୍ୟକୁ ଢାଙ୍କିବା ପାଇଁ କିମ୍ବା ପୋଲିସ ଓ ପ୍ରଶାସନର ଚାପରୁ ବର୍ତ୍ତିବା ପାଇଁ ସାମ୍ବାଦିକତାର ମୁଖା ପିନ୍ଧୁଛନ୍ତି। ବ୍ୟବସାୟୀମାନେ ନିଜ ସ୍ୱାର୍ଥ ରକ୍ଷା ପାଇଁ ଗଣମାଧ୍ୟମ ସଂସ୍ଥା ଖୋଲୁଛନ୍ତି କିମ୍ବା କାର୍ଡ ହାସଲ କରି ସରକାରୀ ବାବୁଙ୍କୁ ଧମକ ଚମକ ଦେଇ ନିଜର କାର୍ଯ୍ୟ ହାସଲ କରୁଛନ୍ତି।

### ରାଜନୈତିକ ଚାଟୁକାରିତା ଓ ସ୍ୱାର୍ଥର ସନ୍ଧାନ

ସାମ୍ବାଦିକତାର ମୁଖ୍ୟ ଧର୍ମ ହେଉଛି ନିରପେକ୍ଷତା। କିନ୍ତୁ ବର୍ତ୍ତମାନ ସମୟରେ ଗଣମାଧ୍ୟମ ଦୁଇ ଭାଗରେ ବିଭକ୍ତ। କିଏ ଶାସକ ଦଳର ଗୁଣଗାନ କରୁଛି ତ କିଏ ବିରୋଧୀ ଦଳର ପ୍ରବକ୍ତା ସାଜିଛି। ଜନସାଧାରଣଙ୍କ ମୌଳିକ ସମସ୍ୟା, ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ଏବଂ ଦୁର୍ନୀତି ଆଦିକୁ ପଛରେ ପକାଇ ନେତା ଓ ମନ୍ତ୍ରୀଙ୍କ



ଚାଟୁକାରିତା କରିବାରେ ଅନେକ ସାମ୍ବାଦିକ ଆଗ୍ରହ ପ୍ରକାଶ କରୁଛନ୍ତି। କିଛି ପଇସା କିମ୍ବା ରାଜନୈତିକ ଫାଇଦା ପାଇଁ ପ୍ରକୃତ ଖବରକୁ ଚାପି ଦିଆଯାଉଛି। ସରକାରୀ ଯୋଜନାର ଦୋଷ ଦୁର୍ବଳତା ବାହାର କରିବା ପରିବର୍ତ୍ତେ 'ବାଃ ବାଃ' କହିବା ଆଜିର ଅନେକ ଗଣମାଧ୍ୟମର ଚରିତ୍ର ହୋଇଗଲାଣି।

### ଟି.ଆର୍.ପି ର ଅନ୍ଧ ଦୌଡ଼ ଏବଂ ନୈତିକତାର ପତନ

ଟେଲିଭିଜନ ଏବଂ ଡିଜିଟାଲ ମିଡିଆ ଯୁଗରେ ଟି.ଆର୍.ପି (ଟେଲିଭିଜନ ରେଟିଂ ପଏଣ୍ଟ) ଏକ ମାରାତ୍ମକ ନିଶା ପାଲଟିଛି। ଅଧିକରୁ ଅଧିକ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଘଟଣାକୁ ଅତିରଞ୍ଜିତ କରି ଦେଖାଯାଉଛି। 'ସବୁଠାରୁ ଆଗେ ଆମେ' କହିବା ଚକ୍କରରେ ଖବରର ସତ୍ୟତା ଯାଞ୍ଚ ନକରି ଗୁଜବକୁ ପରିବେଷଣ କରାଯାଉଛି। ଲୋକଙ୍କର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରିବା କିମ୍ବା କୌଣସି ସମ୍ବେଦନଶୀଳ ଘଟଣାକୁ ନେଇ ମିଥ୍ୟା ସମ୍ମୋହନ ସୃଷ୍ଟି କରିବା ଏକ ସାଧାରଣ କଥା ହୋଇଗଲାଣି। ଯେଉଁଠି ଖବରର ଗୁଣବତ୍ତା ଅପେକ୍ଷା 'ଭ୍ୟୁଜ୍' ଏବଂ 'ଲାଇକ୍' କୁ ଗୁରୁତ୍ୱ ଦିଆଯାଏ, ସେଠାରେ ସାମ୍ବାଦିକତା କେବଳ ଏକ ବ୍ୟବସାୟିକ ପଣ୍ୟ ଦ୍ରବ୍ୟ ହୋଇ ରହିଯାଏ।

### ବଟି ଆଦାୟ ଓ ମାଫିଆ ସଂସ୍କୃତି

ସବୁଠାରୁ ଭୟଙ୍କର ଦିଗଟି ହେଉଛି ସାମ୍ବାଦିକତାର ଆଳରେ ବଟି ଆଦାୟ। ଛୋଟ ଛୋଟ ସରକାରୀ କର୍ମଚାରୀ କିମ୍ବା ବ୍ୟବସାୟୀଙ୍କୁ ଦୋଷ ଖୋଜି ବାହାର କରିବା ଏବଂ ତାହାକୁ ପ୍ରକାଶ କରିବା ପରିବର୍ତ୍ତେ ବ୍ଲାକମେଲ୍ କରି ପଇସା ଆଦାୟ କରିବା ଏକ ନୂଆ ପନ୍ଥା ହୋଇଛି। ଏହି ଭଳି ସାମ୍ବାଦିକ ମାନଙ୍କ ଯୋଗୁଁ ଯେଉଁ କିଛି ଜଣ ନିର୍ଭୀକ ଏବଂ ସଚ୍ଚୋଟ ସାମ୍ବାଦିକ ଅଛନ୍ତି, ସେମାନଙ୍କ ସମ୍ମାନ ମଧ ହାନି ହେଉଛି। ପ୍ରକୃତ ସମସ୍ୟାକୁ ଏଡାଇ ଦେଇ କେବଳ ନିଜ ପକେଟ୍ ଗରମ କରିବା ଯଦି ସାମ୍ବାଦିକତା ହୁଏ, ତେବେ ଗଣତନ୍ତ୍ରର ଭବିଷ୍ୟତ ଅନ୍ଧକାରମୟ।

### ଉପସଂହାର

ସାମ୍ବାଦିକତା ହେଉଛି ସମାଜର ଦର୍ପଣ। ଯଦି ଦର୍ପଣ ଧୂଳିଧୂସରିତ ହୋଇଯିବ, ତେବେ ଆମେ ଆମର ପ୍ରକୃତ ରୂପ ଦେଖିପାରିବା ନାହିଁ। ଆଜି ସମୟ ଆସିଛି, ଗଣମାଧ୍ୟମ ସଂସ୍ଥା ଏବଂ ସରକାର ସାମ୍ବାଦିକତା ପାଇଁ ଏକ ସ୍ୱତନ୍ତ୍ର ନୀତି ନିୟମ ଓ ଯୋଗ୍ୟତା ନିର୍ଦ୍ଧାରଣ କରିବା ଉଚିତ। କେବଳ ପରିଚୟ ପତ୍ର ଧରିଲେ କେହି ସାମ୍ବାଦିକ ହୁଏ ନାହିଁ; ଏଥିପାଇଁ ନୈତିକତା, ସାହସ ଏବଂ ସମାଜ ପ୍ରତି ପ୍ରତିବଦ୍ଧତା ରହିବା ଆବଶ୍ୟକ। ଯଦି ସାମ୍ବାଦିକତା ନିଜର ହୃତ ଗୌରବ ଫେରି ନ ପାଏ, ତେବେ ଏହା ଚତୁର୍ଥ ସ୍ତମ୍ଭ ନୁହେଁ, ବରଂ ଗଣତନ୍ତ୍ରକୁ ଧ୍ୱଂସ କରୁଥିବା ଏକ ବିଷାକ୍ତ କୀଟ ପରି କାମ କରିବ। ସମାଜକୁ ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ସାମ୍ବାଦିକତାକୁ ବ୍ୟବସାୟର ଶିକୁଳିରୁ ମୁକ୍ତ କରିବାକୁ ହେବ।

**ଗଞ୍ଜାମ, ଓଡ଼ିଶା, ମୋ: ୭୭୮୭୦୦୧୦୦୧**

# କଂଗ୍ରେସର ହ୍ୱିପ ସତ୍ତ୍ୱେ ଜର୍ମାନୀରେ ରାହୁଲ

**ନୂଆଦିଲ୍ଲୀ,୧୭।୧୨:** ସଂସଦର ଶୀତ ଅଧିବେଶନ ଚାଲିଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ନେଇ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି। ଗୃହରେ ସମସ୍ତ ସଦସ୍ୟ ଉପସ୍ଥିତ ରହିବା ଲାଗି କଂଗ୍ରେସ ହ୍ୱିପ୍ ଜାରି କରିଛି। ହେଲେ ଠିକ ସମୟରେ ଗୁରୁତ୍ୱପୂର୍ଣ୍ଣ ଶୀତ ଅଧିବେଶନ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଜର୍ମାନୀ ଚାଲିଯାଇଛନ୍ତି। ଏହି ସମୟରେ, ମନରେଗାର ନାମ ପରିବର୍ତ୍ତନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ସଂସଦରେ ଆଗତ ହେବାକୁ ଯାଉଛି। କଂଗ୍ରେସ ଏହାର ସମସ୍ତ ସାଂସଦଙ୍କୁ ଆଗାମୀ ତିନି ଦିନ ପାଇଁ ଗୃହରେ ଉପସ୍ଥିତ ରହିବା ପାଇଁ ଏକ ହ୍ୱିପ୍ ଜାରି କରିଛି।



ତଥାପି, ଏହି ସମୟ ମଧ୍ୟରେ ରାହୁଲ ଗାନ୍ଧୀ ସଂସଦରେ ଉପସ୍ଥିତ ରହିବେ ନାହିଁ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଜର୍ମାନୀର ରାଜଧାନୀ ବର୍ଲିନରେ ପହଞ୍ଚିଛନ୍ତି। ଭାରତୀୟ ପ୍ରବାସୀ କଂଗ୍ରେସ (ଆଇଓସି)ର କର୍ମୀମାନେ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହି ଗସ୍ତ ଏପରି ସମୟରେ ହୋଇଛି ଯେତେବେଳେ ସଂସଦର ଶୀତକାଳୀନ ଅଧିବେଶନ ଚାଲିଛି, ଯାହା ତାଙ୍କ ଅନୁପସ୍ଥିତିକୁ ନେଇ ରାଜନୈତିକ ବିତର୍କ ସୃଷ୍ଟି କରିଛି।

## କଂଗ୍ରେସକୁ ବିଜେପିର ଟାର୍ଗେଟ

## କଂଗ୍ରେସ କହିଲା ଗସ୍ତ ପୂର୍ବନିର୍ଦ୍ଧାରିତ

ଭାରତୀୟ ପ୍ରବାସୀ କଂଗ୍ରେସ ଅନୁଯାୟୀ, ରାହୁଲ ଗାନ୍ଧୀ ବର୍ଲିନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମ ସମୟରେ, ସେ ୟୁରୋପର ବିଭିନ୍ନ ଦଳର ସଭାପତିଙ୍କ ସହ ସାକ୍ଷାତ କରିବେ ଏବଂ ଭାରତୀୟ ପ୍ରବାସୀମାନଙ୍କ ସହ ଆଲୋଚନା କରିବେ। ବୈଠକରେ ପ୍ରବାସୀ ଭାରତୀୟଙ୍କ ସହ ଜଡିତ ପ୍ରସଙ୍ଗ ଏବଂ କଂଗ୍ରେସ ଚିନ୍ତାଧାରାର ପ୍ରଚାର ଉପରେ ଆଲୋଚନା ହେବ। ସୂତ୍ର ଅନୁଯାୟୀ ରାହୁଲ ଗାନ୍ଧୀ ଡିସେମ୍ବର ୨୦ ପର୍ଯ୍ୟନ୍ତ ଜର୍ମାନୀରେ ରହିବେ। ତାଙ୍କର ଗସ୍ତ ପୂର୍ବ ନିର୍ଦ୍ଧାରିତ ହୋଇଥିବା ଜଣାପଡ଼ିଛି। କଂଗ୍ରେସ ନେତାମାନେ କହିଛନ୍ତି ଯେ, ଏହି ଯାତ୍ରା ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଯୋଜନା କରାଯାଇଥିଲା।

ରାହୁଲ ଗାନ୍ଧୀଙ୍କ ଜର୍ମାନୀ ଗସ୍ତକୁ ନେଇ ବିଜେପି କଂଗ୍ରେସକୁ ଟାର୍ଗେଟ କରିଛି। ବିଜେପି ନେତା ଶେହଜାଦା ପୁନାୱାଲା ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି, ରାହୁଲ ଗାନ୍ଧୀ ପୁଣି ଥରେ ପ୍ରମାଣ କରିଛନ୍ତି ଯେ, ସେ ବିରୋଧୀ ଦଳ ନେତା ନୁହଁନ୍ତି ବରଂ ଏଲଓପି 'ପର୍ଯ୍ୟଟନର ନେତା'। ବିଜେପି ଅଭିଯୋଗ କରିଛି ଯେ, ସଂସଦ ଅଧିବେଶନ ସମୟରେ ବିଦେଶ ଯିବା ଭୁଲ ବାର୍ତ୍ତା ପଠାଏ। ଅନ୍ୟପଟେ କଂଗ୍ରେସ ସୂତ୍ର ସ୍ପଷ୍ଟ କରିଛି ଯେ ରାହୁଲ ଗାନ୍ଧୀଙ୍କ ଜର୍ମାନୀ ଗସ୍ତ କିଛି ମାସ ପୂର୍ବରୁ ଯୋଜନାବଦ୍ଧ ଥିଲା ଏବଂ ଏହି ଯାତ୍ରାର ଉଦ୍ଦେଶ୍ୟ ଛାତ୍ର, ଶିକ୍ଷାବିତ୍ ଏବଂ ଭାରତୀୟ ପ୍ରବାସୀମାନଙ୍କ ସହିତ ଆଲୋଚନା କରିବା, ଗଣତନ୍ତ୍ର, ବିଶ୍ୱ ରାଜନୀତି ଏବଂ ସାମାଜିକ ପ୍ରସଙ୍ଗ ଉପରେ ଆଲୋଚନା କରିବା।

### ଇମ୍ରାନଙ୍କ ଭଉଣୀଙ୍କୁ ମୁନିର ସେନାର ଟାର୍ଗେଟ

# ୪୦୦ ପିଟିଆଇ ସଦସ୍ୟଙ୍କ ବିରୋଧରେ ମାମଲା

- ଆତଙ୍କବାଦ ଧାରାରେ ମୋକଦ୍ଦମା ରୁଜୁ
- ପାକିସ୍ତାନରେ ଜୋରଦାର ଆନ୍ଦୋଳନ



**ଇସ୍ଲାମାବାଦ, ୧୭।୧୨:** ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନିର ସିଡିଏଫ ନିଯୁକ୍ତ ହେବା ପରେ ଇମ୍ରାନ ଖାନ ଓ ତାଙ୍କ ପରିବାର ପାଇଁ ବିପଦ ବଢ଼ିବାରେ ଲାଗିଛି। ଏବେ ମୁନିର ଇମ୍ରାନ ଖାନଙ୍କ ଭଉଣୀଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ କରିଛନ୍ତି ଯାହା ପାକିସ୍ତାନ ରାଜନୀତିକୁ ହଲଚଲ କରୁଛି। କୁହାଯାଉଛି ଯେ, ମୁନିରଙ୍କ ଆଦେଶରେ ଇମ୍ରାନ ଖାନଙ୍କ ଭଉଣୀ ଅଲିମାଙ୍କ ସମେତ ପିଟିଆଇର ୪୦୦ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ଆତଙ୍କବାଦ ଧାରାରେ ମୋକଦ୍ଦମା ରୁଜୁ ହୋଇଛି।

ଏଥିରେ ଇମ୍ରାନଙ୍କ ସମର୍ଥକ ଅସନ୍ତୁଷ୍ଟ ହୋଇଥିବା ବେଳେ ପାକିସ୍ତାନ ପୁଲିସ ଉପରକୁ କାଚ ବୋତଲ ମାଡ଼ କରିଛନ୍ତି। ଇମ୍ରାନ ଖାନଙ୍କ ଭଉଣୀ ଓ ପିଟିଆଇ କାର୍ଯ୍ୟକର୍ତ୍ତା ମଙ୍ଗଳବାର ରାତିରେ ଆଦିଆଲ ଜେଲ ବାହାରେ ପୁଣି ଆନ୍ଦୋଳନ ଆରମ୍ଭ କରିଥିଲେ। ଏହା ପରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଛି। ଏଥିରେ ପାକିସ୍ତାନ ସଦର ବେରୋନୀ ପୁଲିସ ଷ୍ଟେସନରେ ଅଲିମା ଖାନ, ନୁରିନ ନିଆଜୀ, କାସିମ ଖାନ, ଅଲିୟା ହମଜା, ସଲମାନ ଅକ୍ରମ ରଜା, ନଇମ ପଞ୍ଜୋଥା, ଅଲ୍ଲାମା ରାଜା ନାସିର ଅବାସ ଓ ଅନ୍ୟମାନଙ୍କ ବିରୋଧରେ ଏତଲା ରୁଜୁ ହୋଇଛି।

ଏମାନଙ୍କ ବିରୋଧରେ ଆଣ୍ଟି ଟେରରିଜିମ ଧାରା ଲାଗୁ ହୋଇଛି। ଇମ୍ରାନ ଖାନଙ୍କ ଭଉଣୀମାନେ ମଙ୍ଗଳବାର ଜେଲରେ ଇମ୍ରାନଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ଏଥି ପାଇଁ ସେମାନଙ୍କୁ ଅନୁମତି ମିଳିନଥିଲା। ଏଣୁ ସେମାନେ ରାତିରେ ପିଟିଆଇର ଶହଶହ ସମର୍ଥକଙ୍କ ସହ ଆଦିଆଲ ଜେଲ ବାହାରେ ଧାରଣା ଆରମ୍ଭ କରିଥିଲେ। ଏଣୁ ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏତଲାରେ ପାକିସ୍ତାନ ପେନାଲ କୋଡ ଧାରା ୧୨୦ରେ ମାମଲା ରୁଜୁ ହୋଇଛି। ଏଥିରେ ସେମାନଙ୍କ ବିରୋଧରେ ରାଜ୍ୟ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର କରିବା, ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ କରିବା ଓ ଧାରା ୧୪୪ ଉଲ୍ଲଂଘନର ଅଭିଯୋଗ ହୋଇଛି। ମାମଲାରେ ପୁଲିସ ଘଟଣାସ୍ଥଳରୁ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ବୁଧବାର ରାୱଲପିଣ୍ଡି ଆତଙ୍କବାଦ ନିରୋଧୀ କୋର୍ଟରେ ହାଜର କରାଯାଇଛି।

## ଢାକାରେ ଜୋରଦାର ବିକ୍ଷୋଭ

**ଢାକା, ୧୭।୧୨:** ବୁଧବାର ଢାକାରେ ଥିବା ଭାରତୀୟ ଉଚ୍ଚାୟୋଗ ସମ୍ମୁଖରେ ଶହ ଶହ ଲୋକ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ପଛରେ ମୌଳବାଦୀ ସଂଗଠନମାନେ ଥିବା କୁହାଯାଉଛି। ଏହି ପ୍ରଦର୍ଶନ ଜୁଲାଇ ବିଦ୍ରୋହ ସହିତ ଜଡିତ କିଛି ଯୁବ ମୌଳବାଦୀଙ୍କ ନେତୃତ୍ୱରେ ଚାଲିଛି, ଯେଉଁମାନେ ନିଜକୁ ଓଇକେ ଜୁଲାଇ ସଂଗଠନ ଭାବରେ ପରିଚୟ ଦିଅନ୍ତି। ପ୍ରତିବାଦକାରୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଦିଲ୍ଲୀରୁ ଢାକା ପ୍ରତ୍ୟାର୍ପଣ କରିବାକୁ ଦାବି କରୁଛନ୍ତି ଏବଂ ଭାରତ ଏବଂ ବାଂଲାଦେଶୀ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଉଛନ୍ତି। ବିକ୍ଷୋଭର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ବାଂଲାଦେଶ ସରକାର ଭାରତୀୟ ଉଚ୍ଚାୟୋଗ ବାହାରେ ବହୁ ସଂଖ୍ୟକ ପୁଲିସ ଫୋର୍ସ ମୁତୟନ କରିଛନ୍ତି।

### ଆମେରିକା ଗୁଇନ୍ଦା ନିର୍ଦ୍ଦେଶକଙ୍କ ବିବାଦୀୟ ବୟାନ

# ଇସଲାମ ସାରା ବିଶ୍ୱର ସୁରକ୍ଷା ପାଇଁ ବିପଦ

**ନୂଆଦିଲ୍ଲୀ, ୧୭।୧୨:** ଅଷ୍ଟ୍ରେଲିଆର ବଣ୍ଡି ବିଚରେ ଘଟିଥିବା ଗୁଳିକାଣ୍ଡ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ଘଟଣାକୁ ବିଶ୍ୱର ବଡ ବଡ ନେତା ସମାଲୋଚନା କରିବା ସହ ନିନ୍ଦା କରିଛନ୍ତି। ଏହାରି ମଧ୍ୟରେ ବଡ ବୟାନ ଦେଇଛନ୍ତି ଆମେରିକା ନ୍ୟାଶନାଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର ତୁଲସୀ ଗବାର୍ଡ଼୍। ଇସଲାମ୍ ଏବଂ ଇସଲାମିକ୍ ବିଚାରଧାରା ଖାଲି ଆମେରିକା ନୁହେଁ ବରଂ ସାରା ବିଶ୍ୱ ପାଇଁ ବିପଦ ବୋଲି ସେ କହିଛନ୍ତି। ୟୁଏସ ଜାତୀୟ ଗୁଇନ୍ଦା ମୁଖ୍ୟ ଆହୁରି କହିଛନ୍ତି ଯେ, ଇସଲାମ୍ ସାରା ବିଶ୍ୱର



ସ୍ୱାଧୀନତା, ସୁରକ୍ଷା ଏବଂ ସମୃଦ୍ଧି ପାଇଁ ବିପଦ। ଅଷ୍ଟ୍ରେଲିଆରେ ଇସଲାମ୍ ଧର୍ମାବଲମ୍ବୀଙ୍କ ଅତ୍ୟଧିକ ପ୍ରବେଶ ଏପରି ଘଟଣା ପାଇଁ ଦାୟୀ। ଇସଲାମିଷ୍ଟ୍ ମାନେ କେବଳ ଅଷ୍ଟ୍ରେଲିଆ ନୁହେଁ ସାରା ବିଶ୍ୱ ପାଇଁ ସମସ୍ୟା। ସେମାନେ ସବୁ ଦେଶକୁ ଇସଲାମିକରଣ କରିବାକୁ ଚାହୁଁଛନ୍ତି। ଯାହା ଆମେରିକା ସହ ସାରା ବିଶ୍ୱ ପାଇଁ ଶୁଭଙ୍କର ନୁହେଁ। ୟୁରୋପ ଏବଂ ଅଷ୍ଟ୍ରେଲିଆକୁ ନେଇ ମଧ୍ୟ ତୁଲସୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ୟୁରୋପ ପାଇଁ ଅଧିକ ବିଳମ୍ବ ହୋଇ ସାରିଛି। ଅଷ୍ଟ୍ରେଲିଆ ହାତରୁ ବହୁତ କିଛି ପରିସ୍ଥିତି ଖସି ଯାଇଛି। ତେବେ ଆମେରିକା ପାଖରେ ଏବେ ସମୟ ଅଛି। କିନ୍ତୁ ଏହି ସମୟ ଅଧିକ ଦିନ ଧରି ରହିବ ନାହିଁ। ଏହାସହ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନେକ ନୀତିକୁ ସମର୍ଥନ କରିଛନ୍ତି। ଟ୍ରମ୍ପ୍ ୟୁଏସର ସୀମାକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ ଅଛନ୍ତି। ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଦେଶରୁ ବିଦା କରିବା ପାଇଁ ଜୋର୍ ଦିଆଯାଉଛି। ବିନା ଯାଞ୍ଚରେ ଆମେରିକାକୁ ଆସୁଥିବା ପ୍ରବାସୀଙ୍କୁ ରୋକାଯାଉଛି। ଯାହା ଆମେରିକା ପାଇଁ ପୂର୍ବରୁ ବିପଦ ସୃଷ୍ଟି କରି ଆସିଛି। ଏବେ ଆମେରିକା ପାଖରେ ସମୟ ଅଛି। କିନ୍ତୁ ୟୁରୋପ ଏବଂ ଅଷ୍ଟ୍ରେଲିଆ ହାତରୁ ସବୁ କିଛି ଖସି ଯାଇଥିବା ସେ ପ୍ରକାଶ କରିଛନ୍ତି।

### ବାଂଲାଦେଶ ନେତାଙ୍କ ବୟାନକୁ ଭାରତର ବିରୋଧ

# ହାଇ କମିଶନରଙ୍କୁ ସମନ୍ କଲା ବୈଦେଶିକ ମନ୍ତ୍ରାଳୟ

**ନୂଆଦିଲ୍ଲୀ, ୧୭।୧୨:** ବାଂଲାଦେଶକୁ ଭାରତର ତାଗିଦ। ବାଂଲା ନେତାଙ୍କ ବିବାଦୀୟ ବୟାନ ପରେ ଭାରତରେ ଅବସ୍ଥିତ ବାଂଲା ହାଇ କମିଶନରଙ୍କୁ ସମନ କରାଯାଇଛି। ହାଇ କମିଶନର ମହମ୍ମଦ ରିଆଜ୍ ହାମିଦୁଲ୍ଲାଙ୍କୁ କୁଟନୈତିକ ସ୍ତରରେ ସମନ୍ କରାଯାଇଛି। ପଡୋଶୀ ଦେଶର ନେତାଙ୍କ ଦ୍ୱାରା ଭାରତ ବିରୋଧୀ ବୟାନ ବାବଦରେ କାରଣ ଦର୍ଶାଇବାକୁ ସମନରେ ଉଲ୍ଲେଖ ହୋଇଛି।



ରିପୋର୍ଟ ଅନୁସାରେ, ବାଂଲାଦେଶର ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି) ନେତା ହସନାତ ଅବଦୁଲ୍ଲା ସୋମବାର ଭାରତ ବିରୋଧରେ ବୟାନ ଦେଇଥିଲେ। ସେ କହିଥିଲେ ଯେ, ବାଂଲାଦେଶ ଭାରତ ବିରୋଧୀ ତତ୍ତ୍ୱଙ୍କୁ ଆଶ୍ରୟ ଦେବ। ଏମିତିକି ବିଚ୍ଛିନ୍ନତାବାଦୀଙ୍କୁ ଶରଣ ପ୍ରଦାନ କରିବ। ଏଥିରେ ଭାରତର ସେଭେନ ସିଷ୍ଟର କୁହାଯାଉଥିବା ୭ ରାଜ୍ୟର ବିଭାଜନ ହେବାର ସମ୍ଭାବନା ସୃଷ୍ଟି ହେବ। ଢାକାର ଏକ କାର୍ଯ୍ୟକ୍ରମରେ ଅବଦୁଲ୍ଲା ଦାବି କରିଥିଲେ ଯେ, ବାଂଲାଦେଶ ବିଚ୍ଛିନ୍ନତାବାଦୀ ଏବଂ ଭାରତ ବିରୋଧୀ ଶକ୍ତିମାନଙ୍କୁ ଆଶ୍ରୟ ଦେବ। ଯାହା ଦ୍ୱାରା ଆଗରୁ ଭାରତର ଉତ୍ତର-ପୂର୍ବ ଅଞ୍ଚଳକୁ ବିଚ୍ଛିନ୍ନ କରାଯିବ। ଅବଦୁଲ୍ଲାଙ୍କ ଏହି ମନ୍ତବ୍ୟ ଶୁଣିବା ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ବାଂଲାଦେଶୀ ଜୋରଦାର କରତାଳି ଦେଇ ଏହାକୁ ସ୍ୱାଗତ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସେ ଆହୁରି କହିଥିଲେ ଯେ, ଯଦି ଭାରତ ବାଂଲାଦେଶର ସାର୍ବଭୌମତ୍ୱ, ଭୋଟଦାନ ଅଧିକାର ଏବଂ ମାନବାଧିକାରକୁ ସମ୍ମାନ ଦେଉନଥିବା ଶକ୍ତିକୁ ଆଶ୍ରୟ ଦେବ, ତେବେ ବାଂଲାଦେଶ ଜବାବ ଦେବ। ବାଂଲାଦେଶକୁ ଭାରତ ଅସ୍ଥିର କରୁଛି।

ତେବେ ଅବଦୁଲ୍ଲାଙ୍କ ବୟାନ ପରେ ତୀବ୍ର ପ୍ରତିକ୍ରିୟା ରଖିଛି ଭାରତ। ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ବାଂଲାଦେଶର ହାଇ କମିଶନରଙ୍କୁ ଏନେଇ ଅବଗତ କରାଯାଇଛି । ବୟାନକୁ ଭାରତ ବିରୋଧ କରୁଛି। ଢାକାରେ କିଛି ଚରମପନ୍ଥୀ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ପାଇଁ ଚାହୁଁଛନ୍ତି। କିନ୍ତୁ ସେଠାକାର ଅନ୍ତରୀଣ ସରକାର ଏଦିଗରେ କିଛି ପଦକ୍ଷେପ ନେଉନାହାନ୍ତି । ଘଟଣାର ତଦନ୍ତ କରିବାକୁ ଚିନ୍ତା କରୁ ନାହାନ୍ତି । ଘଟଣା ପରେ ଭାରତ ସହ ସେମାନେ କୌଣସି ତଥ୍ୟ ଆଦାନ ପ୍ରଦାନ କରୁନାହାନ୍ତି। ବୈଦେଶିକ ମନ୍ତ୍ରାଳୟ ଆହୁରି କହିଛି ଯେ, ଭାରତ ସଦାବେଳେ ବାଂଲାଦେଶ ନାଗରିକଙ୍କ ସହ ରହି ଆସିଛି। ବାଂଲାଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ନୂଆଦିଲ୍ଲୀ ଚାହିଁଥାଏ । ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନକୁ ସଦାବେଳେ ସମର୍ଥନ କରାଯାଏ। ଏହାସହ ବାଂଲା ଅନ୍ତରୀଣ ସରକାର ଢାକାରେ ଅବସ୍ଥିତ ଭାରତୀୟ କୁଟନୀତିଜ୍ଞଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଛି ଭାରତ।

## ପୁଣି ୧୦ ସ୍କୁଲକୁ ବୋମା ଧମକ




**ଗାନ୍ଧୀନଗର,୧୭।୧୨:** ପୁଣି ସ୍କୁଲକୁ ବୋମା ଧମକ ମିଳିଛି। ଗୁଜରାଟ ଅହମଦାବାଦର ୧୦ଟି ସ୍କୁଲକୁ ମିଳିଛି ବୋମା ଧମକ। ୧୦ଟି ସ୍କୁଲକୁ ଇ-ମେଲ ମାଧ୍ୟମରେ ବୋମା ଧମକ ମିଳିଛି। ସ୍କୁଲ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ 'ମୁନରୋ କ୍ୟୁକେଲ' ନାମକ ଏକ ଇ-ମେଲ ଆଇଡିରୁ ଧମକପୂର୍ଣ୍ଣ ମେଲ ଆସିଥିଲା। ମେଲ ସମ୍ପର୍କରେ ସୂଚନା ପାଇ ପୁଲିସକୁ ଜଣାଇଥିଲେ ସ୍କୁଲ ପ୍ରଶାସନ। ଏହାପରେ ଧମକ ମିଳିଥିବା ସମସ୍ତ ସ୍କୁଲରେ ଛୁଟି ଘୋଷଣା କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ସହ ବମ ସ୍କ୍ୱାଡ, ସନ୍ଧାନକାରୀ କୁକୁର ଏବଂ ଦମକଳ ବାହିନୀ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ସାଇବର କ୍ରାଇମ ପୁଲିସ ଇ-ମେଲ ଆକାଉଣ୍ଟ ଏବଂ ମେଲ ପଠାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଛାନଭିନ୍ ଆରମ୍ଭ କରିଛି।

## କାଲିଠୁ ଦିଲ୍ଲୀରେ ୱାର୍କ ଫ୍ରମ୍ ହୋମ୍

**ନୂଆଦିଲ୍ଲୀ,୧୭।୧୨ :** ସାଂଘାତିକ ସ୍ଥିତିରେ ଦିଲ୍ଲୀ ପ୍ରଦୂଷଣ। ବାୟୁ ଗୁଣବତ୍ତାମାନ ବିପଦଜନକ ସ୍ଥିତିରେ ପହଞ୍ଚିବା ପରେ ଦିଲ୍ଲୀ ସରକାରଙ୍କ ବଡ଼ ନିଷ୍ପତ୍ତି। ପ୍ରଦୂଷଣକୁ ନଜରରେ ରଖି ଆସନ୍ତା କାଲିଠୁ ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ୱାର୍କ ଫ୍ରମ ହୋମରେ କାମ କରିବେ। ନିୟମ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ। କିଛି ଦିନ ହେଲା ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୁ୍ୟଷଣ ବଢ଼ିଚାଲିଛି। ପୂର୍ବରୁ ଅନଲାଇନରେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ପରିସ୍ଥିତି ଉପରେ କାବୁ ପାଇବା ଲଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି।

### ନିୟମ ଉଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

## ଶିଳ୍ପା ସେଟ୍ଟୀଙ୍କ ପବରେ ଆୟକର ବିଭାଗର ଚଢ଼ାଉ

**ବେଙ୍ଗାଲୁରୁ,୧୭।୧୨ :** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସହ ମାଲିକାନା ଲଗଜରି ରେଷ୍ଟୁରାଣ୍ଟ 'ବାସ୍ତିଆନ୍ ବିରୋଧରେ ବେଙ୍ଗାଲୁରୁ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଅନୁମୋଦିତ ସମୟଠାରୁ ଅଧିକ ସମୟ ଧରି ପବ ଖୋଲିଥିବାରୁ ବାଷ୍ଟିଆନ୍ ଗାର୍ଡେନ୍ ସିଟି ସମେତ ବେଙ୍ଗାଲୁରୁର ଦୁଇଟି ପବ୍ ବିରୋଧରେ ପୁଲିସ ସ୍ୱତଃପ୍ରବୃତ୍ତ ଭାବେ ମାମଲା ରୁଜୁ କରିଛି।



ସୂଚନା ଅନୁଯାୟୀ ଡିସେମ୍ବର ୧୧ ତାରିଖ ଦିନ ବିଳମ୍ବିତ ରାତିରେ ଶିଳ୍ପା ସେଟ୍ଟୀଙ୍କ ପବରେ କୌଣସି କାରଣରୁ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତିକି ହାତା ହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଯାହା ପରବର୍ତ୍ତୀ ସମୟରେ ଭାଇରାଲ ହୋଇଥିଲା। ଭାଇରାଲ ଭିଡିଓ ଆଧାରରେ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି। କିଛି କର୍ମଚାରୀଙ୍କୁ ପଚରାଉଚରା କରାଯିବା ସହ ତଦନ୍ତ ଚାଲିଛି । ମଙ୍ଗଳବାର ଦିନ ଚର୍ଚ୍ଚ ଷ୍ଟ୍ରିଟ୍ ନିକଟରେ ଶିଳ୍ପା ଶେଟ୍ଟିଙ୍କ ବାଷ୍ଟିଆନ୍ ପବ୍ ଉପରେ ଆୟକର ବିଭାଗ ମଧ୍ୟ ଚଢ଼ାଉ କରିଥିଲା।

## ଏନକାଉଣ୍ଟରରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ନିହତ

**ଚଣ୍ଡିଗଡ଼, ୧୭।୧୨:** ମୋହାଲିର ଲାଲରୁରେ ଜଣେ ପୁଲିସ ଅଧିକାରୀ ଏବଂ ଜଣେ କବାଡି ଖେଳାଳିଙ୍କ ହତ୍ୟାରେ ଜଡିତ କୁଖ୍ୟାତ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ଓରଫ ମିଡ୍ଡୁ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛି। ମୋହାଲିର ଏସଏସପି ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି। ପୁଲିସ ଅନୁଯାୟୀ, ଗ୍ୟାଙ୍ଗଷ୍ଟର କବାଡି ଖେଳାଳି କନୱର ଦିଗବିଜୟ ସିଂହ ଓରଫ ରାଣା ବାଲାଚୌରିଆଙ୍କ ହତ୍ୟା ଷଡଯନ୍ତ୍ରରେ ସାମିଲ ଥିଲା। ତେବେ ସେ ଗୁଳି ଚଳାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ନଥିଲା। ଆହତ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ଓରଫ ମିଡ୍ଡୁ ତରନ ତାରନର ବାସିନ୍ଦା ଥିଲେ। ତାଙ୍କୁ ପିଛା କରିବା ସମୟରେ ଦୁଇ ପୁଲିସ ଅଧିକାରୀ ମଧ୍ୟ ଆହତ ହୋଇଥିଲେ।

ଡିସେମ୍ବର ୧୫ ତାରିଖରେ ଦିଗବିଜୟ ସିଂହ ରାଣାଙ୍କୁ ହତ୍ୟା କରାଯାଇଥିଲା। ଏକ କବାଡ଼ି ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ ଦୁଇଜଣ ବ୍ୟକ୍ତି ଆସି ଗୁଳିଚଳାଇଥିଲେ। ସେଥିରେ ରାଣାଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମୋହାଲି ଏସଏସପି ହରମନଦୀପ ସିଂହ ହଂସ କହିଛନ୍ତି ଯେ ସନ୍ଦିଗ୍ଧଙ୍କ ମଧ୍ୟରୁ ଜଣେ ଏଶଦୀପ ସିଂହ, ଯାହାକୁ ଗତକାଲି ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରାଯାଇଥିଲା। ସେ ବିଦେଶ ଫେରାର ହେବାକୁ ଉଦ୍ୟମ କରୁଥିଲା। ସେ ଗତ ୨୫ ନଭେମ୍ବରରେ ରୁଷରୁ ଭାରତ ଆସିଥିଲା। ତା ସୂଚନା ଆଧାରରେ, ଜୁଗରାଜ ସିଂହଙ୍କୁ ଅମୃତସରରେ ଗିରଫ କରାଯାଇଥିଲା।



# ମୋଦିଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ



### ସଂସଦରେ ଦେଲେ ଉଦ୍‌ବୋଧନ
### ବନ୍ଧୁତାର ନୂଆ ଅଧ୍ୟାୟ
### ଶୁଭିଲା 'ବନ୍ଦେ ମାତରମ୍'

**ନୂଆଦିଲ୍ଲୀ ୧୭।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଥିଓପିଆ ସଂସଦରେ ଅଭିଭାଷଣ ରଖିଛନ୍ତି। ଏହି ଅବସରରେ ସେ କହିଛନ୍ତି 'ମୁଁ ୧.୪ ବିଲିୟନ ଲୋକଙ୍କ ବନ୍ଧୁତାର ବାର୍ତ୍ତା ଆଣି ଆସିଛି। ବୁଧବାର ଦିନ ପ୍ରଧାନମନ୍ତ୍ରୀ ମୋଦୀ ଇଥିଓପିଆ ସଂସଦକୁ ସମ୍ବୋଧିତ କରି କହିଥିଲେ, ଏହା ମୋ ପାଇଁ ଗର୍ବର ବିଷୟ। ଏହା କେବଳ ମୋର ସମ୍ମାନ ନୁହେଁ, ଏହା ଦେଶର ସମ୍ମାନ। ପ୍ରଧାନମନ୍ତ୍ରୀ କହିଥିଲେ, ଗଣତନ୍ତ୍ରର ମନ୍ଦିରକୁ ଆସିବା ମୋ ପାଇଁ ସମ୍ମାନର କଥା।

ପ୍ରଧାନମନ୍ତ୍ରୀ ମୋଦୀ ଇଥିଓପିଆକୁ ସିଂହଙ୍କ ଦେଶ ବୋଲି କହିଥିଲେ। ସେ କହିଥିଲେ ଯେ, ତାଙ୍କ ଗୃହ ରାଜ୍ୟ, ଗୁଜରାଟ ମଧ୍ୟ ସିଂହଙ୍କ ଘର, ତେଣୁ ସେ ଏଠାରେ ନିଜ ଘର ଭଳି ଅନୁଭବ କରନ୍ତି। ଭାରତର ୧.୪ ବିଲିୟନ ଲୋକଙ୍କ ପକ୍ଷରୁ ସେ ବନ୍ଧୁତା, ସଦ୍ଭାବନା ଏବଂ ଭାଇଚାରା ପାଇଁ ତାଙ୍କର ଶୁଭକାମନା ଜଣାଇଥିଲେ। ଏହି ଭବ୍ୟ କୋଠାକୁ ଗଣତନ୍ତ୍ରର ମନ୍ଦିର ଭାବରେ ବର୍ଣ୍ଣନା କରି ସେ କହିଥିଲେ ଯେ, ଏଠାରେ ଲୋକଙ୍କ ଇଚ୍ଛା ରାଜ୍ୟର ନୀତି ହୋଇଥାଏ। ଭାରତ ଏବଂ ଇଥିଓପିଆ ମଧ୍ୟରେ ବନ୍ଧୁତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଆମର ସାଂସ୍କୃତିକ ଐତିହ୍ୟ ସହଭାଗୀ। ଗଣତନ୍ତ୍ରର ଏହି ମନ୍ଦିରକୁ ଆସିବା ମୋ ପାଇଁ ଗର୍ବର ବିଷୟ। ମୁଁ ୧.୪ ବିଲିୟନ ଲୋକଙ୍କ ବାର୍ତ୍ତା ଆଣିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତର ଜାତୀୟ ସଙ୍ଗୀତ, ବନ୍ଦେ ମାତରମ୍ ଓ ଇଥିଓପିଆର ଗୀତ ଉଭୟ ଦୁଇ ଦେଶ ଧରିତ୍ରୀ ମାତାଙ୍କ ବିଷୟରେ ବଖାଣେ। ଆମେ ଆଡିସ୍ ଆବାବା କିମ୍ବା ଅଯୋଧାରେ ରହୁ। ରାଜନୀତି ଓ ସୀମା ବାହାରେ ଆମର ସଭ୍ୟତାଗୁଡ଼ିକର ସାଧାରଣ ମୂଳ ରହିଛି । ଯାହା ସଭ୍ୟତା ମଧ୍ୟରେ ସେତୁ ନିର୍ମାଣ କରେ। ଆମର ସମ୍ପର୍କକୁ ଏକ ନୂତନ ଯୁଗକୁ ନେଇଯାଉଛି ବୋଲି ମୋଦୀ କହିଛନ୍ତି। ଏହି ଅବସରରେ ଇଥିଓପିଆ ଦେଇଥିବା ସର୍ବୋଚ୍ଚ ସମ୍ମାନ ପାଇଁ ଜଣାଇଛନ୍ତି ଧନ୍ୟବାଦ । ସେ କହିଛନ୍ତି , ଏତେବଡ଼ ସମ୍ମାନ ପ୍ରଦାନ ସମଗ୍ର ଭାରତବାସୀଙ୍କ ପାଇଁ ଉତ୍ସର୍ଗୀକୃତ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଇଥିଓପିଆ ଆଜି ଉଚ୍ଚରେ ଛିଡା ହୋଇଛି। କାରଣ ଏହାର ଗଭୀର ମୂଳ ଅଛି। ଏହା ଭବିଷ୍ୟତକୁ ଖୋଲା ହୃଦୟରେ ଗ୍ରହଣ କରୁଛି। ଭାରତ ମଧ୍ୟ ଏକ ପ୍ରାଚୀନ ସଭ୍ୟତା ଯାହା 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ମନ୍ତ୍ର ସହିତ ଆଗକୁ ବଢ଼ୁଛି।

## କୁହୁଡ଼ି ଯୋଗୁଁ ନୋଏଡାରେ ଡ୍ରାଇଭିଂ ଆଡଭାଇଜରି ଜାରି

**ନୂଆଦିଲ୍ଲୀ,୧୭।୧୨ :** ଦିଲ୍ଲୀରେ ଦିନକୁ ଦିନ ବଢ଼ିଚାଲିଛି ବାୟୁ ପ୍ରଦୂଷଣ। ଘନ କୁହୁଡି ଯୋଗୁଁ ଦୁର୍ଘଟଣା ଘଟିଚାଲିଛି। କୁହୁଡି ଯୋଗୁଁ ନୋଏଡା ପ୍ରଶାସନ ଆଡଭାଇଜରି ଜାରି କରିଛି। କୁହୁଡି ଯୋଗୁଁ ସୁରକ୍ଷିତ ଯାତ୍ରା କରିବା ପାଇଁ ଗାଡ଼ି ଚାଳକଙ୍କୁ ମ୍ୟୁଜିକ ସିଷ୍ଟମ ବନ୍ଦ ରଖିବା ସହିତ ଧୀର ଗତିରେ ଗାଡି ଚଲାଇବା ପାଇଁ କୁହାଯାଇଛି। ପରିବହନ ଅଧିକାରୀ ଉଦିତ ନାରାୟଣ ପାଣ୍ଡେ କହିଛନ୍ତି, ଥଣ୍ଡା ଯୋଗୁଁ କୁହୁଡି ହେଉଥିବାରୁ ରାସ୍ତାରେ ଗାଡ଼ି ଚଲାଇବା କଷ୍ଟକର ହୋଇପଡିଛି। ଏଥିପାଇଁ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି। ଯଦି ଚାଳକ କିଛି ସରଳ ଏବଂ ଆବଶ୍ୟକୀୟ ସାବଧାନତା ପାଳନ କରନ୍ତି, ତେବେ କିଛି ମାତ୍ରାରେ ଦୁର୍ଘଟଣାରୁ ରକ୍ଷା ପାଇପାରିବେ। କୁହୁଡି ସମୟରେ ଯାତ୍ରା କରିବାରୁ ଦୂରେଇ ରୁହନ୍ତୁ। ଗନ୍ତବ୍ୟ ସ୍ଥଳକୁ ପହଞ୍ଚିବା ପାଇଁ ତରତର ହୁଅନ୍ତୁ ନାହିଁ । ଧୀରେ ଗାଡି ଚଲାନ୍ତୁ, ସତର୍କ ରୁହନ୍ତୁ। ଘନ କୁହୁଡି ଯୋଗୁଁ ଭିଜିବିଲିଟି କମ୍ ରହୁଥିବା ଦୁର୍ଘଟଣା ବିପଦ ଅଧିକ ରହିଥାଏ । ଗାଡ଼ି ଚଲାଇବା ବେଳେ ମ୍ୟୁଜିକ ସିଷ୍ଟମ ବନ୍ଦ ରଖନ୍ତୁ। ଏସି ପରିବର୍ତ୍ତେ ହାଲୁକା ଭାବେ ହିଟର ବ୍ୟବହାର କରନ୍ତୁ ଏବଂ ଭିଜିବିଲିଟି ପାଇଁ କାର୍ କାଚ ଅଳ୍ପ ଖୋଲା ରଖନ୍ତୁ।

### ମ୍ୟୁଜିକ ସିଷ୍ଟମ ବନ୍ଦ ରଖନ୍ତୁ, ଗାଡ଼ି ଧୀରେ ଚଲାନ୍ତୁ

# ଏଣିକି ୧୦ ମିନିଟରେ ପହଞ୍ଚିବ ଆମ୍ବୁଲାନ୍ସ

**ନୂଆଦିଲ୍ଲୀ,୧୭।୧୨:** ସଡ଼କ ଦୁର୍ଘଟଣା ପରେ ପ୍ରାୟତଃ ଦେଖାଯାଏ ଯେ, ଆମ୍ବୁଲାନ୍ସ ବହୁତ ବିଳମ୍ବରେ ପହଞ୍ଚେ। ତେବେ ସଂସଦରେ ଏହି ପ୍ରସଙ୍ଗ ଉଠିବା ପରେ ସରକାର ଏହାକୁ ଗମ୍ଭୀରତାର ସହ ନେଇଥିଲେ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଘୋଷଣା କରିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ଯୋଜନା କରୁଛନ୍ତି।

କିଲୋମିଟର ଅନୁସାରେ ରାଜ୍ୟଗୁଡ଼ିକ ଆମ୍ବୁଲାନ୍ସ ଦାବି କରିବେ। କେନ୍ଦ୍ର ସରକାର ନିଜ ଖର୍ଚ୍ଚରେ ଆମ୍ବୁଲାନ୍ସ ଯୋଗାଇବେ, କିନ୍ତୁ ସର୍ତ୍ତ ରଖିବେ ଯେ, ଦୁର୍ଘଟଣାର ଦଶ ମିନିଟ୍ ମଧ୍ୟରେ ଯେମିତି ଆମ୍ବୁଲାନ୍ସ ପହଞ୍ଚିବ। ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ, ଜଣେ କଂଗ୍ରେସ ସଦସ୍ୟ ଜାତୀୟ ରାଜପଥରେ ସୁରକ୍ଷା ଏବଂ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ସେ ଯମୁନା ଏକ୍ସପ୍ରେସ ୱେରେ ଦୁର୍ଘଟଣାର ଗୋଟିଏ ଘଣ୍ଟା ପରେ ଆମ୍ବୁଲାନ୍ସ ଆସିବା ପ୍ରସଙ୍ଗ ଉଠାଇଥିଲେ ଏବଂ



ଏ ସମ୍ପର୍କରେ ସରକାର କ'ଣ ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି ବୋଲି ପଚାରିଥିଲେ। କେନ୍ଦ୍ର ମନ୍ତ୍ରୀ ଗଡ଼କରୀ ପ୍ରଥମେ ସ୍ପଷ୍ଟ କରିଥିଲେ ଯେ, ଯମୁନା ଏକ୍ସପ୍ରେସ ୱେ ଉତ୍ତର ପ୍ରଦେଶ ସରକାରଙ୍କ ଅଧିକାର କ୍ଷେତ୍ର ଅଧୀନରେ ପଡ଼େ।

ସେ କହିଥିଲେ ଯେ, ସଡ଼କ ଏବଂ ଅଟୋମୋବାଇଲ୍ ଇଞ୍ଜିନିୟରିଂରେ ଯଥେଷ୍ଟ ଉନ୍ନତି ଦେଖାଦେଇଛି, କିନ୍ତୁ ମାନବ ଆଚରଣ ଏକ ପ୍ରମୁଖ ସମସ୍ୟା ରହିଛି। ସେ ଦେଶରେ ପ୍ରତିବର୍ଷ ପାଞ୍ଚ ଲକ୍ଷ ଦୁର୍ଘଟଣାରେ ପ୍ରାୟ ୧୮୦,୦୦୦ ମୃତ୍ୟୁ ଘଟୁଥିବା ପରିସଂଖ୍ୟାନକୁ ଉଦ୍ଧୃତ କରିଛନ୍ତି। ସେ ଆଇଆଇଏମ୍ ଦିଲ୍ଲୀର ଏକ ରିପୋର୍ଟକୁ ଉଦ୍ଧୃତ କରିଛନ୍ତି ଯାହା ଦର୍ଶାଉଛି ଯେ, ଯଦି ଦୁର୍ଘଟଣା ପୀଡିତଙ୍କୁ ସମୟୋଚିତ ଚିକିତ୍ସା ମିଳିଥାନ୍ତା, ତେବେ ୫୦,୦୦୦ ଜୀବନ ରକ୍ଷା କରାଯାଇପାରିଥାନ୍ତା। ଗଡକରୀ ସ୍ୱୀକାର କରିଛନ୍ତି ଯେ, ଦୁର୍ଘଟଣାର ଦଶ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ ଉପଲବ୍ଧ ହେବା ଉଚିତ। ସେ ବ୍ୟାଖ୍ୟା କରିଛନ୍ତି ଯେ, ଏହି ସମସ୍ୟାର ସମାଧାନ ପାଇଁ ରାହବୀର ଯୋଜନା ବିକଶିତ ହୋଇଛି, ଯେଉଁମାନେ ଆହତମାନଙ୍କୁ ଡାକ୍ତରଖାନା ନେଇଯାଆନ୍ତି ସେମାନଙ୍କୁ ପୁରସ୍କୃତ କରାଯାଉଛି। ସେ ଏହା ମଧ୍ୟ କହିଛନ୍ତି ଯେ, ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ସହିତ ବୁଝାମଣା ପତ୍ର କରିବେ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ଦ୍ୱାରା ଅନୁରୋଧ କରାଯାଇଥିବା ଆମ୍ବୁଲାନ୍ସ ଯୋଗାଇବେ, କିନ୍ତୁ ସେମାନଙ୍କର ପରିଚାଳନା ରାଜ୍ୟର ଦାୟିତ୍ୱ ହେବ। ଆଧୁନିକ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଏକମାତ୍ର ସର୍ତ୍ତ ହେଉଛି ଦୁର୍ଘଟଣାର ଦଶ ମିନିଟ୍ ମଧ୍ୟରେ ସେମାନେ ପହଞ୍ଚିବା ଆବଶ୍ୟକ। ପରିବହନ ମନ୍ତ୍ରୀ କହିଛନ୍ତି ଯେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ଚିଠି ଲେଖିଛନ୍ତି। ବର୍ତ୍ତମାନ, ଅନେକ ରାଜ୍ୟରେ ଭିନ୍ନ ଭିନ୍ନ ଟୋଲ୍-ଫ୍ରି ଆମ୍ବୁଲାନ୍ସ ନମ୍ବର ଅଛି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ପାଇଁ ଏକକ ଟୋଲ୍-ଫ୍ରି ଆମ୍ବୁଲାନ୍ସ ନମ୍ବର ପାଇଁ କାର୍ଯ୍ୟ କରୁଛି।

### କେନ୍ଦ୍ର- ରାଜ୍ୟ ବୁଝାମଣାପତ୍ର ସ୍ୱାକ୍ଷର ହେବ
### ନିଜ ଖର୍ଚ୍ଚରେ ଆମ୍ବୁଲାନ୍ସ ଯୋଗାଇବ କେନ୍ଦ୍ର
### ରାଜ୍ୟସଭାରେ ଉତ୍ତର ରଖିଲେ ନିତିନ ଗଡ଼କରୀ

● ଜାତୀୟ ସୁରକ୍ଷାକୁ ଆମେରିକାର ଗୁରୁତ୍ୱ

# ୩୯ ଦେଶ ଉପରେ ଲାଗିଲା ଯାତ୍ରା ପ୍ରତିବନ୍ଧକ

**ୱାଶିଂଟନ, ୧୭।୧୨:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ସୁରକ୍ଷା ଏବଂ ସାର୍ବଜନୀକ ସୁରକ୍ଷାକୁ ନଜରରେ ରଖି ପ୍ରବାସ ନୀତିକୁ ଆହୁରି କଠୋର କରିଛନ୍ତି। ଟ୍ରମ୍ପ ପ୍ରଶାସନ ଆହୁରି ୭ଟି ଦେଶ ଏବଂ ପାଲେଷ୍ଟେନୀୟଙ୍କ ଉପରେ

**ଜାନୁଆରି ୧ରୁ ଲାଗୁ ହେବ**

ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲଗାଇଛି। ଏହା ସହିତ, ଅନ୍ୟ ୧୫ଟି ଦେଶର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ ପ୍ରତିବନ୍ଧକ ଲଗାଯାଇଛି। ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ସହିତ, ଆମେରିକାରୁ ଯାତ୍ରା ପ୍ରତିବନ୍ଧକ କିମ୍ବା ପ୍ରବେଶ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦେଶର ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। ସୂଚନା ଅନୁଯାୟୀ, ଏହି ପ୍ରତିବନ୍ଧକ ଜାନୁଆରି ୧ତାରିଖରୁ କାର୍ଯ୍ୟକାରୀ ହେବ। ଦୁର୍ବଳ ଭିସା ଯାଞ୍ଚ ବ୍ୟବସ୍ଥା, ଅଧିକ ଭିସା ଅବଧି ହାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର



ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।

ନୂତନ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଡାନ ଏବଂ ସିରିଆ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି। ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଯାତ୍ରା ଦସ୍ତାବିଜ୍ ରଖିଥିବା ପାଲେଷ୍ଟେନୀୟମାନଙ୍କୁ ମଧ୍ୟ ପ୍ରତିବନ୍ଧକ ତାଲିକାରେ ଯୋଡାଯାଇଛି। ପୂର୍ବରୁ ଆଂଶିକ ପ୍ରତିବନ୍ଧକ ଥିବା ଲାଓସ ଏବଂ ସିଏରା ଲିଓନ ଉପରେ ମଧ୍ୟ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ ହୋଇଛି।

ଅଙ୍ଗୋଲା, ଏଣ୍ଟିଗୁଆ ଏବଂ ବାରବୁଡା, ବେନିନ, କୋଟ୍ ଡି'ଆଇବୋର୍, ଡୋମିନିକା, ଗେବୋନ୍, ଦ ଗାମ୍ବିଆ, ମାଲାଓ୍ୱି, ମୌରିଟାନିଆ, ନାଇଜେରିଆ, ସେନେଗାଲ୍, ତାଞ୍ଜାନିଆ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ କଟକଣା ଲାଗୁ କରିଛି ଟ୍ରମ୍ପ ପ୍ରଶାସନ। ବୁରୁଣ୍ଡି, କ୍ୟୁବା, ଟୋଗୋ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ପୂର୍ବରୁ ଥିବା ଆଂଶିକ କଟକଣା ବଳବତ୍ତର ରହିଛି। ତୁର୍କମେନିସ୍ତାନ ହେଉଛି ଏକମାତ୍ର ଦେଶ ଯାହାକୁ ନୂତନ ବ୍ୟବସ୍ଥା ଅନୁଯାୟୀ ଆଂଶିକ ଆଶ୍ୱସ୍ତି ଦିଆଯାଇଛି। ଏହାର ନାଗରିକଙ୍କ ପାଇଁ ଅଣ-ପ୍ରବାସୀ ଭିସା କଟକଣା ଉଠାଇ ଦିଆଯାଇଛି।

# ଘନ କୁହୁଡ଼ି: ୪ର୍ଥ ଟି-୨୦ ମ୍ୟାଚ ବାତିଲ

**ଲକ୍ଷ୍ନୌ, ୧୭।୧୨:** ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମଠାରେ ଖେଳାଯିବାକୁ ଥିବା ଭାରତ ବନାମ ଦକ୍ଷିଣ ଆଫ୍ରିକା ୪ର୍ଥ ଟି-୨୦ ମ୍ୟାଚ ବାତିଲ ହୋଇଯାଇଛି। ଘନ କୁହୁଡ଼ି କାରଣରୁ ଏହି ମ୍ୟାଚ ବାତିଲ ହୋଇଯାଇଥିବା ମ୍ୟାଚ ରେଫରି ଘୋଷଣା କରିଛନ୍ତି।

ଆଜିର ମ୍ୟାଚ ସନ୍ଧ୍ୟା ୭ଟା ସମୟରେ ଆରମ୍ଭ ହେବାର ଥିଲା। ଏହାର ଅଧଘଣ୍ଟା ଅର୍ଥାତ ସାଢେ ୬ଟାବେଳେ ଟସ ପଡ଼ିବାର ଥିଲା। କିନ୍ତୁ ଘନ କୁହୁଡ଼ି କାରଣରୁ ଟସ ବିଳମ୍ବିତ ହୋଇଥିଲା । ଏହା ପରେ ଅମ୍ପାୟାର ମାନେ ବାରମ୍ବାର ପଡ଼ିଆର ନିରୀକ୍ଷଣ କରିଥିଲେ ବି ସ୍ଥିତିରେ କୌଣସି ଉନ୍ନତି ଆସିନଥିଲା। ଶେଷଥର ପାଇଁ ଅମ୍ପାୟାରମାନେ ରାତି ୯ଟା ୨୫ ମିନିଟ ସମୟରେ ପଡ଼ିଆର ନିରୀକ୍ଷଣ କରିବା ସମୟରେ ମଧ୍ୟ କୁହୁଡ଼ି ହଟିନଥିଲା।



ଫଳରେ ମ୍ୟାଚ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୫ ମ୍ୟାଚ ବିଶିଷ୍ଟ ଏହି ଟି-୨୦ ସିରିଜରେ ଭାରତ ୨-୧ରେ ଆଗୁଆ ରହିଛି। ଆଜିର ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ କରିଥାନ୍ତା। କିନ୍ତୁ ମ୍ୟାଚ ରଦ୍ଦ ହେବା ପରେ ଦକ୍ଷିଣ ଆଫ୍ରିକା ଏବେ କେବଳ ୫ମ ମ୍ୟାଚ ଜିତି ସିରିଜକୁ ବରାବର କରିପାରିବ। ସେପଟେ ଭାରତ ୫ମ ମ୍ୟାଚ ଜିତିଲେ ସିରିଜକୁ ୩-୧ରେ ହାତେଇନେବ। ୫ମ ଟି-୨୦ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ୧୯ରେ ଖେଳାଯିବ।

# ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

**ନୂଆଦିଲ୍ଲୀ, ୧୭।୧୨:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନକୁ ସିନ୍ଧୁନଦୀ ଜଳଯୋଗାଣ ବନ୍ଦ କରିଦେଇଛି, ଯାହା ଫଳରେ ଅନେକ ଅଞ୍ଚଳରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ନ ହେଉଣୁ ପାକିସ୍ତାନ ପାଇଁ ଆଉ ଏକ ସମସ୍ୟା ଛିଡ଼ା ହୋଇଛି। ଆଫଗାନିସ୍ତାନର ତାଲିବାନ ସରକାର ଏପରି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ପାକିସ୍ତାନରେ ଜଳ ସଙ୍କଟକୁ ଆହୁରି ଉତ୍କଟ କରିପାରେ।ତାଲିବାନ କୁନାର ନଦୀରୁ ନାଙ୍ଗରହାର ଅଞ୍ଚଳକୁ ପାଣି ପଠାଇବା ଯୋଜନା ସହିତ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ନଦୀର ପ୍ରବାହକୁ ଯଥେଷ୍ଟ ହ୍ରାସ କରିପାରିବ। ସମ୍ପ୍ରତି ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଉତ୍ତେଜନା ଦେଖାଦେଇଛି, ଯାହା ଫଳରେ ଉଭୟ ଦେଶର ଅନେକ ସୈନିକଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅର୍ଥନୈତିକ ଆୟୋଗର ବୈଷୟିକ କମିଟି କୁନାର ନଦୀରୁ ଦାରୁନ୍ତା ଡ୍ୟାମକୁ ପାଣିର ପ୍ରବାହକୁ ଅନ୍ୟଆଡ଼େ ମୋଡ଼ିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ ଏବଂ ଅନୁମୋଦନ କରିଥିଲେ। କାର୍ଯ୍ୟକାରୀ ହେବା ପରେ, ଏହି ପ୍ରକଳ୍ପ ଆଫଗାନିସ୍ତାନର ନାଙ୍ଗରହାରରେ ଅନେକ କୃଷି ଜମିକୁ ପ୍ରଭାବିତ କରୁଥିବା ଜଳ ଅଭାବକୁ ଦୂର କରିବ ବୋଲି ଆଶା କରାଯାଉଛି, କିନ୍ତୁ ଏହା ପାକିସ୍ତାନର ଖାଇବର ପଖତୁନଖ୍ୱାକୁ ଜଳ ପ୍ରବାହକୁ ହ୍ରାସ କରିବ।

● ଜାତୀୟ କିକ ବକ୍ସିଂ ଚମ୍ପିଆନଶିପ ଉଦଯାପିତ

# ବରିଷ୍ଠ ଓ କନିଷ୍ଠ ବର୍ଗରେ ଓଡ଼ିଶା ଚାମ୍ପିୟନ



**ଭୁବନେଶ୍ୱର, ୧୭।୧୨:** ଇଣ୍ଡିଆନ ଆସୋସିଏସନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେସନ ପକ୍ଷରୁ ନିଖିଳ ଓଡିଶା କିକ ବକ୍ସିଂ ଆସୋସିଏସନ ସହାୟତାରେ ଭୁବନେଶ୍ୱରଠାରେ ଚାଲିଥିବା ଜାତୀୟ କିକ ବକ୍ସିଂ ଚମ୍ପିଆନଶିପ ଉଦଯାପିତ ହୋଇଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଟାଉନ ହାଉସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଓ ଉପକନିଷ୍ଠ ବର୍ଗରେ ଓଡ଼ିଶା ଦଳଗତ ଚାମ୍ପିୟନ ହୋଇଥିଲା ବେଳେ କନିଷ୍ଠବର୍ଗରେ କେରଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରୋ କିକ ବକ୍ସିଂ ୫୦ କିଲୋ ବର୍ଗରେ ଓଡ଼ିଶାର ରାହୁଲ ଘଡେଇ ଓ ୬୦ କିଲୋ ବର୍ଗରେ କେରଳର ନିହାଲ କରିମ ବେଲ୍ଟ ହାସଲ କରିଥିବା ଆୟୋଜକ କମିଟି ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆୟୋଜକ କମିଟି ଅଧକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରୀଆନ ମନୋଜ ତ୍ରିପାଠୀ, ଆଇଏକେଓ ସଭାପତି ଇଂ ପ୍ରବୋଧ ମହାନ୍ତି, ସମାଜସେବୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଯୋଗ ଦେଇଥିଲେ।

ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ

# ଅଲିଭ୍ ରିଡଲେଙ୍କ ସୁରକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ୨୦୨୫-୨୬ ଗଣ ଅଣ୍ଡାଦାନ ଋତୁକୁ ଦୃଷ୍ଟିରେ ରଖି ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଏକ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗ ଓ ସଂସ୍ଥାର ବରିଷ୍ଠ ପଦାଧିକାରୀ ଓ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ବୈଠକରେ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗତ ବର୍ଷ ନିଆଯାଇଥିବା ଓ ଆଗାମୀ ପଦକ୍ଷେପ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗହୀରମଥା ବନ୍ୟପ୍ରାଣୀ ସାମୁଦ୍ରିକ ଅଭୟାରଣ୍ୟ ଓ ଋଷିକୂଲ୍ୟା ନଦୀ ମୁହାଣରେ ଅଣ୍ଡାଦାନ ସଂପର୍କରେ ଆଲୋକପାତ କରାଯାଇଥିଲା। ନଭେମ୍ବର ୧ ରୁ



ଆଗାମୀ ମଇ ୩୧ ତାରିଖ ପର୍ଯ୍ୟନ୍ତ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ ପରିଚାଳନା ଆରମ୍ଭ ହୋଇସାରିଛି। କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି। ତଦାରଖ ପାଇଁ ହାଇସ୍ପିଡ ଡଙ୍ଗା, ଟ୍ରଲର, ସହାୟକ ଡଙ୍ଗା ନିୟୋଜିତ କରାଯାଇଛି। ସମସ୍ତ ଉପକୂଳ ଫରେଷ୍ଟ ଡିଭିଜନ ଅଂଚଳରେ ୬୭ ଟି ପାଟ୍ରୋଲିଂ ଶିବିର ଆନୁଷଙ୍ଗିକ ସୁବିଧା ପୁନଃ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ପ୍ରତି ଡିଭିଜନ ସ୍ତରରେ ସମୁଦ୍ରରେ ଯୁଗ୍ମ ପାଟ୍ରୋଲିଂ ପାଇଁ ସମନ୍ୱୟ ବୈଠକ କରାଯାଉଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କ ସହଯୋଗ ନିଆଯାଉଛି । ଆନ୍ତଃ ବିଭାଗୀୟ ସମନ୍ୱୟ ଯୋଗୁଁ ଅଲିଭ ରିଡଲେ କଇଁଛ ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟ ପ୍ରଶଂସନୀୟ ରହିଥିବା ବୈଠକରେ ଆଲୋଚନା କରାଯାଇଥିଲା ।

# ସଙ୍ଗୀତା ସିଂହଦେଓ ଶ୍ରେଷ୍ଠ ମହିଳା ସାଂସଦ

**ନୂଆଦିଲ୍ଲୀ, ୧୭।୧୨:** ବିଜେପି ସାଂସଦ ସଙ୍ଗୀତା ସିଂହଦେଓଙ୍କୁ ଶ୍ରେଷ୍ଠ ମହିଳା ସାଂସଦ ଭାବେ ପୁରସ୍କୃତ କରାଯାଇଛି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଲୋକମତ ସାଂସଦ ପୁରସ୍କାର ୨୦୨୪-୨୫ର ଷଷ୍ଠ ଏଡିସନରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ




କରାଯାଇଛି। ସଙ୍ଗୀତା ବିଜେପିର ଜଣେ ବରିଷ୍ଠ ସାଂସଦ ଏବଂ ସେ ବଲାଙ୍ଗୀର ଲୋକସଭା କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଛନ୍ତି। ଦ୍ୱାଦଶ ଲୋକସଭାକୁ ସେ ପ୍ରଥମ ଥର ପାଇଁ ସାଂସଦ ଭାବେ ବଲାଙ୍ଗୀର ଆସନରୁ ନିର୍ବାଚିତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ପଞ୍ଚମ ଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ଟିଆର ବାଲୁଙ୍କୁ ଲୋକସଭାର ଲାଇଫ ଟାଇମ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଜଗଦମ୍ବିକା ପାଲଙ୍କୁ ଶ୍ରେଷ୍ଠ ସାଂସଦ ଭାବେ, ଇକ୍ରା ଚୌଧୁରୀଙ୍କୁ ଶ୍ରେଷ୍ଠ ନବାଗତ ସାଂସଦ ଭାବେ, ଦିଗବିଜୟ ସିଂଙ୍କୁ ରାଜ୍ୟସଭାର ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି।

● ୧୦ ଲକ୍ଷ ଟଙ୍କାର ଗହଣା ଲୁଟ୍ ଘଟଣା

# ଦାର୍ଜିଲିଂରୁ ଯୁବତୀଙ୍କୁ ବାନ୍ଧିଲା ପୁଲିସ

**କୋଲକାତା, ୧୭।୧୨(ସଂଚାର ବ୍ୟୁରୋ):** ବାଲିଗଞ୍ଜର ଏକ ଘରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ଗହଣା ଚୋରିକରି ଚମ୍ପଟ ମାରିଥିବା ଯୁବତୀଙ୍କୁ କୋଲକାତା ପୁଲିସ ଦାର୍ଜିଲିଂରୁ ଗିରଫ କରିଛି। ପୁଲିସ ରତ୍ନା ସାକର ନାମକ ମହିଳାଙ୍କ ଘରୁ ଅଧିକାଂଶ ଗହଣା ଜବତ କରିଛି। ଗିରଫ ମହିଳାଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଥିଲା।

ଗତ ୧୦ ଡିସେମ୍ବରରେ ବାଲିଗଞ୍ଜ ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗରେ କୁହାଯାଇଥିଲା ଯେ, ରତ୍ନା କୁଇନ୍ସ ପାର୍କର ଏକ ଘରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଏବଂ ହୀରା ଗହଣା ନେଇ ଚମ୍ପଟ ମାରିଥିଲେ।

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

# ୩୧୩ ଶିକ୍ଷକଙ୍କ ଚାକିରି ବାତିଲ

**କୋଲକାତା, ୧୭।୧୨ (ସଂଚାର ବ୍ୟୁରୋ):** କୋଲକାତା ହାଇକୋର୍ଟ ପୁଣି ଶିକ୍ଷକଙ୍କ ଚାକିରି ବାତିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାହାଡ଼ରେ ଶିକ୍ଷକ ଦୁର୍ନୀତିର ଅଭିଯୋଗ ମାମଲାର ଶୁଣାଣି ବହୁତ ଦିନ ଧରି ଚାଲିଥିଲା। ବିଚାରପତି ବିଶ୍ୱଜିତ ବସୁ ୩୧୩ ଜଣ ଶିକ୍ଷକଙ୍କ ଚାକିରି ବାତିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଏସ୍‌ଏସ୍‌ସି ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରାୟ ୨୬ ହଜାର ଜଣଙ୍କ ଚାକିରି ବାତିଲ କରିଥିଲେ। ପରେ, ସୁପ୍ରିମକୋର୍ଟ ମଧ ସେହି ନିର୍ଦ୍ଦେଶକୁ ବଜାୟ ରଖିଥିଲେ। ଏହି ପରିବେଶରେ, କୋର୍ଟ ପୁଣି ଚାକିରି ବାତିଲର ନିର୍ଦ୍ଦେଶ ଦେଇଛନ୍ତି। ଜିଟିଏ ନିୟନ୍ତ୍ରଣାଧୀନ ଅଞ୍ଚଳରେ ବେଆଇନ ନିଯୁକ୍ତି ଅଭିଯୋଗ



ଉଠିଥିଲା। ଏହି ମାମଲାରେ ପାର୍ଥ ଚାଟାର୍ଜୀଙ୍କ ନାମ ମଧ୍ୟ ଜଡିତ ଥିଲା। ବିନୟ ତମାଙ୍ଗ ଏବଂ ତୃଣମୂଳ ଯୁବ ନେତା ତୃଣାଙ୍କୁର ଭଟ୍ଟାଚାର୍ଯ୍ୟଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଦାୟର କରାଯାଇଥିଲା। ଅଭିଯୋଗରେ କୁହାଯାଇଥିଲା ଯେ, ବେଆଇନ ନିଯୁକ୍ତି କରାଯାଇଛି। ମାମଲା ହାଇକୋର୍ଟରେ ପହଞ୍ଚିଥିଲା। କୋର୍ଟ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

ଡ୍ରାଫ୍ଟ ଭୋଟର ତାଲିକା

# ନନ୍ଦିଗ୍ରାମରେ ୧୦, ୫୫୩ ନାମ ବାଦ୍

**କୋଲକାତା, ୧୭।୧୨(ସଂଚାର ବ୍ୟୁରୋ):** ୨୦୨୧ ମସିହା ନିର୍ବାଚନରେ, ପୂର୍ବ ମେଦିନୀପୁରର ନନ୍ଦିଗ୍ରାମ ଏକ ହାଇଭୋଲଟେଜ୍ କେନ୍ଦ୍ର ଥିଲା। ସେଠାରେ ତୃଣମୂଳ ପ୍ରାର୍ଥୀ ମମତା ବାନାର୍ଜୀଙ୍କୁ ବିଜେପିର ଶୁଭେନ୍ଦୁ ଅଧିକାରୀ ୧୯୫୬ ଭୋଟରେ ପରାସ୍ତ କରିଥିଲେ। ସେହି ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀର ଡ୍ରାଫ୍ଟ ଭୋଟର ତାଲିକାରୁ କେତେ ନାମ ବାଦ୍ ପଡ଼ିବ ତାହାକୁ ନେଇ ରାଜନୈତିକ ମହଲରେ ମଧ କୌତୁହଳ ଥିଲା। ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶନ ପରେ ଜଣାପଡିଛି ଯେ, ନନ୍ଦିଗ୍ରାମରେ ୧୦ ହଜାର ୫୫୩ ଜଣଙ୍କ ନାମ ବାଦ୍ ପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ନିବେଶ ଆକୃଷ୍ଟ କରିବା ଏବଂ ଅଗ୍ରଣୀ ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ଦୀର୍ଘକାଳୀନ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ରୋଡ ସୋର ଅଂଶବିଶେଷ ସ୍ୱରୂପ, ରାଜ୍ୟର ଏକ ପ୍ରତିନିଧି ଦଳ ଶିଳ୍ପପତି, ବରିଷ୍ଠ ନେତୃବର୍ଗ, ପ୍ରମୁଖ କମ୍ପାନୀମାନଙ୍କ ସହ ସିଧାସଳଖ ବୈଠକ କରିବେ ଏବଂ ଶିଳ୍ପପତିମାନଙ୍କ ସହ ଗୋଲଟେବୁଲ ଆଲୋଚନା କରିବେ। ହାଇଦ୍ରାବାଦର ରୋଡ୍ ସୋ ସମ୍ପ୍ରସାରଣ ଏବଂ ନୂତନ ନିବେଶ ଗନ୍ତବ୍ୟସ୍ଥଳର ଅନ୍ୱେଷଣ କରୁଥିବା କମ୍ପାନୀଗୁଡ଼ିକ ସହିତ ଜଡିତ ହେବା ପାଇଁ ଯୋଜନା କରିଛି। ଏହି ଆଲୋଚନା ସମୟରେ, ରାଜ୍ୟ ଏହାର ଉତ୍ସର୍ଗୀକୃତ ଶିଳ୍ପ ପାର୍କ, ସୁଦୃଢ଼ ଶିଳ୍ପ ଭିତ୍ତିଭୂମି, ଜମିର ଉପଲବ୍ଧତା, କୁଶଳୀ ଲୋକବଳ, ରାଜ୍ୟ ସରକାରଙ୍କ ନୀତି ଏବଂ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ଉପରେ ଆଲୋକପାତ କରାଯିବ। ଓଡ଼ିଶା ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ଓଡ଼ିଶା ଏହାର ନୀତି ଏବଂ ନିବେଶକ ଅନୁକୂଳ ପରିବେଶ ଦ୍ୱାରା ପରିଚାଳିତ ଶିଳ୍ପ ଏବଂ ପୁଞ୍ଜି ବିନିଯୋଗ ପାଇଁ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେଉଛି। ଆମର ହାଇଦ୍ରାବାଦ ଗସ୍ତ ଶିଳ୍ପପତି ଏବଂ ନିବେଶକମାନଙ୍କ ସହିତ ସକରାତ୍ମକ ସମ୍ପର୍କକୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଗସ୍ତ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ ସହାୟକ ହେବ ଏବଂ ରାଜ୍ୟକୁ ନୂଆ ସୁଯୋଗ ଏବଂ ନିରନ୍ତର ବିକାଶର କେନ୍ଦ୍ରରେ ପରିଣତ କରିବାର ଆମର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ହେବ। ରାଜ୍ୟ ସରକାର ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ରଗୁଡ଼ିକରେ ନିବେଶକ ପ୍ରସାର କାର୍ଯ୍ୟକ୍ରମ ହାତକୁ ନେବା ଜାରି ରଖିଛନ୍ତି। ହାଇଦ୍ରାବାଦ ରୋଡ ଶୋ' ନିବେଶକଙ୍କ ଆଗ୍ରହକୁ ବାସ୍ତବ ଶିଳ୍ପ ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିରେ ରୂପାନ୍ତରିତ କରିବାର ଆଉ ଏକ ପଦକ୍ଷେପ ବୋଲି ସେ କହିଛନ୍ତି।

## ସୁଦାନରୁ ...

ହୋଇଯାଇଥିଲେ। ତେବେ ଏ ସମ୍ପର୍କରେ ଆଦର୍ଶଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହସ୍ତକ୍ଷେପ କରିବା ସକାଶେ ନିବେଦନ କରିଥିଲେ। ତୁରନ୍ତ ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିଲା। ଆଦର୍ଶ ଆଜି ଘରକୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଆଦର୍ଶଙ୍କୁ ମୁକ୍ତ କରିବା ସକାଶେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ଯଥାସମ୍ଭବ ପଦକ୍ଷେପ ନେଇଥିବା ଉଲ୍ଲେଖ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ନିବେଦନ କରାଯିବା ପରେ କେନ୍ଦ୍ର ସରକାର ସୁଦାନସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ ସ୍ଥାପନ କରିଥିଲେ। ଭାରତୀୟ ଦୂତାବାସ ଓ କେତେକ ଆନ୍ତର୍ଜାତିକ ମଧ୍ୟସ୍ଥିଙ୍କ ସହଯୋଗ କ୍ରମେ ଆଦର୍ଶଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଆଦର୍ଶଙ୍କ ପ୍ରତ୍ୟାବର୍ତ୍ତନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ପ୍ରକଟ କରିବା ସହ ଏ ଦିଗରେ ଠୋସ୍ ପଦକ୍ଷେପ ନେଇଥିବାରୁ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି। ତେବେ ବିମାନବନ୍ଦରରେ ପହଞ୍ଚିବା ପରେ ଆଦର୍ଶ ଲୁହ ଛଳ ଛଳ କଣ୍ଠରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭୟର ବାତାବରଣ ମଧ୍ୟରେ କାଟିଥିବା ୪୦ ଦିନ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଅଶାନ୍ତ ସୁଦାନରେ ଏକ ସୁରକ୍ଷିତ ସ୍ଥାନକୁ ଚାଲିଯିବା ସକାଶେ ଘରୁ ବାହାରିଥିଲେ ମଧ୍ୟ ତାଙ୍କୁ ପାଖାପାଖି ୧୫ ଜଣ ଯୁବକ ଅଲ୍-ଫାସର୍ ସହରରୁ ଅପହରଣ କରିନେଇଥିଲେ। ତାଙ୍କୁ ପାଖାପାଖି ୩ ଦିନ ଧରି ସେମାନେ ଜଙ୍ଗଲରେ ରଖିବା ପରେ ଶେଷରେ ଏକ କାରାଗାରକୁ ସ୍ଥାନାନ୍ତର କରିଥିଲେ। ଉକ୍ତ କାରାଗାରର ଅବସ୍ଥା ଅତି ଶୋଚନୀୟ ଥିଲା ଓ ତା'ର ଆକାର କୌଣସି ଗୁହାଳଠାରୁ ବଡ଼ ନଥିଲା। ଏପରିକି ତା' ଭିତରେ ଚାରିଆଡ଼େ ଘନ ଅନ୍ଧକାର ରାଜୁତି କରୁଥିଲା। ଅପହର୍ତ୍ତାମାନେ ତାଙ୍କୁ ମାତ୍ର ଗୋଟେ ବିସ୍କୁଟ୍ କିମ୍ବା ଖଣ୍ଡିଏ ପାଉଁରୁଟି ଦେଉଥିଲେ, ଯାହାକୁ ଖାଇ ସେ ନିଜ ଜୀବନ ବଞ୍ଚାଇଥିଲେ ବୋଲି ଆଦର୍ଶ କହିଛନ୍ତି।

## ବାର୍...

କିମ୍ବା ଅପ୍ରୁଭାଲ ନ ଥିବାରୁ ସେଠାରେ ଫାୟାର ଏନଓସି ମିଳିବାରେ ଅସୁବିଧା ହେଉଥିଲା। ଯାହା ଫଳରେ ଗଳା ବାଟରେ ଲାଇସେନ୍ସ ପାଇଯାଉଥିଲେ ମାଲିକ। ଏବେ କିନ୍ତୁ ଫାୟାର ଏନ୍‌ଓସି ନଥିଲେ ରଦ୍ଦ ହେବ ଲାଇସେନ୍ସ।

ସେପଟେ ଏକାଧିକ ବାର୍‌ରୁ ଅବକାରୀ ବିଭାଗ କେବଳ ଅଧିକ ସମୟ ଖୋଲିବା ସହ ନିୟମ ଖିଲାପ କରିବା ବାବଦରେ ଜରିମାନା କଷୁଛି। କିନ୍ତୁ ଅବକାରୀ ବିଭାଗ ବାର୍‌ର ଲାଇସେନ୍ସ ରଦ୍ଦ ସହ ବଡ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼ କଥା ହେଲା, ବିଳମ୍ବିତ ରାତି ପର୍ଯ୍ୟନ୍ତ ଡ୍ୟାନ୍ସ ବାର୍ ଚାଲୁଥିବାରୁ ନିଶାଚୂର୍ ଅବସ୍ଥାରେ ଘରକୁ ଫେରୁଛନ୍ତି। ବାର୍ ସାମ୍ନାରେ ମାରପିଟ୍ ସହ ଅପ୍ରୀତିକର ପରିସ୍ଥିତି ଦେଖାଯାଉଛି। ରାତିରେ ଦୁର୍ଘଟଣା ହାର ବଢ଼ିବା ସହ ବାର୍ ସାମ୍ନାରେ ରକ୍ତମୁଖା ହେଉଛନ୍ତି ଗ୍ରାହକ। କେଉଁଠି ଯୁବତୀଙ୍କୁ ଅସଦାଚରଣ ହେଉଛି ତ ଆଉ କେଉଁଠି ବାର୍ ଭିତରେ ହାତାହାତି ପରିସ୍ଥିତି ଉପୁଜୁଛି। ଏ ସବୁଥିରେ ଲଗାମ ଲଗାଇବା ସହ ଆଗାମୀ ଦିନରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ ବୋଲି ବାର ଓ ପବ୍ ମାଲିକମାନଙ୍କୁ ଚେତାବନୀ ଦେଇସାରିଛି ଅବକାରୀ ବିଭାଗ।

## ଭକ୍ତ-ମୋକିମ...

ତେଣୁ ଜୟରାମ ମୋକିମଙ୍କ ସହ କଥା ହେବା ଭକ୍ତଙ୍କ ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ଚର୍ଚ୍ଚା ହେଉଛି। ସେପଟେ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁର ରାଉତରାୟଙ୍କ ପରି ବରିଷ୍ଠ ନେତାମାନେ ମଧ୍ୟ ମୋକିମଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ଓ ସଭାପତିଙ୍କ ଆତ୍ମବଡ଼ିମା ଦଳ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଖୋଲାଖୋଲି କହିଲେଣି। ତେଣୁ ଚର୍ଚ୍ଚା ହେଉଛି, ଭକ୍ତ ଉଭୟ ଆଡୁ ଚାପରେ ଅଛନ୍ତି।

ସେପଟେ ମୋକିମଙ୍କ ବିଧାୟିକା ଝିଅ ସୋଫିଆ ଫିର୍‌ଦୋସ ବାପାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଆଜି ମୁହଁ ଖୋଲିଛନ୍ତି। ଜଣେ ଅତି ସମ୍ବେଦନଶୀଳ ଓ ବୁଦ୍ଧିମାନ ରାଜନେତା ଭାବେ ସେ ତାଙ୍କ ବାପାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଦଳୀୟ ବ୍ୟାପାର ବୋଲି କହିଛନ୍ତି। ଏଥିସହିତ ସେ କଂଗ୍ରେସରେ ଥିଲେ ଓ ଅଛନ୍ତି ବୋଲି ମଧ୍ୟ ସୋଫିଆ ସ୍ପଷ୍ଟ କରିଛନ୍ତି। ପୂର୍ବପରି ଆଗକୁ ମଧ୍ୟ କଟକ-ବାରବାଟୀରେ ସେ ତାଙ୍କର ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ସୋଫିଆ ସ୍ପଷ୍ଟ କରିଦେଇଛନ୍ତି।

## ବିଜୟଙ୍କ...

ନିଜ ନିଜ ନିର୍ବାଚନମଣ୍ଡଳୀରେ ଏହି ନେତାମାନେ ଯେ ଏବେ ବି ପ୍ରଭାବଶାଳୀ ରହିଛନ୍ତି, ଏକଥାକୁ ଅସ୍ୱୀକାର କରାଯାଇନପାରେ। ଏଭଳି ସ୍ଥିତିରେ ଆଉ ଏକ ଆଞ୍ଚଳିକ ଦଳ ହିଁ ଏମାନଙ୍କ ପାଇଁ ଏକମାତ୍ର ବିକଳ୍ପ। କାରଣ ଏମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ବିଜେପିକୁ କି ବିଜେଡିକୁ ଯାଇପାରିବେ ନାହିଁ କି ଯିବାର ସୁଯୋଗ ମଧ୍ୟ ଯଥେଷ୍ଟ କମ୍। ତେଣୁ ସରକାରୀ ଦଳକୁ ସୁହାଇଲା ଭଳି ଆଞ୍ଚଳିକ ଦଳ ଜରିଆରେ ଏମାନେ ନିଜ ସହ ନିଜ ଉତ୍ତରାଧିକାରୀଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ସକାଶେ ଯୋଜନା କରୁଥିବା ଜଣାପଡ଼ିଛି। ତେବେ ଆଞ୍ଚଳିକ ଦଳ ଗଠନରେ ବିଜୟଙ୍କ ପାଖରେ ଯଥେଷ୍ଟ ତିକ୍ତ ଅନୁଭୂତି ରହିଛି। ଦୁଇ ଦୁଇଟି ଆଞ୍ଚଳିକ ଦଳ ଗଠନ କରି ସେ ଧୋକା ଖାଇଛନ୍ତି। ଏଥର ମଧ୍ୟ ଯେଉଁ ଆଞ୍ଚଳିକ ଦଳ ପାଇଁ ମାନସ ମନ୍ଥନ କରାଯାଉଛି, ସେଥିରେ ପୂର୍ବର କିଛି ଦଗାଦିଆ ସହଯୋଗୀ ବି ରହିବାର ସମ୍ଭାବନା ଅଧିକ।

## ବ୍ରହ୍ମପୁର...

କହିଛନ୍ତି। ସେହିପରି ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରି ଏକ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ରାସ୍ତା ନିର୍ମାଣ ସକାଶେ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିବା ସହ ତାଙ୍କୁ ଏଠାରେ ଘରବାହୁଡ଼ା ପରି ଲାଗୁଥିବା କହିଛନ୍ତି। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ଏହି ବିଦ୍ୟାଳୟର ରାଜ୍ୟରେ ସୁନାମ ରହିଛି। ସରସ୍ୱତୀ ବିଦ୍ୟା ମନ୍ଦିର ସମୂହ କେବଳ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ବନେଇ ନ ଥାଏ। ବିଦ୍ୟାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିକ୍ଷାଦାନ କରି ଉତ୍ତମ ନାଗରିକ ମଧ୍ୟ ଗଠନ କରିଥାଏ। ଏହି ବିଦ୍ୟାଳୟ ଯଥାର୍ଥରେ ଏହାକୁ ପ୍ରତିପାଦନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶାରେ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରାଯିବ। ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ପ୍ରତିଷ୍ଠା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ସିବିଏସ୍‌ଇ ଓ ଆଇସିଏସ୍‌ଇ ଢାଞ୍ଚାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ, ଯାହାଦ୍ୱାରା ଶିକ୍ଷାର ଗୁଣାତ୍ମକମାନ ଆହୁରି ବୃଦ୍ଧି ହେବ। ଦକ୍ଷ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାଦାନ ଉପରେ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଶିକ୍ଷକ ଅଭାବ ସମସ୍ୟା ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି।

## ମାସେ...

ମାମଲତକାରମାନେ ଶେଷରେ ନୂଆପଡ଼ା ନେତାଙ୍କୁ ଭୁବନେଶ୍ୱର ଆଣି ମୋହରା ବନାଇଦେଇଛନ୍ତି।

କେବଳ ନୂଆପଡ଼ା ପରାଜୟର ସମୀକ୍ଷା ନୁହେଁ, ଆଜି ପର୍ଯ୍ୟନ୍ତ ୨୦୨୪ ନିର୍ବାଚନ ପରାଜୟର ମଧ୍ୟ ସମୀକ୍ଷା ହୋଇନଥିବା କୁହାଯାଉଛି। ସେତେବେଳେ ପରାଜୟର ସମୀକ୍ଷା ପାଇଁ ସବୁ ଦିଗରୁ ଚାପ ପଡ଼ିବାରୁ ବିଜେଡିର କିଛି ମାମଲତକାର ଯେଭଳି କେତେକ ଜିଲ୍ଲାର ନେତାଙ୍କୁ ଡାକି ଶଙ୍ଖ ଭବନରେ ହୋହଲ୍ଲା କଲେ ଓ ପରେ ବିଭିନ୍ନ ବାହାନା କରି ସମୀକ୍ଷାକୁ ଟାଳିଥିଲେ, ନୂଆପଡ଼ା କ୍ଷେତ୍ରରେ ଅନୁରୂପ ପନ୍ଥା ଆପଣେଇଛନ୍ତି। ନୂଆପଡ଼ାର ନେତାମାନେ ଦଳୀୟ ମାମଲତକାରଙ୍କ ମୋହରା ସାଜିଥିବା ବେଳେ ଆଗକୁ ବିଜେଡି ପାଇଁ ଏହା ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି କର୍ମୀ ମହଲରେ ଆଲୋଚନା ଜୋର୍ ଧରିଛି।

## ଆରପାରିରେ...

ବ୍ୟାନରରେ ନିର୍ମିତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ମହମ୍ମଦ ମହସୀନ୍ ଏବଂ ଏଥିରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଅପରାଜିତା, ଅଜିତ ଦାସ, ମିହିର ଦାସ, ମହମ୍ମଦ ମହସିନ୍, ଅନୀତା ଦାସ, ଅପରାଜିତା, ଦେବୁ ବୋଷ, ନରି ଆଦି ଅଭିନୟ କରିଥିଲେ। ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ ମହାନ୍ତି। ଫିଲ୍ମଟି ବକ୍ସ ଅଫିସରେ ମଧ୍ୟ ସୁପରହିଟ୍ ହୋଇଥିଲା। ଏହାପରେ ରବୀନ୍ଦ୍ର କ୍ରମାଗତ ଭାବେ ସିନେମା ନିର୍ମାଣ କରିଚାଲିଥିଲେ। ଏହାପରେ ସେ ବସ୍ତ୍ରହରଣ, ବୋହୂ ହେବ ଏମିତି, ପାଚେରୀ ଉଠିଲା ମଝି ଦୁଆରୁ, ମଣି ନାଗେଶ୍ୱରୀ, ନାଗପଞ୍ଚମୀ, ଶାଶୂ ହାତକଡ଼ି ଭାଉଜ ବେଡ଼ି, କୁଳନନ୍ଦନ, ରସିକ ନାଗର ଓ ଆଲୋ ମୋର କଣ୍ଢେଇ ଆଦି ଫିଲ୍ମ ନିର୍ମାଣ କରିଥିଲେ। ପ୍ରଯୋଜକ ବ୍ୟତୀତ ସେ ଅଭିନୟ ବି କରୁଥିଲେ। ତା'ଛଡ଼ା ସେ ରାଜନୀତି ସହ ମଧ୍ୟ ଜଡ଼ିତ ହୋଇ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର କାଉନ୍‌ସିଲର୍ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରାପଡ଼ା ସରସ୍ୱତୀ ବିଦ୍ୟା ମନ୍ଦିରର ସଭାପତି ମଧ୍ୟ ରହିଥିଲେ। ଶ୍ରୀ ସାହୁଙ୍କ ବିଧବା ପତ୍ନୀ, ୫ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଶୋକ ପ୍ରକଟ କରିଛନ୍ତି ଓ ତାଙ୍କ ଅବର୍ତ୍ତମାନରେ ଓଲିଉଡ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା କୁହାଯାଇଛି।

## ନୂଆବର୍ଷରୁ...

ଦିଆଯାଇଥିଲା। ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଜାରି ରହିଛି। ଏହାଛଡ଼ା ଅଦ୍ୟାବଧି ଇ-କେୱାଇସି କରାଇପାରିନଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଏହି ପ୍ରକ୍ରିୟା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

# ଲକ୍ଷ୍ମୀପୁରରେ ବିଦ୍ୟୁତ ତାର ଛିଣ୍ଡିଲା

- ଅଳ୍ପକେ ବର୍ତ୍ତିଲା ଜନଜୀବନ
- ୩ ମହିଳା ଓ ଜଣେ ଶିଶୁ ଆହତ



**ଛତ୍ରପୁର, ୧୭।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକର ପାଲିବନ୍ଧ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରେ ଆଜି ସକାଳେ ଏକ ଭୟାବହ ଦୁର୍ଘଟଣା ଘଟିଛି। ବିଦ୍ୟୁତ ତାର ଛିଣ୍ଡି ତଳେ ପଡ଼ିବାରୁ ଜଣେ ଶିଶୁ ସହିତ ତିନି ମହିଳା ସାମାନ୍ୟ ଆହତ ହୋଇଛନ୍ତି।ଆହତଙ୍କୁ ଗ୍ରାମବାସୀ ଦ୍ୱାରା ଉଦ୍ଧାର କରାଯାଇଛି।ଆହତ ହୋଇଥିବା ଲାଛିମି ରେଡ୍ଡୀ, ଜି. ରାଜିଆମା ରେଡ୍ଡୀ ଓ ଲକ୍ଷ୍ମୀ ରେଡ୍ଡୀ ଓ ଜଣେ ଶିଶୁ ସେହି ଗ୍ରାମର ବୋଲି ଜଣାପଡ଼ିଛି।ଘଟଣା ପରେ ଗ୍ରାମବାସୀମାନେ ବିଦ୍ୟୁତ ବିଭାଗର ଅବହେଳାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି, ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ମାମଲାର ପ୍ରାଥମିକ ତଦନ୍ତ ତଦନ୍ତ ଆରମ୍ଭ କରିଛି।ସୂଚନା ଅନୁଯାୟୀ, ଗ୍ରାମରେ ଥିବା ବିଦ୍ୟୁତ ତାର ଦୀର୍ଘ ସମୟ ଧରି ନିମ୍ନସ୍ତରରେ ଝୁଲି ରହିଥିଲା। ଗ୍ରାମବାସୀ ଏହା ସମ୍ପର୍କରେ ବିଦ୍ୟୁତ ବିଭାଗକୁ ପୂର୍ବରୁ ଅନେକଥର ସୂଚନା ଦେଇଥିଲେ, କିନ୍ତୁ ପୂର୍ବରୁ କୌଣସି ପଦକ୍ଷେପ ଗ୍ରହଣ ହୋଇନଥିଲା।ଘଟଣା ପରେ ବିଦ୍ୟୁତ ବିଭାଗ ତରଫରୁ ପହଞ୍ଚି, ସେହି ପୁରୁଣା ତାରକୁ ଯୋଡ଼ି ସଜାଡି ଦିଆଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ବଡ଼ ଅଘଟଣ ଆଶଙ୍କା ଥିବାରୁ ଗ୍ରାମବାସୀ ଭୟବିତ ହୋଇ, ସୁରକ୍ଷା ସହିତ ଏବଂ ଯଥାପୂର୍ବକ ଧାନ ରଖିବା ପାଇଁ ପ୍ରଶାସନ ଓ ବିଦ୍ୟୁତ ବିଭାଗକୁ ଅନୁରୋଧ କରିଛନ୍ତି।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ



**ଖୋର୍ଦ୍ଧା, ୧୭।୧୨ (ସଂଚାର ବ୍ୟୁରୋ):** ମଙ୍ଗଳା ନଗର ସ୍ଥିତ ରୋଟାରୀ କ୍ଲବ ପରିସରରେ ଭୁବନେଶ୍ୱର ପୋଖରୀ ଫୁଟ ରୋଟାରୀ ଚିକିତ୍ସାଳୟ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କେନ୍ଦ୍ର ରୋଟାରିଆନ ନିରୁପମା ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଆଜି ଏହି କେନ୍ଦ୍ରରେ ବିଭିନ୍ନ ବର୍ଗର ପ୍ରାୟ ୨୦ ଜଣ ନିଜର ଚକ୍ଷୁ ପରୀକ୍ଷା କରିବା ସହ ଡାକ୍ତର ଙ୍କ ପରାମର୍ଶ ନେଇଥିଲେ। ତନ୍ମଧ୍ୟରୁ ଦୁଇଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପୋଖରୀ ଫୁଟ ଭୁବନେଶ୍ୱର ଠାରେ ମାଗଣା ଅସ୍ତ୍ରୋପଚାର କରାଯିବ। ଖୋର୍ଦ୍ଧା ରୋଟାରୀ କ୍ଲବ ଠାରେ ଏହି ନିଃଶୁଳ୍କ ଚକ୍ଷୁ ପରୀକ୍ଷା କେନ୍ଦ୍ର ସପ୍ତାହରେ କେବଳ ରବିବାର ବ୍ୟତୀତ ଅନ୍ୟାନ୍ୟ ଦିନ ମାନଙ୍କରେ ପୂର୍ବାହ୍ନ ୯ ଘଟିକା ଠାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମ ରେ ରୋଟାରିୟାନ ସୁଶ୍ରୀ ଶୁଚିସ୍ମିତା ପରିଜା, ଦେବପ୍ରସାଦ ମଜୁମଦାର, ମନୋଜ କୁମାର ପ୍ରଧାନ, ନରସିଂହ ପ୍ରସାଦ ପଟ୍ଟନାୟକ, ସୌର୍ଯ୍ୟ ରଞ୍ଜନ ମହାନ୍ତି, ବିପ୍ଳବ ଜେନା ସମ୍ପାଦକ ସଞ୍ଜୟ ବର୍ମନ ଏବଂ ରୋଟ୍ରାକ୍ଟ ଓ ଇନର ହୁଇଲ କ୍ଲବର ସଦସ୍ୟ, ସଦସ୍ୟା ଉପସ୍ଥିତ ରହି ସହାୟତା କରିଥିଲେ। ଦେବୀ ପ୍ରସାଦ ଶ୍ରୀଚନ୍ଦନ ରୋଗୀ ମାନଙ୍କ ର ଚକ୍ଷୁ ପରୀକ୍ଷା କରିଥିଲେ। ଦେବାଶିଷ ମିଶ୍ରଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ଏହି ଚକ୍ଷୁ ପରୀକ୍ଷା କେନ୍ଦ୍ରର ସଫଳ ରୂପାୟନ ହୋଇଥିଲା।

### ଟାର୍ଗେଟରେ ଅଣପଞ୍ଜିକୃତ ଓ ଅଭାବୀ ଚାଷୀ

# ଚାଷୀଙ୍କ ଦୁଆରେ ବେପାରୀଙ୍କ ଗାଡ଼ି

**କାକଟପୁର /ଅସ୍ତରଙ୍ଗ, ୧୭।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ରେ ଜାନୁୟାରୀ ରେ ଆରମ୍ଭ ହେବ ଖରିଫ ଧାନ କ୍ରୟ। ଏଥିରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବର ସୁଯୋଗ ନେଇ ଚାଷୀଙ୍କ ଠାରୁ ବେପାରୀ ଧାନ ବୋହିବା ଆରମ୍ଭ କଲେଣି। ବିଶେଷ କରି ଅଣପଞ୍ଜିକୃତ ଚାଷୀ ହିଁ ବେପାରୀଙ୍କ ଟାର୍ଗେଟରେ। କିଛି ଅଭାବୀ ଚାଷୀ ଏମାନଙ୍କୁ କମ୍ ଦାମରେ ଧାନ ବିକ୍ରି ପାଇଁ ରାଜି ହେଉଥିବାରୁ ସେମାନେ ଦୁଆରେ ଗାଡି ଲଗାଇ ବେପାରୀ ଧାନ ବୋହିବାରେ ଲାଗି ଗଲେଣି। ପ୍ରଶାସନର ବେପାରୀ ଙ୍କ ଉପରେ ଅଙ୍କୁଶ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ଖରିଫ ଋତୁରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳରୁ ଅଧିକ ଧାନ କିଣିବାକୁ ଜିଲ୍ଲା ଯୋଗାଣ ବିଭାଗ ଲକ୍ଷ୍ୟ ରଖିଛି। ମଣ୍ଡି ଖୋଲିବା ପୂର୍ବରୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଗାଁ ଗାଁରେ ଦଲାଲ ସକ୍ରିୟ ହେବା ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ ବାଧକ ସାଜିବା ଥୟ ଆଶଙ୍କା ପ୍ରକାଶ ପାଇଛି। ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକରଣ ରେ



## ମଣ୍ଡି ଖୋଲିବାରେ ବିଳମ୍ବ

ନିୟମ କଡାକଡି କରାଯିବା ସହିତ ଇ -କେୱାଇସି ଏବଂ ଆଇନିଗତ ଉତ୍ତରାଧିକାରୀ ପ୍ରାଧାନ୍ୟ ଦିଆଯାଇଛି।ଫଳରେ ଜମିର ମାଲିକାନା ଥାଇ ମଧ ପଟ୍ଟା ପାଇନଥିବାରୁ ବହୁ ଚାଷୀ ନିଜ ଜମିର ପରିମାଣ ସଠିକ ଭାବେ ଦର୍ଶାଇବାରୁ ବଞ୍ଚିତ ହୋଇଛନ୍ତି। ଯାହା ଦ୍ୱାରା ଜମିରେ ଚାଷ କରିଥିଲେ ମଧ ଅପେକ୍ଷାକୃତ କମ୍ ପରିମାଣରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଅନୁମତି ମିଳିବ। ଅପର ପକ୍ଷେ ଗତ ୧୫ଦିନ ହେବ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନଗର, ଆଳସାହି, ଶିଶୁଅ, କାକଟପୁର ବ୍ଲକ ଅଞ୍ଚଳର କାକଟପୁର, ନାସିକେଶର, ବାଙ୍ଗୁରିଗାଁ ସମେତ ଦ୍ୱୟ ବ୍ଲକର ବିଭିନ୍ନ ଗ୍ରାମରେ ବ୍ଲକର ବାହାର ଅଞ୍ଚଳରୁ ଲିଜରେ ଧାନ କଟା ମେସିନ ଆଣିଥିବାରୁ ଦଲାଲ ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।

## ଗ୍ରାମୀଣ ମହୋତ୍ସବ ଅନୁଷ୍ଠିତ



**ସାଲେପୁର, ୧୭।୧୨ (ସଂଚାର ବ୍ୟୁରୋ):** ସାଲେପୁରଠାରେ ସ୍ୱାଏ ଅଟୋମୋବାଇଲ୍ ଓ ମାରୁତି ସୁଜୁକି କମ୍ପାନୀ ପକ୍ଷରୁ ୩ଦିନ ବ୍ୟାପୀ ସାଲେପୁର ହାଇସ୍କୁଲ ପଡ଼ିଆଠାରେ ଗ୍ରାମୀଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମାରୁତି କମ୍ପାନୀର ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଭିକ୍ଟୋରିସ୍ ଗାଡ଼ିକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ମାରୁତି କମ୍ପାନୀର ନୂତନ ଜ୍ଞାନ କୌଶଳରେ ପ୍ରସ୍ତୁତ ହୋଇଥିବା ପ୍ରାୟ ୨୦ରୁ ଅଧିକ ଗାଡ଼ି ପ୍ରଦର୍ଶିତ ହୋଇଥିଲା। ଏହି ଗ୍ରାମୀଣ ମହୋତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ୱାଏ ଅଟୋମୋବାଇଲ୍ କମ୍ପାନୀର ପରିଚାଳକ ରାଜେଶ ମହାନ୍ତି ଓ ଅଶୋକ ସାହୁ ପରିଚାଳନା କରିଥିଲେ।

## ସମୁଦ୍ରରେ ପ୍ରଦୂଷଣ ରୋକିବାକୁ ସମରାଭ୍ୟାସ



**ପାରାଦ୍ୱୀପ, ୧୭।୧୨ (ସଂଚାର ବ୍ୟୁରୋ):** ସମୁଦ୍ରରେ ପ୍ରଦୂଷଣ ରୋକିବାକୁ ଭାରତୀୟ ତଟ ରକ୍ଷକ ବାହିନୀ ଉତ୍ତର-ପୂର୍ବ ଅଞ୍ଚଳ ପକ୍ଷରୁ ବୁଧବାର ପ୍ରଦୂଷଣ ପ୍ରତିକ୍ରିୟା ଅଭ୍ୟାସ (ମକ ଡ୍ରିଲ) କରାଯାଇଛି। ପାରାଦୀପ ଉପକୂଳ ଠାରୁ ୩୫ କିମି ଗଭୀର ସମୁଦ୍ରରେ ଏହି ମକ୍ ଡ୍ରିଲ ଅନୁଷ୍ଠିତ ହୋଇଛି। ଜାହାଜରୁ ତେଲ ଲିକେଜକୁ କିପରି ପ୍ରତିହତ କରାଯିବ ସେନେଇ ଆଇସିଜି ପକ୍ଷରୁ ବିଭିନ୍ନ ରଣ କୌଶଳ ସମେତ ଅଭ୍ୟାସ କରାଯାଇଛି। ଉକ୍ତ ଅଭ୍ୟାସ କାର୍ଯ୍ୟକ୍ରମରେ ଭାରତୀୟ ତଟ ରକ୍ଷକ ବାହିନୀ ଯୁଦ୍ଧ ଜାହାଜ ବିଜୟ ସମେତ ଭରଦ, ଅମୋଘ, ଅଦମ୍ୟ, କମଳାଦେବୀ, ଅମ୍ରିତକୌର ଓ ସି -୪୨୬ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ ବୋଟ, ପାରାଦୀପ ବନ୍ଦର ପ୍ରାଧିକରଣର ବୋଟ ଓ ଟଗ ବୋଟ ଅଂଶ ଗ୍ରହଣ କରିଥିଲେ। ଆଇସିଜିର ଡୋନିଅର ଉଡାଜାହାଜ ଭୁବନେଶ୍ୱରରୁ ଆସି ପାରାଦୀପରେ ହେଉଥିବା ମକ ଡ୍ରିଲରେ ଅଂଶ ଗ୍ରହଣ କରିଥିଲା। ଉକ୍ତ ମକ୍ ଡ୍ରିଲରେ ଜାହାଜର ୪ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଛନ୍ତି। ଅଥଳ ସମୁଦ୍ର ଭିତରେ ଏକ ଜାହଜରୁ ତେଲ ପଡ଼ିବା ପରେ ଆରମ୍ଭ ହୋଇଥିଲା ପ୍ରକୃତ କଳା କୌଶଳ। ତତ୍କ୍ଷଣାତ କିଭଳି ତେଲକୁ ସମୁଦ୍ର ପାଣିରୁ ଅଲଗା କରାଯାଇ ପାରିବ ସେନେଇ ଦକ୍ଷତାର ସହ କାର୍ଯ୍ୟକ୍ରମ କରାଯାଇଥିଲା। ପାରାଦୀପ ବେଳାଭୂମିରେ ତଟରକ୍ଷୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ପ୍ରଦେଶନା କରାଯାଇଥିଲା। ପ୍ରଦର୍ଶନରେ ବୃହତ ପରିମାଣର ବେଳାଭୂମି ସଫେଇ କାର୍ଯ୍ୟ ଏବଂ କୂଳରେ ତେଲ ପଡ଼ିବା ପରିସ୍ଥିତିରେ ଉପକୂଳକୁ ସୁରକ୍ଷା ଦେବା ପାଇଁ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ତାହା ମଧ ପ୍ରଦର୍ଶିତ ହୋଇଥିଲା।

## ବ୍ଲକରେ ସାଂସଦ ଖେଳମହୋତ୍ସବ

**ନୀଳଗିରି, ୧୭।୧୨ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ହାଇସ୍କୁଲ ଖେଳ ପଡିଆରେ ସାଂସଦ ଖେଳ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଔପଦା ବ୍ଲକ ଜୋନ ୨ ଅନ୍ତର୍ଗତ ୫ଟି ପଞ୍ଚାୟତ ଅର୍ଥାତ୍ ଈଶ୍ୱରପୁର, କାଣ୍ଡଗରଡି, ଶ୍ୟାମସୁନ୍ଦରପୁର, ବାଡଁଶବଣିଆ ଓ ଦକ୍ଷିଣ ନରସିଂହପୁରର ଅବସ୍ଥିତ ସମସ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଉକ୍ତ ଖେଳ ମହୋତ୍ସବରେ ଅଂଶ ଗ୍ରହଣ କରିଥିଲେ । ୧୦୦ମିଟର,୪୦୦ ମିଟର, ୮୦୦ ମିଟର ଦୌଡ,ଖୋଖୋ, ଭଲିବଲ, କବାଡି ଆଦି ଖେଳରେ ଛାତ୍ରଛାତ୍ରୀ ମାନେ ଖେଳି ଥିଲେ। କୃତି ପ୍ରତିଯୋଗି ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।



## ୬୭ ବର୍ଷୀୟା ବୃଦ୍ଧା ଚମ୍ପି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ

**ଫୁଲବାଣୀ, ୧୭।୧୨(** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡ଼ି ପଞ୍ଚାୟତ ଭୃଙ୍ଗିଜଯୋଡ଼ି ଗ୍ରାମର ଶ୍ରାମୁ ରାହା କ ଗାଁ ୬୭ ବର୍ଷୀୟ ଅବିବାହିତା ବୃଦ୍ଧା ଚମ୍ପି କହଁର ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଏହି ଅବିବାହିତା ବୃଦ୍ଧା ସାତ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ଦିନ କାଟୁଥିବା ଖବର ମିଳିଛି। ହେଲେ ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ବୃଦ୍ଧିଜିବୀ ମହଲରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।ନିଜ ଘର ହେଉଛି ଭୃଙ୍ଗିଯୋଡ଼ି ଗ୍ରାମର ଅସହାୟ ଗରିବ ଶ୍ରେଣୀର ଅବିବାହିତା ବୃଦ୍ଧା ଚମ୍ପି କହଁର ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଭତ୍ତା ପାଉଥିବା ବେଳେ ୬୭ ବର୍ଷର ଅବିବାହିତା ବୃଦ୍ଧା ମାଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ଏହି ବୃଦ୍ଧାଙ୍କ ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରୀବ ଅସହାୟ ଅବିବାହିତ ବୃଦ୍ଧାଙ୍କୁ ଦୟାକରି ତୁରନ୍ତ ପଦକ୍ଷେପ ନେଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



### ଏଗାର ଦିନରେ ପହଞ୍ଚିଲା ଗୋଛାପଡା ପୁଲିସର ଅପରେସନ ନିଳ ଜହର

## ନଷ୍ଟହେଲା ୧୧୨ ଏକରର ଗଞ୍ଜେଇ ଗଛ

**ଫୁଲବାଣୀ, ୧୭।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରୁ ଗଞ୍ଜେଇ କାରବାର କୁ ସମୂଳେ ବିନାଶ କରିବା ପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ପୋଲିସ ମୁଖିଆ ଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପୋଲିସ ମୁଖିଆ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଅପରେସନ ନୀଳ ଜହର ବା ଗଞ୍ଜେଇ ଗଛକଟା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅନୁରୂପ ଭାବରେ ଜିଲ୍ଲାର ଗଞ୍ଜେଇ କାରବାର କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆସିଥିବା ଗୋଛାପଡା ପୋଲିସ ପକ୍ଷରୁ ଏହି ଅଭିଯାନ ବୁଧବାର ଏଗାର ଦିନରେ ପହଞ୍ଚିଛି । ତେବେ ଅନୁରୂପ ଭାବରେ ବୁଧବାର ମଧ ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ଙ୍କ ନେତୃତ୍ୱ ରେ ଥାନା ଅଧୀନରେ ଥିବା ଲୁଇସିଂ ପଞ୍ଚାୟତ ଅଧୀନରେ ଥିବା କୁମେଲ ସିଂ ଏବଂ କଟରକେତା ଗାଁ ନିକଟବର୍ତ୍ତୀ ଜଙ୍ଗଲ ଜମି ମାନଙ୍କରେ ଚାଷ ହୋଇଥିବା ପ୍ରାୟ ୧୧୨ଏକର ପରିମିତ ଜଙ୍ଗଲ ଜମି ମାନଙ୍କରେ ଚାଷ ହୋଇଥିବା ପାଖା ପାଖି କୋଟିଏ ଟଙ୍କାର ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଦିଆଯାଇଛି ।

## ମୃତ ହାତୀର ହାଡ଼ରୁ ନକଲି ହାତୀ ଦାନ୍ତ ତିଆରି କରିବା ଘଟଣାରେ ୯ ଟସ୍କରୀ ଗିରଫ



**ନୀଳଗିରି, ୧୭।୧୨ (ସଂଚାର ବ୍ୟୁରୋ):** ହାତୀଦାନ୍ତ ଟସ୍କରୀ ଅଭିଯୋଗ ରେ କୁଲଡ଼ିହା ବନ ବିଭାଗକୁ ଏବେ ବଡ଼ ସଫଳତା ମିଳିଥିବା ବେଳେ ସମ୍ପୃକ୍ତି କିଛି ଅଭିଯୁକ୍ତ ଗିରଫ ହେବେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କିଛି ଦିନ ପୂର୍ବରୁ କୁଲଡ଼ିହା ଅଭୟାରଣ୍ୟ ରେ ଏକ ମାଈ ହାତୀର ପ୍ରାଣହାନି ଘଟିଥିବା ବେଳେ ବନ ବିଭାଗର ପକ୍ଷରୁ ମୃତ ହାତୀକୁ ସେଠାରେ ପୋତି ଦେଇଥିଲେ। କୁଲଡ଼ିହା ଅଭୟାରଣ୍ୟରେ ଏ ଆଇ କ୍ୟାମେରା ଲାଗିଥିବା ବେଳେ କିଛି ଶିକାରୀ ମୃତ ହାତୀକୁ ଖୋଳି ତାର ଜଙ୍ଘ ଏବଂ ଶରୀରର ଅନ୍ୟାନ୍ୟ ବଡ଼ ବଡ଼ ହାଡ଼ କୁ ଆଣି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ପ୍ରଥମ ପର୍ଯ୍ୟାୟରେ କୁଲଡ଼ିହା ବନ ବିଭାଗ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ଜଙ୍ଗଲୀ ମଲା ଜନ୍ତୁ ଜବତ କରିଥିଲେ। ପୁଣି ମଙ୍ଗଳବାର ଦିନ ପୁଣି ଦୁଇ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ପାଞ୍ଚ ଜଣ ଶିକାରୀଙ୍କ ମୋବାଇଲ୍ କୁ ଟ୍ରାକ୍ କରି କୁଲଡ଼ିହା ବନ ବିଭାଗ ବୁଧବାର ଦିନ ପୁଣି ୪ ଶିକାରୀ ଙ୍କୁ ଗିରଫ କରିବାରେ ସଫଳ ହୋଇଛି। ହାତୀ ହାଡ କୁ ମାଟି ତଳେ ପୋତି ଦେଇଥିବା ବେଳେ କିଛି ହାଡ଼ରୁ ଅବିକଳ ହାତୀର ଦାନ୍ତ ତିଆରି କରୁଥିଲେ। କେବଳ ୯ ଜଣ ନୁହନ୍ତି, ଏହା ପଛରେ ଆଉ କିଛି ହାତୀ ଦାନ୍ତ ମାଫିଆ ସାମିଲ ଥିବାର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗିରଫ ୯ ଜଣ ଯାକ ହାତୀଖୋଲିଆ, ସନ୍ତରାଗଡ଼ିଆ ଅଞ୍ଚଳର ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ମାଘସପ୍ତମୀ ଚନ୍ଦ୍ରଭାଗା ବୁଡ଼ ପାଇଁ ପ୍ରସ୍ତୁତି ବୈଠକ



**କାକଟପୁର/ଅସ୍ତରଙ୍ଗ, ୧୭।୧୨ (ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ମାସ ୨୫ତାରିଖ (ରବିବାର) ରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ମାଘ ସପ୍ତମୀରେ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ପାଇଁ ବୁଧବାର ଅପରାହ୍ନରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିବ୍ୟ ଜ୍ୟୋତି ପରିଡ଼ା ଙ୍କ ଅଧକ୍ଷତା ରେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପରମ୍ପରା ଅନୁଯାୟୀ ସ୍ଥାନୀୟ ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର ଓ ଐଶାନେଶ୍ୱର ମହାପ୍ରଭୁ ତିନି ଠାକୁରଙ୍କୁ କିଭଳି ଭାବେ ତୀର୍ଥ ମଣ୍ଡପକୁ ନିଆଯିବ ସେ ନେଇ ସେବାୟତ ମାନଙ୍କ ସହ ଆଲୋଚନା କରାଯାଇଥିଲା। ଠାକୁରଙ୍କ ମହାସ୍ନାନ ଓ ନୀତି କାନ୍ତି ପରେ ସାଧୁସନ୍ଥଙ୍କ ଦ୍ୱାରା ମହା ଆଳତୀ ପରେ ଶ୍ରଦ୍ଧାଳୁ ମାନଙ୍କୁ ବୁଡ ପାଇଁ ଅନୁମତି ଦିଆଯିବ। ପୌରାଣିକ ମତଅନୁସାରେ ଏହି ପବିତ୍ର ଦିନରେ ସୂର୍ଯ୍ୟ ଭଗବାନଙ୍କ ଜନ୍ମ ଦିନ। ଏହି ଦିନରେ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ତପସ୍ୟା କରି ଶ୍ରାପ ଜନିତ ରୋଗରୁ ମୁକ୍ତି ହୋଇଥିଲେ। ତେଣୁ ନିଜ ପରିବାରକୁ ରୋଗ ଶୋକ ଭୟରୁ ମୁକ୍ତ ରଖିବା ପାଇଁ ହିନ୍ଦୁ ଧର୍ମାଲମ୍ବୀ ମାନେ ଏହି ପବିତ୍ର ଦିନରେ ଏହି ତୀର୍ଥରେ ବୁଡ ପକାଇ ସୂର୍ଯ୍ୟଉଦୟ ଦର୍ଶନ କରିଥାନ୍ତି।

ଏହି ବୁଡକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଳ ମାଧବ ଭୋଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍ପି ସଚିନ ପଟେଲ ସମେତ ସ୍ଥାନୀୟ ଏନ୍ଏସିଅଧକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ, ତିନି ଠାକୁରଙ୍କ ସେବାୟତ ଓ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରାଯାଇଥିଲା।

## କୋର୍ଟର ଆଦେଶକୁ ଅବମାନନା କରିବାରୁ ପଳାତକ ଘୋଷଣା

**ସାଲେପୁର, ୧୭।୧୨ (ସଂଚାର ବ୍ୟୁରୋ):** ନିଜ ସ୍ତ୍ରୀକୁ ଭରଣ ପୋଷଣ ନଦେବା ଓ କୋର୍ଟର ଆଦେଶକୁ ଅବମାନନା କରୁଥିବାରୁ ମାନ୍ୟବର ପରିବାର ଅଦାଲତ ସାଲେପୁର ଥାନା ଅନ୍ତର୍ଗତ ତିଳିଦା ଗ୍ରାମର ଅର୍ସଦ ଅଲି ଖାଁଙ୍କ ପୁତ୍ର ରେହେମତ ଅଲି ଖାଁଙ୍କୁ ପଳାତକ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସାଲେପୁର ପୁଲିସ ପକ୍ଷରୁ ଡେଙ୍ଗୁରା ମାଧମରେ ଅବଗତ କରାଯାଇଛି। ଯଦି ସମ୍ପୃକ୍ତ ବ୍ୟକ୍ତି ଚଳିତ ମାସ ୧୬ତାରିଖ ଠାରୁ ୧ମାସ ମଧରେ କୋର୍ଟରେ ପହଞ୍ଚି ତାଙ୍କ ପତ୍ନୀର ଭରଣ ପୋଷଣ ବାବଦ ୨ଲକ୍ଷ ୬୦ହଜାର ପ୍ରଦାନ ନକରନ୍ତି, ତେବେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ସାଲେପୁର ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ରେମତ ଅଲି ଖାଁ ଓ ତାଙ୍କ ପତ୍ନୀଙ୍କ ମଧରେ ଛାଡ଼ପତ୍ର ହେବାପରେ ପତ୍ନୀର ଭରଣ ପୋଷଣ ବାବଦକୁ ଉପରୋକ୍ତ ଅର୍ଥ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ରେମତ ଅଲ୍ଲି ଖାଁ କୋର୍ଟରେ ହାଜର ନହୋଇ କୋର୍ଟର ଆଦେଶକୁ ଅବମାନନା କରୁଥିବାରୁ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛି।

- ଆଜି ସୋଆରେ ଓଡ଼ିଶା ଏଆଇ ସମ୍ମିଳନୀ

## ଆୟୋଜିତ ହେବ ଗୁଗୁଲ୍ ଏଆଇ ୱାର୍କସପ୍



**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ଏଆଇ ସିମ୍ପୋସିୟମ୍ ଆୟୋଜିତ ହେବାକୁ ଥିବା ବେଳେ ଏହି ସମ୍ମିଳନୀରେ ଅନ୍ୟତମ ବିଶେଷତ୍ୱ ରହିବ ଗୁଗୁଲ୍ ଏଆଇ ୱାର୍କସପ୍। ଏହା ଏକ ଲାଇଭ୍ ଡେମୋ ହୋଇଥିବା ବେଳେ ଏହାର ପ୍ରସଙ୍ଗ ରହିଛି 'ବିୟଣ୍ଡ ଦ ପ୍ରମ୍ପଟ: ଡିକୋଡିଙ୍ଗ ଗୁଗୁଲ୍‌ସ ଏଜେଣ୍ଟିକ୍ ଏଆଇ'। ଏହି କର୍ମଶାଳାରେ ଗୁଗୁଲ୍‌ର ସିନିୟର ଏଆଇ ଏବଂ କ୍ଲାଉଡ୍ ଆର୍କିଟେକ୍ଟ ଅଜିତେଶ କୁମାର ବିଶେଷଜ୍ଞ ଭାବେ ଯୋଗ ଦେଉଥିବା ବେଳେ ନ୍ୟାସନାଲ୍ ରିସର୍ଚ୍ଚ ଡେଭେଲପମେଣ୍ଟ କର୍ପୋରେସନର ସିନିୟର ରିଜିଓନାଲ୍ ମ୍ୟାନେଜର ବିଜୟ କୁମାର ସାହୁ କର୍ମଶାଳା ପରିଚାଳନା କରିବେ।

ଦେଶ ତଥା ବିଦେଶର ବିଶିଷ୍ଟ ଏଆଇ ବିଶେଷଜ୍ଞମାନେ ସୋଆରେ ଏହି ସମ୍ମିଳନୀ ପାଇଁ ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଟ୍ରାନ୍ସଫରମିଂ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଏଆଇ ଷ୍ଟାର୍ଟ-ଅପ୍ସ/ଏଜେଂଟିକ୍ ଏଆଇ, ଏଆଇ ଇନ୍ ଏଗ୍ରିକଲଚର, ଏଆଇ ଇନ ମେଡିସିନ, ଏଆଇ ଏଥିକ୍ସ ଆଣ୍ଡ ସିକ୍ୟୁରିଟି ଏବଂ ଏଆଇ ଆଣ୍ଡ ଏଜୁକେସନ ଭଳି ପ୍ରସଙ୍ଗ ବିଭିନ୍ନ ପର୍ଯ୍ୟାୟ ଏବଂ କର୍ମଶାଳାରେ ଆଲୋଚନା କରାଯିବ।

## ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ

- ଅଫିସର ମାନଙ୍କ ନିଘା ନାହିଁ ; ସବୁ ଦେଖି ସବୁ ଜାଣି ଚୁପ୍



**ନିଶ୍ଚିନ୍ତକୋଇଲି, ୧୭।୧୨ (ସଂଚାର ବ୍ୟୁରୋ):** ଆମେ ସାଧାରଣତଃ ଦୈନନ୍ଦିନ ଜୀବନରେ ସବୁ ସମୟରେ କିଭଳି ଭାବେ ଏକ ସ୍ୱାସ୍ଥ୍ୟକର ପରିବେଶ ମଧରେ ଜୀବନଯାପନ କରିବା ତାହା ଚେଷ୍ଟା କରିଥାଉ। ଆମେ ଯେଉଁଠି ବସବାସ କରୁ ସିଏ ନିଜର ଘର ହେଉ ବା ଅଧ୍ୟାବସାୟ ତାହାକୁ ସଫାସୁତୁରା ରଖିଥାଉ। କିନ୍ତୁ ଏହାର ଏକ ବିପରୀତ କଥା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ। ଏହି ପଞ୍ଚାୟତ ସମିତିକୁ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ସବୁ କର୍ମଚାରୀ ମାନେ ସବୁଦିନ ନିଜର ଡ଼ିଉଟି କରିବାକୁ ଆସିଥାନ୍ତି ଆଉ ତା ବଦଳରେ ରାଜ୍ୟ ରାଜକୋଷରୁ ସେମାନଙ୍କୁ ମାସିକ ମୋଟା ଅଙ୍କର ଦରମା ମଧ ପ୍ରଦାନ କରାଯାଏ। କିନ୍ତୁ ଥରୁଟିଏ ଯଦି ଏହାକୁ ନିଜ ଘର ବୋଲି ଭାବିଥାନ୍ତେ ତାହେଲେ ଏଭଳି ଅସୁସ୍ଥ ପରିବେଶକୁ ସ୍ୱଚ୍ଛ କରିବା ପାଇଁ ନିହାତି ଉଦ୍ୟମ କରିଥାନ୍ତେ। କିନ୍ତୁ ଏଠାରେ ତାହା ହୁଏନାହିଁ ଖାଲି ବାବୁ ମାନେ ଆସନ୍ତି ଡିଉଟି କରି ଚାଲିଯାନ୍ତି ସେଣିକି ଅଫିସର ପରିସର ଯାହା ହେଉ ନାଁ କାହିଁ ଚଳିବ ? ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ପରିବେଶ, ସୁସ୍ଥ ଜୀବନ ନାରା ଦେଇ ସ୍ୱଚ୍ଛ ଭାରତ ଅଭିଯାନ ମାଧମରେ କୋଟି କୋଟି ଟଙ୍କା ବ୍ୟୟରେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନାର ମୁଖ୍ୟ ଦାୟିତ୍ୱ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ଯେଉଁ କାର୍ଯ୍ୟାଳୟକୁ ଏହି ସ୍ୱଚ୍ଛ ଭାରତ ଅଭିଯାନ ଓ ବର୍ଯ୍ୟବସ୍ତୁ ମୁକ୍ତ ଭାରତ ପାଇଁ ବିଭିନ୍ନ ପଞ୍ଚାୟତକୁ ଯୋଜନାମାନ ପ୍ରଦାନ କରାଯାଇ ଯୋଜନାର ସଫଳ ରୂପାୟନ କରିବା ପାଇଁ ତଦାରଖ ଦାୟିତ୍ୱ ଦିଆଯାଇଛି।

### ୨୮୨ଜଣଙ୍କୁ ମିଳିଲା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା

## ୭୦, ୭୨, ୦୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



**ଯାଜପୁର, ୧୭।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ତା ୧୭.୧୨.୨୫ ରିଖରେ ଯାଜପୁର ରୋଡ ସ୍ଥିତ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର ଓ ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ନିର୍ମାଣ ଶ୍ରମିକ ସୁର ଜେନା, ଭାଗୀରଥୀ ସାହୁ, ଶରତ ଦେହୁରୀ, ସୁଦର୍ଶନ ସାହୁ ଙ୍କୁ ଡମି ଚେକ ମାଧମରେ ସହାୟତା ପ୍ରଦାନ କରିଥିଲେ। ସର୍ବମୋଟ ମୃତ୍ୟୁକାଳୀନ ସହାୟତା ବାବଦରେ ୬ ଜଣଙ୍କୁ ୧୭, ୦୦, ୦୦୦/- ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୬ ଜଣଙ୍କୁ ୩୦, ୦୦୦/- ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୦୧ ଜଣଙ୍କୁ ୧୯, ୯୭, ୦୦୦/-, ବିବାହ ସହାୟତା ବାବଦରେ ୬୭ଜଣଙ୍କୁ ୩୩, ୨୫, ୦୦୦/- ଏବଂ ପ୍ରସୂତୀ କାଳୀନ ସହାୟତା ବାବଦରେ ୨ ଜଣଙ୍କୁ ୨୦, ୦୦୦/- ଟଙ୍କା ର ସହାୟତା ରାଶି ବୋର୍ଡ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ଦ୍ୱାରା ଅନଲାଇନ ମାଧମରେ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି।

### ସେବାର ଛକରେ ଅସହାୟ ଜୀବନ!

## ମେଡିକାଲ୍ ଛକରେ ନିରାଶ୍ରୟଙ୍କ ପାଇଁ ଶୀତ, ଭୟ ଓ ମୃତ୍ୟୁର ରାତି



**ଯାଜପୁର, ୧୭।୧୨ (ସଂଚାର ବ୍ୟୁରୋ):** ଯାହାକୁ ସହର ଜୀବନ ରକ୍ଷାର କେନ୍ଦ୍ର ଭାବେ ଚିହ୍ନେ ସେଇ ମେଡିକାଲ୍ ଛକ ଆଜି ନିରାଶ୍ରୟଙ୍କ ପାଇଁ ମୃତ୍ୟୁ ଆଶଙ୍କାର ଖୋଲା ଆକାଶ ତଳ ଶିବିରରେ ପରିଣତ ହୋଇଛି। ଶୀତୁଆ ରାତିରେ ଦୋକାନ ପିଣ୍ଡା, ବାରଣ୍ଡା ଓ ରାସ୍ତା ପାର୍ଶ୍ୱରେ ଜୀବନ–ମୃତ୍ୟୁର ଲଢ଼ାଇ ଲଢୁଛନ୍ତି ଅନେକ ନିରାଶ୍ରୟ ବ୍ୟକ୍ତି। ବିଷାକ୍ତ ସାପ, ଆକ୍ରମଣାତ୍ମକ କୁକୁର ଓ ସକ୍ରିୟ ଅଙ୍ଗଚୋରି ରାକେଟ୍‌ର ଭୟ ସତ୍ତ୍ୱେ ମଧ ସେମାନେ ରାତି କାଟିବାକୁ ବାଧ। ମେଡିକାଲ୍ ଛକରେ ନିରାଶ୍ରୟ ମଣିଷ ସହ ଏକ କୁକୁର ଏକ ସ୍ଥାନରେ ଶୋଇଥିବା ଦୃଶ୍ୟ ସହରର ସୁରକ୍ଷା ବ୍ୟବସ୍ଥାକୁ ନିର୍ବାକ ପ୍ରଶ୍ନ କରୁଛି। ସବୁଠୁ ଚିନ୍ତାଜନକ କଥା, ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ ଥିବା ସତ୍ତ୍ୱେ ନିରାଶ୍ରୟଙ୍କ ପାଇଁ ଗୋଟିଏ ମଧ କାର୍ଯ୍ୟକ୍ଷମ ରାତ୍ରି ବିଶ୍ରାମ ଘର ନାହିଁ। ସରକାରୀ ଯୋଜନା କାଗଜରେ ସୀମିତ ରହିଥିବାବେଳେ, ଭୂମିରେ ତାହାର କୌଣସି ପ୍ରଭାବ ଦେଖାଯାଉନାହିଁ।ପ୍ରତି ରାତି ମେଡିକାଲ୍ ଛକରେ ନିରାଶ୍ରୟଙ୍କ ଜୀବନ ଭଗବାନ ଭରସାରେ ରହିଯାଉଛି। ସେବା ନାମରେ ପରିଚିତ ଏହି ଅଞ୍ଚଳରେ ଏକ ଛୋଟ ରାତ୍ରି ବିଶ୍ରାମ ଘର ମଧ ନଥିବା କଥା ପ୍ରଶାସନର ଅସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଛି।ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନମାନେ ସିଧା ପ୍ରଶ୍ନ ଉଠାଇଛନ୍ତି ନିରାଶ୍ରୟମାନେ କଣ ସହରର ନାଗରିକ ନୁହନ୍ତି ?ରାତି ବିଶ୍ରାମ ଘର ଯୋଗାଇବା କି ପୌରପାଳିକାର ମୌଳିକ ଦାୟିତ୍ୱ ନୁହେଁ ?ପ୍ରଶାସନ ଯଦି ତୁରନ୍ତ କାର୍ଯ୍ୟକ୍ଷମ ପଦକ୍ଷେପ ନନିଏ, ତେବେ ମେଡିକାଲ୍ ଛକ 'ସେବା'ର ପ୍ରତୀକ ହୋଇ ରହିବ ନାହିଁ, ବରଂ ନିରାଶ୍ରୟଙ୍କ ପାଇଁ ନିରବ ମୃତ୍ୟୁର ଠିକଣା ହୋଇଯିବ।

# ଆଜିଠୁ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ

- ଐତିହାସିକ କାର୍ଯ୍ୟକ୍ରମ ଲାଗି ଭୁବନେଶ୍ୱରରେ ସମସ୍ତ ପ୍ରସ୍ତୁତି ଶେଷ
- କାର୍ଯ୍ୟକ୍ରମ ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସୂଚନା




**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ୧୮ ରୁ ୨୦ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଐତିହାସିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଆଜି ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଶାସନ ଏବଂ ପ୍ରମୁଖ ସାର୍ବଜନୀନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇକୁ ଗ୍ରହଣ କରିବା ଏବଂ ନିୟୋଜିତ କରିବାରେ ଏହା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟ ମଧ୍ୟରେ ସ୍ଥାନିତ କରିବ। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଇଣ୍ଡିଆ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ର ଏକ ପ୍ରାକ୍ କାର୍ଯ୍ୟକ୍ରମ ସାବ୍ୟସ୍ତ ହେବ। ସମ୍ମିଳନୀ ସମ୍ପର୍କରେ ସୂଚନା ଦେବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଏଆଇ ଦୃଷ୍ଟିକୋଣ, ନୀତି ନିର୍ଦ୍ଦେଶ ଏବଂ ବାସ୍ତବ ଦୁନିଆର ଏଆଇ କାର୍ଯ୍ୟକାରିତାର ଏକ ବର୍ଦ୍ଧିତ ପରିସର ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ପୂର୍ବରୁ ୧୮ରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମିଳିତ ଭାବରେ ଭୁବନେଶ୍ୱରରେ ଏକ ଇଣ୍ଡିଆଏଆଇ କାର୍ଯ୍ୟଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀ ସମ୍ପର୍କରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶା ପ୍ରଯୁକ୍ତିବିଦ୍ୟା ପରିଚାଳିତ ବିକାଶ ପାଇଁ ଭବିଷ୍ୟତ ଉନ୍ମୁଖୀ ଆଭିମୁଖ୍ୟ ଗ୍ରହଣ କରୁଛି। ଓଡ଼ିଶା ଏଆଇ ନୀତି ସହିତ, ଫିନଟେକ୍, ଗ୍ଲୋବାଲ୍ କ୍ଷମତା କେନ୍ଦ୍ର ଏବଂ ଉନ୍ନତ ଇଲେକ୍ଟ୍ରୋନିକ୍ସ ପାଇଁ ପ୍ରଗତିଶୀଳ ନୀତି ଗ୍ରହଣ କରି ଆମେ ସାର୍ବଜନୀନ ଏଆଇକୁ ଗ୍ରହଣ ପାଇଁ ଏକ ସ୍ପଷ୍ଟ, ଦାୟିତ୍ୱପୂର୍ଣ୍ଣ ଏବଂ ନିବେଶକ-ଅନୁକୂଳ ଢାଞ୍ଚା ନିର୍ମାଣ କରୁଛୁ। ଆମର ଧ୍ୟାନ କେବଳ ଭିତ୍ତିଭୂମି ଉପରେ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ନବସୃଜନ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ଆଧାରିତ, ଯାହା ଦୃଢ଼ ଶାସନ, ବିଶ୍ୱସ୍ତରୀୟ ଡିଜିଟାଲ୍ କ୍ଷମତା ଏବଂ ଦୀର୍ଘକାଳୀନ ନୀତି ନିର୍ଦ୍ଧାରଣ ଦ୍ୱାରା ସମର୍ଥିତ। ଆମେ ମୁଖ୍ୟତଃ ଏପରି ଏକ ବ୍ୟବସ୍ଥା ନିର୍ମାଣ କରିବାକୁ ଯାଉଛୁ ଯାହା ଉଦ୍ୟୋଗଗୁଡ଼ିକୁ ଓଡ଼ିଶାରେ ନିର୍ମାଣ କରିବା, ସମ୍ପ୍ରସାରଣ କରିବା ଏବଂ ଅଗ୍ରଣୀ ହେବା ଲାଗି ସକ୍ଷମ କରିବ ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି, ଓଡ଼ିଶା ଏଆଇ ସମ୍ମିଳନୀକୁ କେବଳ ପ୍ରତିଶ୍ରୁତି ନୁହେଁ, ବରଂ ପ୍ରକୃତ ପ୍ରଗତି ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ଡିଜାଇନ୍ କରାଯାଇଛି। ଓଡ଼ିଶା ପୂର୍ବରୁ ମୁଖ୍ୟ ସରକାରୀ କାର୍ଯ୍ୟ ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଏଆଇର ପ୍ରୟୋଗ କରିବା ଆରମ୍ଭ କରିସାରିଛି। ଏହାସହିତ ଏକକାଳୀନ କ୍ଷମତା ନିର୍ମାଣ ଏବଂ ସଂସ୍ଥାଗତ ପ୍ରସ୍ତୁତିରେ ନିବେଶ ମଧ୍ୟ କରିସାରିଛି। ଏଆଇ ସମ୍ମିଳନୀ ଏକ ସହଭାଗୀ ଏଆଇ ରୋଡମ୍ୟାପ୍ ଚତୁଃପାର୍ଶ୍ୱରେ ବିଭାଗ, ଅଂଶୀଦାର ଏବଂ ଉଦ୍ଭାବକମାନଙ୍କୁ ସମନ୍ୱିତ କରିବାରେ ସାହାଯ୍ୟ କରିବ ଏବଂ ଦାୟିତ୍ୱପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ଭାବରେ ବୃଦ୍ଧି କରିପାରିବ। ଏହି ଶିଖର ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ ଓଡ଼ିଶାର ଏଆଇ ଯାତ୍ରାକୁ ସମର୍ଥନ କରୁଥିବା ସହଭାଗୀତାକୁ ଆନୁଷ୍ଠାନିକ ମାନ୍ୟତା ମିଳିପାରିବ।

## ଦମ୍ପତିଙ୍କୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଓ ଗହଣା ଲୁଟ୍

**ରାଇରଙ୍ଗପୁର/ତିରିଂ, ୧୭।୧୨ (ସଂଚାର ବ୍ୟୁରୋ):** ଘରେ ପଶି ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ କରି ୫ ଜଣ ଡକାୟତ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବଡ଼ସିଆଜଙ୍ଗ ଗାଁରେ ଏଭଳି ଘଟଣା ଘଟିଛି। ମଙ୍ଗଳବାର ରାତିରେ ବଡ଼ସିଆଜଙ୍ଗ ଗାଁର ଅଶ୍ୱିନୀ ମହାନ୍ତଙ୍କ ଘରେ ଡକାୟତି ହୋଇଛି। ନଗଦ ୬୧ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା, ଏଟିଏମ୍ କାର୍ଡ ଓ କଂସା ବାସନ ସବୁ ଲୁଟି ନେଇଛନ୍ତି ୫ ଜଣ ଡକାୟତ। ଏନେଇ ତିରିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବଡ଼ସିଆଜଙ୍ଗ ସାହିର ଶ୍ରୀ ମହାନ୍ତ। ଗତ ରାତିରେ ନିଜ ଗୁହାଳ ଘରେ ଥିବା ଗାଈଗୋରୁଙ୍କୁ ଖାଇବାକୁ ଦେଉଥିବା ବେଳେ ପୂର୍ବରୁ ଘର ପାଚେରି ଡେଇଁ ସେଠାରେ ଲୁଚି ଥିବା ପାଞ୍ଚ ଜଣ ଡକାୟତ ଆତଙ୍କିତ ଭାବେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏହି ସହିତ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଡକାୟତମାନେ ଆକ୍ରମଣ କରି କାବୁ କରି ନେଇଥିଲେ। ଘରେ ଥିବା ନଗଦ ଟଙ୍କା, ସୁନାଗହଣା, କଂସାବାସନ ପ୍ରଭୃତି ଲୁଟି ନେଇ ସେଠାରୁ ଖସି ପଳାଇଥିଲେ। ତେବେ ଡକାୟତମାନେ ଓଡ଼ିଆ ଓ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ବିଭିନ୍ନ ମାରଣାସ୍ତ୍ର ଧରିଥିଲେ ବୋଲି କହିଛନ୍ତି ଗୁରୁତର ଅଶ୍ୱିନୀ ମହାନ୍ତ। ଏନେଇ ତିରିଂ ଥାନାରେ ସେ ଏତଲା ଦେଇଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଡକାୟତମାନେ ଝାଡ଼ଖଣ୍ଡକୁ ଖସି ପଳାଇଥିବା ସନ୍ଦେହ କରାଯାଉଛି।



ଉତ୍ତରପ୍ରଦେଶର ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ କପିଳଦେବ ଅଗରୱାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରୁଛନ୍ତି।

## କାର୍ଯ୍ୟାଳୟକୁ ସାଇକେଲରେ ଆସିଲେ ଜିଲ୍ଲାପାଳ



**ଭଦ୍ରକ, ୧୭।୧୨(ସଂଚାର ବ୍ୟୁରୋ):** ଆଗରୁ ଚାଷୀ ବେଶରେ ମଣ୍ଡିରେ ପହଞ୍ଚିଥିଲେ। ଆଜି ରାସ୍ତାରେ ସାଇକେଲରେ ଯାଉଥିଲେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ। ମୁହଁରେ ମାସ୍କ ପିନ୍ଧି ସାଇକେଲ ଚଢ଼ି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ନିଜ ଆବାସିକ କାର୍ଯ୍ୟାଳୟରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସାଇକେଲରେ ଆସିଥିଲେ। ଆଜି ଦ୍ୱିତୀୟ ଥର ଲାଗି ନିଜ ଆବାସିକ କାର୍ଯ୍ୟାଳୟରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସାଇକେଲରେ ଆସିଥିଲେ। ତେବେ ଏନେଇ ଜିଲ୍ଲାପାଳ କହିଛନ୍ତି ଯେ, ସାଇକେଲରେ ଆସିଲେ ଶରୀର ସୁସ୍ଥ ରହିବା ସହ ପରିବେଶ ସୁରକ୍ଷିତ ରହିବ। ଯେଉଁଦିନ ସୁବିଧା ହେବ ସେ ଏପରି କାର୍ଯ୍ୟାଳୟକୁ ସାଇକେଲରେ ଆସିବେ। ଏଥିସହ ଜିଲ୍ଲାପାଳ ଆହୁରି କହିଛନ୍ତି ଯେ, ଅନ୍ୟ ଅଧିକାରୀମାନେ ବି ଏଥିରୁ ପ୍ରେରିତ ହୁଅନ୍ତୁ ଏବଂ ସେମାନେ ବି ସାଇକେଲରେ ଅଫିସ୍ ଆସନ୍ତୁ। ଜିଲ୍ଲାବାସୀଙ୍କୁ ସେ କହିଛନ୍ତି ଘର ଆଖପାଖକୁ ଗାଡିରେ ଯିବା ବଦଳରେ ଚାଲିକି କିମ୍ବା ସାଇକେଲରେ ଯାଇପାରିବେ । ଏହାଦ୍ୱାରା ଏକ୍ସରସାଇଜ୍ ହେବ। ପୂର୍ବରୁ ବିଶ୍ୱ ସାଇକେଲ୍ ଦିବସରେ ଭଦ୍ରକ ଜିଲ୍ଲାପାଳ ନିଜ ଆବାସିକ କାର୍ଯ୍ୟାଳୟରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସାଇକେଲରେ ଆସିଥିଲେ।

# କିସ୍ ଛାତ୍ର ମୃତ୍ୟୁ ଘଟଣାରେ ୮ ଗିରଫ



- ବନ୍ଧାହେଲେ ଅତିରିକ୍ତ ସିଇଓ
- ୩ ସହପାଠୀ ହତ୍ୟା କରିଥିଲେ
- ସତ ଚାପିବାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିଲା

**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ) :** କିସ୍ ଛାତ୍ରଙ୍କୁ ହତ୍ୟା ମାମଲାରେ କିସ୍‌ର ଜଣେ ଅତିରିକ୍ତ ସିଇଓଙ୍କ ସମେତ ପୁଲିସ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କିସ୍‌ର ଆଡିସନାଲ ସିଇଓ ପ୍ରମୋଦ କୁମାର ପାତ୍ର, ଟିଜିଟି ଟିଚର୍ ବିନୟ କୁମାର ଗୋଛି, ସିନିୟର ଏକାଡେମିକ୍ କୋ-ଅର୍ଡିନେଟର୍ ପ୍ରସନ୍ନ କୁମାର ମଲ୍ଲ, ଶିକ୍ଷକ ପ୍ରଦୀପ କୁମାର ଦାସ, କିସ୍ ସେକେଣ୍ଡାରୀ ସ୍କୁଲର ପ୍ରଧାନଶିକ୍ଷକ ରଶ୍ମୀରଞ୍ଜନ ନାୟକ, କିସ୍ ଛାତ୍ରାବାସର ଆସିଷ୍ଟାଣ୍ଟ ଫିଲ୍ଡ ଅଫିସର ହେମନ୍ତ କୁମାର ମହାପାତ୍ର, କିସ୍ ବୟଜ୍ ହଷ୍ଟେଲର ସୁପରଭାଇଜର୍ ଶୁଭକାନ୍ତ ବେହେରା ଏବଂ ସହକାରୀ ଶିକ୍ଷୟିତ୍ରୀ ସୁଜାତା ମିଶ୍ର। ଏହାସହ ୩ ଜଣ ଛାତ୍ରଙ୍କୁ ଧରି ତନାଘନା କରାଯାଉଛି। କିସ୍‌ରେ ପଢୁଥିବା କେନ୍ଦୁଝର ଜିଲ୍ଲାର ନବମ ଶ୍ରେଣୀର ଆଦିବାସୀ ଛାତ୍ର ଶିବ ମୁଣ୍ଡାଙ୍କର ୧୨ତାରିଖରେ ସନ୍ଦିଗ୍ଧ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ ଦାବି ଓ କେନ୍ଦୁଝର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଭୁବନେଶ୍ୱରର ଇନଫୋସିଟି ଥାନା ପୁଲିସ 'ଜିରୋ ଏଫଆଇଆର' ଆଧାରରେ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ଶିବଙ୍କ ୩ଜଣ ସହପାଠୀଙ୍କୁ ପୁଲିସ ଅଟକ ରଖି ପଚାରାଉଚରା ପରେ ସାଂଘାତିକ ତଥ୍ୟ ପଦାକୁ ଆସିଥିଲା। ପୁଲିସ ସୂଚନା ଅନୁସାରେ, ଡାଲି ପଡ଼ିଯିବାକୁ ନେଇ ଯୁକ୍ତିତର୍କ ହେବା ପରେ ଶିବକୁ ତା'ର ୩ଜଣ ସହପାଠୀ ମାଡ଼ ମାରିବା ସହ ହତ୍ୟା କରିଥିଲେ। ପୁଲିସେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ତଦନ୍ତ କରିଥିଲା। ଏହି ଘଟଣାରେ କିସ କର୍ତ୍ତୃପକ୍ଷଙ୍କ ଭୂମିକା ସନ୍ଦେହଜନକ ଥିଲା। କର୍ତ୍ତୃପକ୍ଷ ସତ ଲୁଚାଇବାକୁ ହାର୍ଟ ଆଟାକର ରୂପ ଦେଇଥିଲେ।

## ଗର୍ଭବତୀଙ୍କୁ ରକ୍ତଦାନ କଲେ ଆମ୍ବୁଲାନ୍ସ କର୍ମଚାରୀ



**କଳାହାଣ୍ଡି, ୧୭।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁଚଗାଁ ଗ୍ରାମର ଧରିତ୍ରୀ ଖମାରି (୨୨) ଗର୍ଭବେଦନା ପାଇଁ ସ୍ତ୍ରୀ ଏବଂ ପ୍ରସୂତୀ ବିଭାଗରେ ଚିକିତ୍ସିତ ହେଉଥିଲେ। ଗତକାଲି ଡାକ୍ତରଙ୍କ ପରାମର୍ଶ କ୍ରମେ ଧରିତ୍ରୀ ଏକ ୟୁନିଟ ଏ ପଜିଟିଭ ରକ୍ତ ଆବଶ୍ୟକ କରୁଥିଲେ। କିନ୍ତୁ ସେହି ଗ୍ରୁପର ରକ୍ତ ରକ୍ତଭଣ୍ଡାରରେ ଉପଲବ୍ଧ ନଥିଲା। ତେଣୁ ଧରିତ୍ରୀଙ୍କ ସ୍ୱାମୀ ଗୋଟିଏ ୟୁନିଟ ରକ୍ତ ଯୋଗାଡ କରିବା ପାଇଁ ବ୍ୟସ୍ତ ହେଉଥିବା ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ରକ୍ତ ଆବଶ୍ୟକତା ସମ୍ବନ୍ଧରେ ସୂଚନା ଦେଇଥିଲେ। ସୌଭାଗ୍ୟବଶତଃ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ହେଲ୍ପର ଜଗନ୍ନାଥ ନାଏକଙ୍କ ସମାନ ବ୍ଲଡ ଗ୍ରୁପ ହୋଇଥିବାରୁ ସେ ସଙ୍ଗେ ସଙ୍ଗେ ସେହି ଗର୍ଭବତୀଙ୍କ ପାଇଁ ଏକ ୟୁନିଟ ରକ୍ତଦାନ କରିଥିଲେ। ଉକ୍ତ ମାନବୀୟ କାର୍ଯ୍ୟ ପାଇଁ ଧରିତ୍ରୀଙ୍କ ସ୍ୱାମୀ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଇବା ସହ ଡାକ୍ତରଖାନା କର୍ତ୍ତୃପକ୍ଷ ମଧ ସାଧୁବାଦ ଜଣାଇଥିଲେ।

## ତୀର୍ଥଙ୍କର ଦାସ ଲୋକସଭାର ଯୁଗ୍ମ ସଚିବ



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଲୋକସଭା ସଚିବାଳୟରେ ବାଲେଶ୍ୱରର ତୀର୍ଥଙ୍କର ଦାସଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି କରିଛନ୍ତି। ଡିସେମ୍ବର ୧୬ରେ ଜାରି ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ତୀର୍ଥଙ୍କର ଦାସଙ୍କୁ ଡିସେମ୍ବର ୧୨, ୨୦୨୫ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପେ ମ୍ୟାଟ୍ରିକ୍ସର ସ୍ତର ୧୪ରେ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତ କରିଛନ୍ତି ବାଚସ୍ପତି। ଏହି ପଦୋନ୍ନତି ପୂର୍ବରୁ ତୀର୍ଥଙ୍କର ଦାସ ସଚିବାଳୟରେ ନିର୍ଦ୍ଦେଶକ ସ୍ତରୀୟ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଯାହା ସଂସଦର ନିମ୍ନ ସଦନ ଲୋକସଭାକୁ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଏବଂ ପ୍ରକ୍ରିୟାଗତ ସହାୟତା ପ୍ରଦାନ କରେ। ଏହି ପଦୋନ୍ନତି ଏପରି ଏକ ସମୟରେ ଆସିଛି ଯେତେବେଳେ ସଂସଦର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ବିଧାନସଭା ଚାହିଦା ପୂରଣ କରିବା ପାଇଁ ବିଭିନ୍ନ ଶାଖାରେ ସାଂଗଠନିକ ପୁନର୍ଗଠନ ଏବଂ ଉନ୍ନତିକରଣ ପ୍ରକ୍ରିୟା ଚାଲିଛି।

- ଆବାସିକ ବିଦ୍ୟାଳୟ ପରିସରରେ ଅଘଟଣ

## ସୂଚନାଫଳକ ପଡ଼ି ଜଣେ ଛାତ୍ର ମୃତ

**ଜୟପୁର, ୧୭।୧୨(ସଂଚାର ବ୍ୟୁରୋ):** ଆବାସିକ ବିଦ୍ୟାଳୟ ପରିସରରେ ଅଘଟଣ ଘଟିଛି। ଜଣେ ତୃତୀୟ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଏପରି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ସରକାରୀ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ଗାନ୍ଧୀନଗର ଠାରେ ଜଣେ ଛାତ୍ରଙ୍କ ମୃତ୍ୟୁ। ସୂଚନା ଅନୁଯାଇ ବିଦ୍ୟାଳୟର ସୂଚନାଫଳକ ପଡି ଜଣେ ତୃତୀୟ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ, ଆଉ ଦୁଇ ଜଣ ଛାତ୍ର ଗୁରୁତର ଆହତ ହୋଇ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।। ମୃତକ ଛାତ୍ର ଗୁମୁଡା ପଞ୍ଚାୟତ ସୁଉନିଗୁଡା ଗ୍ରାମର ପ୍ରେମାନନ୍ଦ ଭତ୍ରା ବୋଲି ଜଣାପଡିଛି, ବିଦ୍ୟାଳୟର ଶିକ୍ଷକଙ୍କ ସୂଚନା ଅନୁଯାଇ ଛାତ୍ରଟି ବ୍ରସ୍ କରୁଥିବା ସମୟରେ ଦୁଇ ଛାତ୍ରଙ୍କ ଉପରେ ସୂଚନା ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି କ୍ଷ ଆଉ ଜଣେ ଗୁରୁତର ଛାତ୍ର ଜୟପୁର ମେଡିକାଲକୁ ସ୍ଥାନାନ୍ତର।। ଘଟଣା ଘଟିବା ପରେ ବିକ୍ଷୋଭ ପ୍ରାଦର୍ଶନ କରଯାଇଛି।

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ଘଟଣାରେ ହେବ କଠୋର ଦଣ୍ଡବିଧାନ



**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ) :** ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବୁଧବାର ଦିନ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ପୁରୀ ମନ୍ଦିର ଭିତରେ ନିୟମ ଉଲ୍ଲଂଘନକୁ ମୁକାବିଲା କରିବା ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରୁଛନ୍ତି ଓଡ଼ିଶା ସରକାର। ମନ୍ଦିର ପ୍ରଶାସନର ସ୍ପଷ୍ଟ ଚେତାବନୀ ସତ୍ତ୍ୱେ ବାରମ୍ବାର ନିୟମ ଉଲଂଘନ ହେଉଛି। ଯେଉଁ କାର୍ଯ୍ୟକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି। କିଛି ଲୋକ ନିୟମକୁ ଅବମାନନା କରି ମନ୍ଦିର ଭିତରେ ମୋବାଇଲ୍ ଫୋନ୍, କ୍ୟାମେରା ଏବଂ ଇଲେକ୍ଟ୍ରୋନିକ୍ ଉପକରଣ ନେଉଛନ୍ତି। ଏଥିପାଇଁ ସରକାରଙ୍କୁ କଠୋର ଆଇନଗତ ବ୍ୟବସ୍ଥା ଉପରେ ବିଚାର କରିବାକୁ ପଡିବ। ଏପରି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ପ୍ରକୃତ ଭକ୍ତ ନୁହନ୍ତି ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି ଯେ, ସେମାନେ ଦର୍ଶନ ପାଇଁ ମନ୍ଦିର ଯାଆନ୍ତି ନାହିଁ ବରଂ କେବଳ ନାଟକ ଏବଂ ସୋସିଆଲ ମିଡିଆରେ ଧ୍ୟାନ ଆକର୍ଷଣ କରିବା ପାଇଁ ଯାଉଛନ୍ତି। ପ୍ରଚଳିତ ଆଇନରେ ପୂର୍ବରୁ ଅନେକ ଦଣ୍ଡ ବ୍ୟବସ୍ଥା ଥିବା ବେଳେ ସରକାର ବର୍ତ୍ତମାନ ଦଣ୍ଡକୁ ଅଧିକ ପ୍ରଭାବଶାଳୀ କରିବାକୁ କିଛି ପରିବର୍ତ୍ତନ ଆଣିବା ପାଇଁ କାମ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମନ୍ଦିର ଭିତରେ ଫଟୋଗ୍ରାଫି, ମୋବାଇଲ୍ ଫୋନ୍, ସ୍ମାର୍ଟ ଚଷମା ଏବଂ କ୍ୟାମେରାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଯାହା ପୁରୁଣା ଆଇନରେ ସ୍ପଷ୍ଟ ଭାବରେ ଅନ୍ତର୍ଭୁକ୍ତ ନଥିଲା।

## କନାକୁଣ୍ଡ ନେଲା ଆଉ ଏକ ମୁଣ୍ଡ

### ୫ ବର୍ଷରେ ୯ ଜଣଙ୍କ ମୃତ୍ୟୁ



**ବାଲିଶଙ୍କରା, ୧୭।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା ବ୍ଲକ ଘୋଘର କନାକୁଣ୍ଡରେ ନିଖୋଜ ହୋଇଥିବା ରାଉରକେଲା ଏନଆଇଟି ଛାତ୍ର ଦୀପେଶ ପ୍ରଧାନଙ୍କ ମୃତଦେହ ୮୬ ଘଣ୍ଟା ପରେ ଉଦ୍ଧାର ହୋଇଛି। ଆଜି ମଧାହ୍ନ ୧୨ଟା ୫୦ ମିନିଟରେ କନାକୁଣ୍ଡ ୭ ବଖରାରୁ ଦେଢ଼ କିଲୋମିଟର ଦୂର ସବଡେଗା ବ୍ଲକ ଯମୁନା ପଞ୍ଚାୟତ ବଇସନବାହାଲ ବାଲିଘାଟରୁ ଦୀପେଶଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଝାରସୁଗୁଡା ଓଡ୍ରାଫ ଟିମ୍, ରାଉରକେଲା ଓଡ୍ରାଫ ଟିମ୍, ବାଲିଶଙ୍କରା ଓ ସବଡେଗା ଅଗ୍ନିଶମ ବାହିନୀ, ତଲସରା ପୁଲିସ ଗତ ୪ ଦିନ ଧରି କଠିନ ପରିଶ୍ରମ କରି ଦୀପେଶଙ୍କୁ ପାଣି ଭିତରେ ଖୋଜାଖୋଜି କରିଥିଲେ।

ଦୀପେଶ ରାଉରକେଲା ଏନଆଇଟିରେ ଗଣିତ ବିଭାଗରେ ପିଏଚଡି କରୁଥିଲେ। ଗତ ଶନିବାର ଦିନ ସେ ଓ ଅନ୍ୟ ୪ ଜଣ ସାଙ୍ଗ ମିଶି ଏକ ବଲେରୋ ଗାଡ଼ିରେ କନାକୁଣ୍ଡ ବୁଲିବାକୁ ଆସିଥିଲେ। ଅପରାହ୍ନ ୩ଟା ୫୦ ମିନିଟ ସମୟରେ ଦୀପେଶ ୭ବଖରାରେ ଗାଧେଇବା ବେଳେ ପ୍ରଖର ଜଳସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ସେମାନେ ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ଦୀପେଶଙ୍କୁ ପାଇନଥିଲେ। ଝାରସୁଗୁଡା ଓଡ୍ରାଫ ଟିମ, ରାଉରକେଲା ଓଡ୍ରାଫ ଟିମ, ବାଲିଶଙ୍କରା ଓ ସବଡେଗା ଅଗ୍ନିଶମ ବାହିନୀ, ତଲସରା ପୁଲିସ କଠିନ ପରିଶ୍ରମ ପରେ ବି ୪ ଦିନ ବିତିଯାଇଥିଲେ ମଧ୍ୟ ଦୀପେଶଙ୍କ ପାଇ ପାରିନଥିଲେ। ଆଜି ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ସବଡ଼େଗା ବ୍ଲକ ଯମୁନା ପଂଚାୟତର ବଇସନବାହାଲ ବାଲିଘାଟରୁ ଦୀପେଶଙ୍କ ମୃତଦେହ ମିଳିଥିଲା। ତଲସରା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କ ହସ୍ତାନ୍ତର କରିଥିବା ଜଣାପଡିଛି। ପୂର୍ବରୁ କନାକୁଣ୍ଡରେ ୫ ବର୍ଷ ମଧ୍ୟରେ ୮ ଜଣଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ୨୦୨୧ ଜାନୁଆରି ୩ ତାରିଖରେ ରାଜଗାଙ୍ଗପୁରର ଜଣେ ଯୁବତୀ ଅନୁପମା ପ୍ରଜାପତି ପରିବାରବର୍ଗଙ୍କ ସହ କନାକୁଣ୍ଡକୁ ଭୋଜି କରିବାକୁ ଆସି ସାତ ବଖରାରେ ସେଲଫି ନେଉଥିବା ବେଳେ ଖସି ପଡ଼ି ଜଳସ୍ରୋତରେ ଭାସି ଯାଇଥିଲେ। ୨୦୨୩ ଜାନୁଆରି ୪ ତାରିଖରେ ଝାରସୁଗୁଡା ଜିଲ୍ଲା ବରୋମାଲର ମୁକେଶ ମେହେର ଓ ଚୂଡ଼ାମଣି ମେହେର କନାକୁଣ୍ଡରେ ଭାସି ପ୍ରାଣ ହରାଇଥିଲେ। ୨୦୨୪ ମସିହା ଅକ୍ଟୋବର ୧୩ ତାରିଖ ବିଶାଖାପାଟଣାର ଯୁବକ ସାତ୍ତ୍ୱିକ କଞ୍ଚିପତି କନାକୁଣ୍ଡରେ ବୁଡ଼ି ପ୍ରାଣ ହରାଇଥିଲେ। ଜୁଲାଇ ୩୦ ତାରିଖରେ ସମ୍ବଲପୁର ଜିଲ୍ଲା ବାମରା ମୁଣ୍ଡାଢିପାର ଦୁଇ ଜଣ ସାଙ୍ଗ ରୋଶନ ପାଶୱାନ ଓ ଜୟନାରାୟଣ ପାତ୍ର କନାକୁଣ୍ଡର ଗଭୀର ପାଣିରେ ବୁଡି ପ୍ରାଣ ହରାଇଥିଲେ।

- ଏକ ପେଡ୍ ମା କେ ନାମ ୨.୦

## ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଏକ ପେଡ଼ ମା'କେ ନାମ ୨.୦ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ବୃକ୍ଷରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀଆଧାରରେ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଇଯାଇଛି । ଏହି ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ବିଭାଗରଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧକ୍ଷତା କରି କହିଲେ ଯେ ୧୭ ସେପ୍ଟେମ୍ବର ୨୦୨୫ରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ପରେ ପ୍ରତି ମାସରେ ଏହି ବୈଠକ ଅନୁଷ୍ଠିତ ହେଇ ଆସୁଛି। ଚାରା ଗଛ ବଞ୍ଚିବା ଏବଂ ଏହାର ବୃଦ୍ଧି ଉପରେ ଏକ ପେଡ୍ ମା କେ ନାମ' ୨.୦ ର ସଫଳତା ନିର୍ଭର କରେ। ମାର୍ଗଦର୍ଶିକା ଅନୁଯାୟୀ ବୃକ୍ଷରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ଆମେ ସମସ୍ତେ ଯତ୍ନବାନ ହେବା ଦରକାର।

୨୨ ସେପ୍ଟେମ୍ବର ୨୦୨୫ରେ ମିଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବୃକ୍ଷରୋପଣ ପରେ, ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ବିଷୟରେ ଶ୍ରୀ ସାହୁ ବିସ୍ତୃତ ଆଲୋଚନା କରିଥିଲେ। ସମୀକ୍ଷା ସମୟରେ ଅତିରିକ୍ତ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ ଯେ, ମନିଟରିଂ ପୋର୍ଟାଲରେ ବାକିଥିବା ସମସ୍ତ ତଥ୍ୟ ଅପଲୋଡ୍ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା ଅପଲୋଡ୍ କାର୍ଯ୍ୟ ସହଜ ତଥା ସମନ୍ୱୟ ରକ୍ଷା ପାଇଁ ସମସ୍ତ ଜିଲ୍ଲାର ବନଖଣ୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁନ୍ଦରଗଡ଼, ମାଲକାନଗିରି, ନୂଆପଡ଼ା, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟର ପ୍ରଗତିକୁ ବିଶେଷ ଭାବେ ସମୀକ୍ଷା କରାଯାଇ ସ୍ଥଗିତ ଥିବା ଡାଟା ଅପଲୋଡ୍ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା।

**ବରଗଡ଼-ନୂଆପଡ଼ାକୁ ସ୍ୱତନ୍ତ୍ର ନୂଆ ରେଳଲାଇନ**

# ଦ୍ରୁତ ଗତିରେ ଚାଲିଛି ଜମି ଅଧିଗ୍ରହଣ ପ୍ରକ୍ରିୟା



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ବରଗଡ଼ ରୋଡ୍ -ନୂଆପଡ଼ା ରୋଡ୍ ନୂଆ ରେଳ ଲାଇନକୁ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ଭାବେ ବିଜ୍ଞାପିତ କରାଯାଇଛି ଏବଂ ଏହି ପ୍ରକଳ୍ପ ଲାଗି ଦ୍ରୁତ ଗତିରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ବରଗଡ଼ ଏବଂ ନୂଆପଡ଼ାରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ (ସିଏଏଲଏ)ଙ୍କୁ ନିଯୁକ୍ତ କରାଯାଇଛି। ୭୩ଟି ଗ୍ରାମରେ ଜମି ଅଧିଗ୍ରହଣ ଲାଗି ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏଥିପାଇଁ ୪୩ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ୧୩୮ କିଲୋମିଟର ଲମ୍ବ ବରଗଡ଼ ରୋଡ୍ -ନୂଆପଡ଼ା ରୋଡ୍ ନୂଆ ରେଳ ଲାଇନ ନିର୍ମାଣ ଲାଗି ୨,୬୨୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼-କେନ୍ଦୁଝର, ଗୋରୁମହିଷାଣୀ-ବାଙ୍ଗିରିପୋଷୀ ଏବଂ ବୁଢ଼ାମରା-ଚାକୁଲିଆ ରେଳଲାଇନ ନିର୍ମାଣ ପାଇଁ ବର୍ତ୍ତମାନ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତି ପ୍ରକ୍ରିୟା ଜାରି ରହିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଆଜି ଲୋକସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ରେଳ ମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜରେ ବିଶ୍ୱର ଅନ୍ୟତମ ପ୍ରାକୃତିକ ଐତିହ୍ୟ ଶିମିଳିପାଳ ଅଭୟାରଣ୍ୟ ରହିଛି ଏବଂ ଓଡ଼ିଶାର ଏହି ସ୍ଥାନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଏଠାରେ ରେଳ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ତିନୋଟି ଷ୍ଟେସନର ଉନ୍ନତିକରଣ କରାଯାଉଛି ଏବଂ ଉପରୋକ୍ତ ତିନୋଟି ରେଳ ଲାଇନକୁ ମଞ୍ଜୁରି ମିଳିଛି । ପ୍ରାୟ ୭ କୋଟି ଟଙ୍କାର ନିବେଶ ସହିତ ବାରିପଦା ଷ୍ଟେସନର ପୁନର୍ବିକାଶ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ୧୨ କୋଟି ଟଙ୍କା ବ୍ୟୟରେ ବାଦାମପାହାଡ଼ ଷ୍ଟେସନ ପୁନର୍ବିକାଶ କାମ ଜାରି ରହିଛି। ଏହାସହିତ ୭ କୋଟି ଟଙ୍କା ବିନିଯୋଗ କରି ରାଇରଙ୍ଗପୁର ଷ୍ଟେସନର ଅଟ୍ଟାଳିକା, ପ୍ଲାଟଫର୍ମ, ସଂଯୋଗ ରାସ୍ତା, ଆଲୋକିକରଣ କାମ କରାଯାଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୩,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୨,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୩,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୨,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୩,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୨,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୦୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୨,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୪,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୩,୮୬୦ ଓ ୧,୨୨,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୯,୧୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ଆଗାମୀ ବର୍ଷ କର୍ମଚାରୀଙ୍କ ବଢ଼ିପାରେ ୯% ବେତନ

ନୂଆଦିଲ୍ଲୀ ୧୭।୧୨: ଦେଶରେ ଘରୋଇ କ୍ଷେତ୍ରରେ କର୍ମଚାରୀଙ୍କ ହାରାହାରି ବେତନରେ ଆଗାମୀ ବର୍ଷ ୯% ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। କମ୍ପାନୀମାନେ ଏହି ସମୟରେ ବୋନସ ଓ ଦକ୍ଷତାକୁ ମଧ ଗୁରୁତ୍ୱଦେବେ। ବୁଧବାର ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। ଗ୍ଲୋବାଲ କନସଲ୍ଟାନ୍ସୀ କମ୍ପାନୀ 'ମର୍ସର'ର ବେତନ ସର୍ଭେକ୍ଷଣ ରିପୋର୍ଟ-୨୦୨୬ ଅନୁସାରେ କମ୍ପାନୀମାନେ ଏବେ ବେତନ ଓ ଲାଭର ଏପରି ବ୍ୟବସ୍ଥା କରିବେ ଯେଉଁଥିରେ କର୍ମଚାରୀଙ୍କୁ କେବଳ ପଇସା ନୁହେଁ କ୍ୟାରିୟରରେ ଆଗକୁ ବଢିବାର ଉତ୍ତମ ଅନୁଭବ ମଧ ମିଳିବ। ରିପୋର୍ଟ ଅନୁସାରେ ବେତନ ବୃଦ୍ଧି ନିଷ୍ପତ୍ତି କର୍ମଚାରୀଙ୍କ ବ୍ୟକ୍ତିଗତ ପ୍ରଦର୍ଶନ, ମୁଦ୍ରାସ୍ଫିତିର ପ୍ରଭାବ ଓ ନିଯୁକ୍ତି ବଜାରରେ କମ୍ପାନୀର ପ୍ରତିଯୋଗୀତା ଭଳି ମୁଖ୍ୟ କାରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ସର୍ବେକ୍ଷଣରେ ୧,୫୦୦ରୁ ଅଧିକ କମ୍ପାନୀ ଓ ୮ ହଜାରରୁ ଅଧିକ ପଦବୀର ବିଶ୍ଳେଷଣ କରାଯାଇଛି। ରିପୋର୍ଟ ଅନୁସାରେ ଏବେ ସ୍ୱଳ୍ପକାଳୀକ ପ୍ରୋତ୍ସାହନ ଅର୍ଥାତ ପ୍ରଦର୍ଶନ ସମ୍ପର୍କିତ ବୋନସ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାପରେ କମ୍ପାନୀ ସ୍କିଲ ଆଧାରିତ ସାଙ୍ଗଠନିକ ଢାଞ୍ଚା ଆଡକୁ ପାଦ ବଢାଉଛନ୍ତି। ଏହା ଦ୍ୱାରା ଜରୁରି ଓ ବିରଳ ସ୍କିଲ ଥିବା କର୍ମଚାରୀଙ୍କୁ ଉନ୍ନତ ପୈଠ ମିଳିପାରିବ।

ମର୍ସରର ମୁଖ୍ୟ ପରାମର୍ଶଦାତା (ଭାରତ) ମାଲତୀ. କେ.ଏସ୍ କହିଛନ୍ତି ଯେ 'ସର୍ଭେକ୍ଷଣରୁ ଜଣାପଡେ ଯେ ଭାରତରେ କମ୍ପାନୀମାନଙ୍କ ନଜର ଏବେ ବ୍ୟୟ ଚାପ ଓ ପ୍ରତିଭାମାନଙ୍କୁ ଧରି ରଖିବା ପାଇଁ ରହିବ'। କ୍ଷେତ୍ର ଅନୁସାରେ ଦେଖିଲେ ୨୦୨୬ରେ ସର୍ବାଧିକ ବେତନ ବୃଦ୍ଧି ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରରେ ବେତନ ବୃଦ୍ଧି ପାଖାପାଖି ୯.୩% ହୋଇ ପାରେ। ଏଥିରେ ବାହନ ଉଦ୍ୟୋଗରେ ୯.୫% ପର୍ଯ୍ୟନ୍ତ ବେତନ ବୃଦ୍ଧି ହୋଇପାରେ। ସେହିପରି ସୂଚନା ପ୍ରଯୁକ୍ତି (ଆଇଟି), ଆଇଟି ସମ୍ପର୍କିତ ସେବା (ଆଇଟିଏସ୍) କ୍ଷେତ୍ରର କର୍ମଚାରୀ ଅଧିକ ଖୁସିବାସ ଓ ସୁବିଧା ସୁଯୋଗ ପାଉଛନ୍ତି। ରିପୋର୍ଟରେ ଏହା ବି କୁହାଯାଇଛି ଯେ ଦେଶରେ ନୂଆ ଶ୍ରମ ଆଇନ ଲାଗୁ ହେବା ଯୋଗୁ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଅଧିକ ମଜଭୁତ ହୋଇଛି।



# ଚର୍ଚ୍ଚାରେ ମେସିଙ୍କୁ ଅନନ୍ତ ଦେଇଥିବା ୧୦କୋଟିର ଘଣ୍ଟା

ଜାମନଗର, ୧୭।୧୨: ଭାରତ ଗସ୍ତ ବେଳେ ମେସିଙ୍କୁ ମିଳିଲା ଦାମୀ ଉପହାର। ୧୦.୯ କୋଟିର ଘଣ୍ଟା ଦେଲେ ଅନନ୍ତ ଅମ୍ବାନୀ।ଫୁଟବଲ କିଂବଦନ୍ତି ଲିଓନେଲ ମେସି ଭାରତ ଗସ୍ତରେ ଆସିଥିବା ବେଳେ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ବନ୍ୟଜନ୍ତୁ ଉଦ୍ଧାର, ଥଇଥାନ ଓ ସଂରକ୍ଷଣ କେନ୍ଦ୍ର 'ବନତାରା'କୁ ସ୍ୱତନ୍ତ୍ର ପରିଦର୍ଶନ କରିଥିଲେ। ସନାତନ ଧର୍ମ ଅନୁସାରେ ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଭାଗ ନେଇଥିଲେ, ବନ୍ୟଜନ୍ତୁମାନଙ୍କ ସହ ସମୟ କାଟିଥିଲେ, ସଂରକ୍ଷଣ ଟିମ୍ ଓ ବନ୍ୟଜନ୍ତୁଙ୍କ ଯତ୍ନରେ ନିୟୋଜିତ ଲୋକମାନଙ୍କ ସହ ଭାବ ବିନିମୟ କରିଥିଲେ। ମେସିଙ୍କ ଏହି ପରିଦର୍ଶନ ମାନବିକତା ମୂଲ୍ୟବୋଧ ଓ ଅନନ୍ତଙ୍କ ସହିତ ତାଙ୍କ ଗଭୀର ବନ୍ଧୁତାକୁ ଦର୍ଶାଇଥିଲା। ଏହି ସମୟରେ ଅନନ୍ତ ତାଙ୍କୁ ଏକ ଦାମୀ ଘଣ୍ଟା ଦେଇଥିବା ଜଣାଯାଇଛି।

ଏବେ ଅନନ୍ତ ଦେଇଥିବା ଘଣ୍ଟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଘଣ୍ଟାର ଦାମ୍ ସହିତ ଏହାର ଲୁକ୍ ଏବେ ଲୋକପ୍ରିୟ ହୋଇଛି। ଘଣ୍ଟାଟି ହେଉଛି ରିଚାର୍ଡ ମିଲେ ଆର୍‌ଏମ୍ ୦୦୩-ଭି୨ ଇଏମଟି ଟୁରବିଲନ୍ "ଏସିଆ ଏଡିସନ"। ମାର୍କେଟରେ ଏହାର ଦାମ୍ ୧୦.୯କୋଟି ହେବ ବୋଲି ଜଣାପଡ଼ିଛି। ବିନା ଘଣ୍ଟାରେ 'ବନତାରା'କୁ ଯାଇଥିବା ମେସି ସେଠାରୁ ବାହାରିବା ପରେ ତାଙ୍କ ହାତରେ ଆର୍‌ଏମ୍ ୦୦୩-ଭି୨ ଘଣ୍ଟା ଥିବା ଦେଖାଯାଇଥିଲା। ମେସିଙ୍କ ହାତରେ ଏହି ଦାମୀ ଘଣ୍ଟା ଦେଖିବା ପରେ ଏହାର ଦାମ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା।

ଭାରତ ଗସ୍ତ ପରେ ସେ ଇନଷ୍ଟାଗ୍ରାମରେ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆଶା ପ୍ରକଟ କରିଛନ୍ତି। ଭାରତ ଗସ୍ତ ସମୟର ଭିଡିଓ ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି, "ନମସ୍ତେ ଇଣ୍ଡିଆ! ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଏବଂ କୋଲକାତା ଗସ୍ତ ଅବିଶ୍ୱସନୀୟ ଥିଲା। ମୋତେ ଏତେ ଭଲ ଭାବରେ ସ୍ୱାଗତ କରିବା ସହ ଏତେ ଭଲ ଆତିଥ୍ୟ ଏବଂ ଭଲପାଇବା ଦେବା ପାଇଁ ଧନ୍ୟବାଦ। ମୁଁ ଆଶା କରୁଛି ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ହେବ।"

ଭିଡିଓରେ ସେ କହିଛନ୍ତି ଯେ, "ଏହି ଗସ୍ତ ବହୁତ ଭଲ ଏବଂ ଛୋଟ ଥିଲା। କିନ୍ତୁ ଏତେ ଭଲପାଇବା ପାଇ ବହୁତ ଖୁସି ଲାଗିଲା। ମୁଁ ପୂର୍ବରୁ ଜାଣିଥିଲି ମୋତେ ଭଲପାଇବା ମିଳିବ। କିନ୍ତୁ ଏତେ ଶୀଘ୍ର ଏତେ ଅଧିକ ଭଲପାଇବା ମିଳିବା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା। ଆମେ ସମସ୍ତ ଭଲପାଇବା ନେଇ ଯାଉଛୁ ଏବଂ ଶୀଘ୍ର ଫେରିବୁ। ଆଶା କରୁଛି, ଗୋଟିଏ ଦିନ ଆମେ ଏଠାରେ ଖେଳ ଖେଳିପାରିବୁ। କିନ୍ତୁ ଆମେ ଭାରତ ଗସ୍ତ କରିବାକୁ ଫେରିବୁ।"



# ଚୀନକୁ ବଢ଼ିଲା ଭାରତର ରପ୍ତାନୀ

ନୂଆଦିଲ୍ଲୀ, ୧୭।୧୨: ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଦେଶ ଏହାର ରପ୍ତାନୀରେ ବିବିଧତା ଆଣିବାରେ ସଫଳ ହୋଇଛି। ସବୁଠାରୁ ବଡ଼ କଥା ହେଲା ଚୀନକୁ ଭାରତର ରପ୍ତାନୀ ବଢ଼ିଛି। ଚଳିତ ବର୍ଷ ଚୀନକୁ ଭାରତର ରପ୍ତାନି ବୃଦ୍ଧି ପାଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଅନୁଯାୟୀ, ଏପ୍ରିଲ-ନଭେମ୍ବର ୨୦୨୫ରେ ଚୀନକୁ ଭାରତର ରପ୍ତାନୀ ୩୨.୮୩% ବୃଦ୍ଧି ପାଇ ୧୨.୨୨ ବିଲିୟନ ଡଲାର ହୋଇଛି, ଯାହା ଗତ ବର୍ଷ ସମାନ ସମୟରେ ୯.୨୦ ବିଲିୟନ ଡଲାର ଥିଲା। ଏହି ବୃଦ୍ଧି ଭାରତର ଦୃଢ଼ ବାଣିଜ୍ୟ ଚାହିଦା ଏବଂ ଉନ୍ନତ ରପ୍ତାନି ପ୍ରଦର୍ଶନକୁ ସୂଚିତ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରପ୍ତାନି ଏପ୍ରିଲ ମାସରେ ୧.୩୯ ବିଲିୟନ ଡଲାରରୁ ଆରମ୍ଭ ହୋଇଥିଲା। ମେ ମାସରେ ଏହା ୧.୬୨ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ବର୍ଷର ମଧ୍ୟଭାଗରେ ଏହା ସାମାନ୍ୟ ହ୍ରାସ ପାଇଥିଲା,କିନ୍ତୁ ସେପ୍ଟେମ୍ବରରୁ ପୁଣି ବୃଦ୍ଧି ପାଇଥିଲା। ସେପ୍ଟେମ୍ବରରେ ଏହା ୧.୪୬ ବିଲିୟନ ଡଲାର,ଅକ୍ଟୋବରରେ ୧.୬୩ ବିଲିୟନ ଡଲାର ଏବଂ ନଭେମ୍ବରରେ ୨.୨୦ ବିଲିୟନ ଡଲାରରେ ପହଞ୍ଚିଥିଲା। ତୁଳନାତ୍ମକ ଭାବରେଦେଖିଲେ୨୦୨୪-୨୫ରେ ରପ୍ତାନୀ ବହୁତ ମନ୍ଥର ଥିଲା। ଏପ୍ରିଲରେ ଏହା ୧.୨୫ବିଲିୟନ ଡଲାରରୁ ଆରମ୍ଭ ହୋଇ ଅଗଷ୍ଟରେ ୦.୯୯ବିଲିୟନ ଡଲାରକୁ ହ୍ରାସ ପାଇଥିଲା। ତା'ପରେ ନଭେମ୍ବରରେ ଏହା ସାମାନ୍ୟ ପୁନରୁଦ୍ଧାର ହୋଇ ୧.୧୬ବିଲିୟନ ଡଲାରକୁ ପହଞ୍ଚିଥିଲା।

# ପିଏଫ୍ ଟଙ୍କା ଉଠାଇବା ହେବ ଆହୁରି ସହଜ

ନୂଆଦିଲ୍ଲୀ, ୧୭।୧୨: ଇପିଏଫ୍‌ଓ ସଦସ୍ୟଙ୍କ ପାଇଁ ଆସିଛି ବଡ଼ ଖବର। ଗୋଟିଏ କ୍ଲିକରେ ଉଠାଇବେ ଟଙ୍କା। ଏଟିଏମରୁ ପିଏଫ୍ ଟଙ୍କା ଉଠାଇ ହେବ। ସରକାରୀ ଅଫିସରେ ଚକ୍କର କାଟିବେନି ସଦସ୍ୟ। ଯଦି ଆପଣ ଜଣେ ଇପିଏଫଓ ସବସ୍କ୍ରାଇବର ତେବେ ଏହି ଖବର ଖାସ୍ ଆପଣଙ୍କ ପାଇଁ। ଇପିଏଫଓ ନିଜ ଗ୍ରାହକମାନଙ୍କ ପାଇଁ ଅନେକ ସୁବିଧା ଯୋଗାଇଥାଏ। କିନ୍ତୁ ଲୋକମାନେ ପ୍ରାୟତଃ ପିଏଫ୍ ଟଙ୍କା ଉଠାଇବା ସମୟରେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଲୋକମାନେ ନିଜ ଟଙ୍କା ଉଠାଇବା ପାଇଁ ଭିନ୍ନ ଭିନ୍ନ ଫର୍ମ ପୂରଣ କରନ୍ତି। ତେବେ ଖୁବଶୀଘ୍ର ଇପିଏଫଓ ନିଜ ଗ୍ରାହକଙ୍କ ପାଇଁ ଖାସ୍ ସୁବିଧା ଆଣିବାକୁ ଯାଉଛି। ଏବେ ଲୋକମାନେ କେବଳ ଗୋଟିଏ କ୍ଲିକ୍‌ରେ ସେମାନଙ୍କର ପିଏଫ୍ ପାଣ୍ଠି ଉଠାଇ ପାରିବେ।

କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ କହିଛନ୍ତି ଯେ ପିଏଫ୍ ଉଠାଣ ପ୍ରକ୍ରିୟା ଖୁବ୍ ଶୀଘ୍ର ସହଜ ହୋଇଯିବ। ମାର୍ଚ୍ଚ ୨୦୨୬ ସୁଦ୍ଧା ୟୁପିଆଇ ଏବଂ ଏଟିଏମ୍ ମାଧ୍ୟମରେ ପିଏଫ୍ ଆକାଉଣ୍ଟରୁ ସିଧାସଳଖ ଟଙ୍କା ଉଠାଇ ପାରିବେ ହୋଲ୍ଡର। ସରକାର ୟୁପିଆଇ ଏବଂ ଏଟିଏମ୍ ସହିତ ପିଏଫ୍ ଲିଙ୍କ୍ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମାର୍ଚ୍ଚ ପୂର୍ବରୁ କର୍ମଚାରୀମାନେ ସିଧାସଳଖ ଏଟିଏମ୍ ରୁ ପିଏଫ୍ ପାଣ୍ଠି ଉଠାଇ ପାରିବେ। ପିଏଫ୍ ଆକାଉଣ୍ଟଗୁଡ଼ିକୁ ବ୍ୟାଙ୍କ ଆକାଉଣ୍ଟ, ଆଧାର ଏବଂ ୟୁଏଏନ୍ ସହିତ ଲିଙ୍କ୍ କରାଯାଇଛି। ଏବେ ଇପିଏଫଓ ଉଠାଣ ଅପ୍ସନକୁ ଡେବିଟ୍ କାର୍ଡ ଏବଂ ଏଟିଏମ ସହିତ କନେକ୍ଟ କରାଯିବ, ଯାହା ଦ୍ୱାରା କର୍ମଚାରୀମାନେ ଆବଶ୍ୟକ ହେଲେ ଯେକୌଣସି ସମୟରେ ସେମାନଙ୍କର ପିଏଫ ପାଣ୍ଠିରୁ ୭୫% ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ। ଏଥିପାଇଁ ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି। ତେଣୁ ପିଏଫ ଆକାଉଣ୍ଟଧାରୀମାନେ ଏବେ କେବଳ ଗୋଟିଏ କ୍ଲିକରେ ଏହି ସୁବିଧା ପାଇପାରିବେ। ଏବେ ଆସନ୍ତୁ ବୁଝିବା ଏହା କିପରି ସମ୍ଭବ ହେବ।

ବର୍ତ୍ତମାନ ସୁଦ୍ଧା ପିଏଫ ଆକାଉଣ୍ଟଗୁଡ଼ିକୁ ୟୁପିଆଇ ସହିତ ଲିଙ୍କ୍ କରିବାର କୌଣସି ଅପ୍ସନ ନାହିଁ। ଯେତେବେଳେ ଇପିଏଫଓ ଏହି ସୁବିଧା ଆରମ୍ଭ କରିବ




ସେତେବେଳେ ଏକ ଅନଲାଇନ୍ ପ୍ରକ୍ରିୟା ଦିଆଯିବ। ଆଶା କରାଯାଉଛି ଯେ ଏହି ଫିଚର ଇପିଏଫଓ ମେମ୍ବର ପୋର୍ଟାଲ୍ ଏବଂ ଉମଙ୍ଗ ଆପ୍ ଉଭୟରେ ଉପଲବ୍ଧ ହେବ।

ପିଏଫ ଆକାଉଣ୍ଟକୁ ୟୁପିଆଇ ସହିତ ଲିଙ୍କ୍ କରିବା ପାଇଁ ୟୁଏଏନ (ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର) ଆକ୍ଟିଭ୍ ରହିବା ସବୁଠାରୁ ଜରୁରୀ। ଏହା ସହିତ ମେମ୍ବରଙ୍କ ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ପ୍ୟାନକୁ ୟୁଏଏନ ସହିତ ଲିଙ୍କ୍ କରାଯିବା ଆବଶ୍ୟକ। ମୋବାଇଲ୍ ନମ୍ବର ମଧ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରାଯିବା ଆବଶ୍ୟକ। କାରଣ ପୁରା ପ୍ରକ୍ରିୟା ଓଟିପି ଭେରିଫିକେସନ୍ ଉପରେ ଆଧାରିତ ହେବ।

ଇପିଏଫଓ ଏପର୍ଯ୍ୟନ୍ତ ପ୍ରକ୍ରିୟା ସମ୍ପର୍କରେ କୌଣସି ନିର୍ଦ୍ଦେଶାବଳୀ ଜାରି କରିନାହିଁ। କିନ୍ତୁ ଅନୁମାନ କରାଯାଉଛି ଯେ ମେମ୍ବରମାନଙ୍କୁ ଇପିଏଫଓ ପୋର୍ଟାଲ୍ କିମ୍ବା ଉମଙ୍ଗ ଆପ୍‌ରେ ଲଗ୍ ଇନ୍ କରିବାକୁ ପଡିବ। ସେଠାରେ ଏକ ନୂଆ ଅପ୍ସନ ଦେଖାଯିବ, ଯେପରିକି 'ୟୁପିଆଇ ସହିତ ପିଏଫ ଲିଙ୍କ୍ କରନ୍ତୁ' କିମ୍ବା ୟୁପିଆଇ ମାଧ୍ୟମରେ ପିଏଫ ଉଠାଣ'। ଏହି ଅପ୍ସନ ଉପରେ କ୍ଲିକ୍ କରିବା ପରେ, ମେମ୍ବରଙ୍କୁ ସେମାନଙ୍କର ୟୁପିଆଇ ଆଇଡି ଏଣ୍ଟର କରିବାକୁ ପଡିବ। ପରେ ଗୁଗୁଲ ପେ', ଫୋନପେ', ପେଟିଏମ, କିମ୍ବା ଭିମ୍ ଭଳି ୟୁପିଆଇ ଆପ୍‌ରେ ଏକ ନୋଟିଫିକେସନ୍ ଦେଖାଯିବ, ଯେଉଁଠାରେ ଆପଣଙ୍କୁ ପିଏଫ ଆକାଉଣ୍ଟ ଲିଙ୍କ୍ କରିବା ପାଇଁ ଅନୁମତି ଦେବାକୁ ପଡିବ। ଭେରିଫିକେସନ୍ ସରିବା ପରେ, ପିଏଫ ଆକାଉଣ୍ଟକୁ ୟୁପିଆଇ ସହିତ ଲିଙ୍କ୍ କରାଯିବ। ପରେ ୟୁପିଆଇ ମାଧ୍ୟମରେ ଏଟିଏମ ରୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯାଇ ପାରିବ। କିନ୍ତୁ ଇପିଏଫଓ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୁ ନିଶ୍ଚିତ କରିନାହିଁ। ସରକାର କହିଛନ୍ତି ଯେ ପିଏଫ-ୟୁପିଆଇ ଲିଙ୍କିଂ ହେଲେ ଇପିଏଫଓ ସଦସ୍ୟମାନେ ଆଶ୍ୱସ୍ତି ପାଇବେ। ଏହା ପିଏଫ ଟଙ୍କା ଉଠାଇବାକୁ ସହଜ କରିବ। ଏଥିପାଇଁ ଇପିଏଫଓ ସଦସ୍ୟମାନଙ୍କୁ ସେମାନଙ୍କର କେୱାଇସି ଅପଡେଟ୍ କରିବାକୁ ପଡିବ।

## କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁରର ବାର୍ଷିକ ଉତ୍ସବ



**ବୈଶିଙ୍ଗା,୧୭।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ବାର୍ଷିକ ଉତ୍ସବ ସମାରୋହ ନୂତନ ଉତ୍ସାହ ଏବଂ ଉଦ୍ଦୀପନା ର ସହିତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହୀଦ ମେମୋରିଆଲ ମହାବିଦ୍ୟାଳୟ, ମାଣିଦା ର ଅଧ୍ୟକ୍ଷ ଡ଼ଃ ଦିଲ୍ଲୀପ କୁମାର ଭୋଇ, ମୁଖ୍ୟ ବକ୍ତା ଭାବେ ବୈଶିଙ୍ଗା ବି. ଏଡ଼ ପ୍ରତିଷ୍ଠାନ ର ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର, ସି. ଆର. ସି. ସି ପ୍ରଦୀପ ମହାନ୍ତି ଯୋଗ ଦେଇ ମାନବିକ ମୂଲ୍ୟବୋଧ ର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିଶ୍ୱକଲ୍ୟାଣ ରେ ନିଜର ବଳିଷ୍ଠ ଯୋଗଦାନ ପାଇଁ ଛାତ୍ରଛାତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷକ ତୁଷାକାନ୍ତ ପାତ୍ର ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ, ଚନ୍ଦନ କୁମାର ଦାସ ଅତିଥି ପରିଚୟ ଓ ପ୍ରଭାତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ମାଟ୍ରିକ ଟପ୍ପର ଉଷଶୀ ଧଳ ଙ୍କୁ ଶ୍ରୀବିଦ୍ୟା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବଳିଷ୍ଠ ସହଯୋଗ ପାଇଁ ଉଦଳା ର ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ, ଶିଖରଖୁଣ୍ଟା ର ମା' ସରସ୍ୱତୀ ସ୍ୱୟଂ ସହାୟକ ଗ୍ରୁପ, ୱାର୍ଡ ସଭ୍ୟ ବିସିକେଶନ ଧଳ, ବୈଶିଙ୍ଗା ଆଇ. ଟି. ଆଇ ର ଅଧ୍ୟକ୍ଷ ରମାକାନ୍ତ ଜେନା, ହେମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଯାମିନୀକାନ୍ତ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଭ୍ୟ ସଭ୍ୟାଙ୍କୁ ପ୍ରଧାନଶିକ୍ଷକ କୃତଜ୍ଞତା ଜ୍ଞାପନ କରିଥିଲେ ।

# ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ହଡ଼ପ ଉଦ୍ୟମ



**ଉଚ୍ଚସ୍ତରୀୟ ତଦନ୍ତ ଦାବି**

**କଳାହାଣ୍ଡି, ୧୭।୧୨(ସଂଚାର ବ୍ୟୁରୋ):** ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବା ଡବଲ ଇଞ୍ଜିନର ବିଜେପି ସରକାର ସବୁବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ଗମନାଗମନ କୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଶିକ୍ଷାକୁ ମୁଖ୍ୟ ମୌଳିକ ଅଗ୍ରାଧିକାର ଦେଇଆସୁଛନ୍ତି। ବିଦ୍ୟାଳୟ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ସ୍କୁଲରେ ଛାତ୍ର ଛାତ୍ରୀ ଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମହିଳା ଏସଏସଜି ଗ୍ରୁପ ଓ ସ୍କୁଲ ର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଜରିଆରେ ପୁଷ୍ଟିକର ଖାଦ୍ୟ ଦିଆଯାଉଥିବା ବେଳେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରୁ ପ୍ରତ୍ୟେକ ଦିନ ଖର୍ଚ୍ଚ କରୁଛନ୍ତି କୋଟିକୋଟି ଟଙ୍କା। ଏଣିକି ଛାତ୍ର ଛାତ୍ରୀ ମାନଙ୍କୁ ପାଠପଢିବା ଦିନଠୁ ଖରାଛୁଟି ଯାଏଁ ମଧ୍ୟାହ୍ନ ଭୋଜନ ଯୋଗାଇ ଆସୁଛନ୍ତି ସରକାର। ପ୍ରାପ୍ତ ସୂଚନା ମୁତାବକ ଚଳିତ ବର୍ଷ ଥୁଆମୂଳ ରାମପୁର ବ୍ଲକ ର ସମସ୍ତ ସରକାରୀ ବିଦ୍ୟାଳୟ ଗୁଡ଼ିକ ଖରାଛୁଟି ଯୋଗୁଁ ବନ୍ଦ ରହିଥିଲା। ସ୍କୁଲମାନଙ୍କରେ ଖରା ଛୁଟି ଯୋଗୁଁ ଛାତ୍ର ଛାତ୍ରୀ ମାନେ ନିଜ ଘରେ ଆସି ରହିଥିଲେ।ଏଣିକି ଏପ୍ରିଲ ୭ ଦିନ ଓ ମେ ମାସର ୪ ଦିନ ସର୍ବମୋଟ ୧୧ ଦିନ ଛୁଟି ପଡ଼ିଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ଏହି ଛୁଟି ଦିନ ପାଇଁ ଶୁଖୁଲା ଖାଦ୍ୟ ଏବଂ କିଛି ଟଙ୍କା ବିଦ୍ୟାଳୟ ଗୁଡ଼ିକ ପକ୍ଷରୁ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ସରକାରୀ ନିୟମକୁ ମାନି ନାହାନ୍ତି ଖୁଦ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ। ଶିଶୁ ବାଟିକା ଠାରୁ ଆରମ୍ଭକରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଶହେ ୧୮ ଟଙ୍କା ୫୨ପଇସା ଦେବା ସହ ଚାଉଳ ୧ କିଲୋ ୧୦୦ ଗ୍ରାମ୍। ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶହେ ୫୫ ଟଙ୍କା ୯୮ ପଇସା ଓ ଚାଉଳ ୧ କିଲୋ ୬ ଶହ ଓ ୫୦ ଗ୍ରାମ୍। ଠିକ ସେହି ପରି ନବମ ଓ ଦଶମ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶହେ ୫୫ ଟଙ୍କା ୯୮ ପଇସା ଓ ଚାଉଳ ୨ କିଲୋ ୨ ଶହ ଗ୍ରାମ୍ ଭାବରେ ଖରା ଛୁଟି ରେ ବିଦ୍ୟାଳୟ ରୁ ଘରକୁ ଆସିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଏହି ସବୁ ଧାର୍ଯ୍ୟ ଅନୁସାରେ ବିଦ୍ୟାଳୟ ପକ୍ଷରୁ ଯୋଗାଇ ଦେବା ପାଇଁ କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ବିଜ୍ଞପ୍ତି ଯାରି କରା ଯାଇଥିବା ବେଳେ ଆଜି ସୁଦ୍ଧା ଥୁଆ ମୂଳ ରାମପୁର ବ୍ଲକ ର ଅଧିକାଂଶ ସ୍କୁଲ ରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ଏସବୁ ପାଇଁ ବାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି।

## ବିଦ୍ୟାଳୟର ନୂତନ ଗୃହ ଉଦଘାଟନ କଲେ ବିଧାୟକ



**କଣାସ,୧୭।୧୨(ସଂଚାର ବ୍ୟୁରୋ):** କଣାସ ବ୍ଲକ ଅନ୍ତର୍ଗତ ବିନ୍ଧଣ ଗ୍ରାମପଞ୍ଚାତର ବିନ୍ଧଣ ନନ୍ଦିଗଦା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀ କକ୍ଷ ଉଦଘାଟିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମୂଖ୍ୟ ଅତିଥୀଭାବେ ଯୋଗଦେଇ ଗୃହ ପ୍ରବେଶ ଶୁଭଆରମ୍ଭ କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, ବିନ୍ଧଣ ପୂର୍ବତନ ସରପଞ୍ଚ ଧବଳେଶ୍ୱର ନାୟକ, ବିଜିପୁର ସରପଞ୍ଚ, ପ୍ରଧାନ ଶିକ୍ଷୟତ୍ରୀ ମନୁ କୁମାରୀ ମଲ୍ଲିକ ସମେତ ବିଦ୍ୟାଳୟର ପରିଚାଳନା ସମିତି, ଶିକ୍ଷକ ଓ ଶିକ୍ଷୟତ୍ର, ଅଭିଭାବକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଧାୟକ ଶ୍ରୀମିଶ୍ର ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ପଞ୍ଚାୟତ ସମିତି ସମ୍ମୁଖରେ ବିଜେଡି ପକ୍ଷରୁ ଗଣବିକ୍ଷୋଭ



**କଣାସ,୧୭।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଂଯୋଜନାରେ ଆଜି କଣାସ ପଞ୍ଚାୟତ ସମ୍ମୁଖରେ ବିଜେଡି ଦଳର ଜନ ପ୍ରତିନିଧି ଓ କର୍ମୀମାନେ ଗଣ ବିକ୍ଷୋବ ଓ ପ୍ରତିବାଦ ସଭା କରିଥିବା ଦେଖିବାକୁ ମିଳିଥିଲା। ଦୋକନ୍ଦା ମେଳଣ ପଡ଼ିଆ ଠାରୁ ଏକ ଶୋଭାଯାତ୍ରା ବାହାରି କଣାସ ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ ଦେଇ ପଞ୍ଚାୟତ ସମିତି ସମ୍ମୁଖରେ ପହଁଚି ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଏହି ସଭାରେ ବ୍ଲକ ବିଜେଡି ସଭାପତି ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ବିକ୍ଷୋଭରେ ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ବଡାଲ ଧନେଶ୍ୱର ଲେଙ୍କା, ଦେଇପୁର ସମିତି ସଭ୍ୟ କେତେକ ଲୋକପ୍ରତିନିଧି ଓ ଆଗ ଧାଡିର କର୍ମୀମାନେ ଯୋଗଦେଇ ବର୍ତ୍ତମାନର ସରକାର ପୂର୍ବସରକାରଙ୍କ ଯୋଜନା ଉପରେ ରଙ୍ଗ ବୋଳି କାର୍ଯ୍ୟ କରୁଥିବା କଣାସ ବ୍ଲକର ସରକାରୀ କର୍ମଚାରୀମାନେ ସରକାରଙ୍କ କର୍ମୀମାନଙ୍କୁ ଶୁଭ ଦୃଷ୍ଟିରେ ଦେଖୁଥିବାବେଳେ ବିଜେଡି କର୍ମୀ ଓ ଲୋକପ୍ରତିନିଧିମାନଙ୍କ କାର୍ଯ୍ୟ କରୁନଥିବା ଏବଂ ବିଜେଡି କର୍ମୀମାନଙ୍କୁ ନୂତନ କାର୍ଯ୍ୟାଦେଶ ଦେଉନଥିବା ବିଜେଡି କର୍ମୀମାନେ ପୂର୍ବରୁ ଯେଉଁ କାର୍ଯ୍ୟାଦେଶ ନେଇ କାର୍ଯ୍ୟ କରିଥିଲେ ସେମାନଙ୍କର ପ୍ରାପ୍ୟ ବିଭିନ୍ନ ଆଳ ଦେଖାଇ ସରକାରୀ କର୍ମଚାରୀମାନେ ଦେଉନଥିବା ଅଭିଯୋଗମାନ ପ୍ରତିବାଦ ସଭାରେ ଲୋକପ୍ରତିନିଧିମାନେ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟଅଳୟରେ ଉପସ୍ଥିତ ଥିବା ଉପ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏସଡିପ୍ପିସ ପିପିଲି ଦେବାଶିଷ ମିଶ୍ର, କଣାସ ଥାନା ଆଧିକାରୀ ପ୍ରଶନ୍ନ କୁମାର ନାୟକ, ଡେଲାଙ୍ଗ ଥାନା ଅଧିକାରୀ ଓ ପୁଲିସଫୋର୍ସ ଉପସ୍ଥିତ ରହିଥିଲେ।

● ପ୍ରତିଭାର ଉନ୍ମୋଚନ ହୋଇପାରିଲେ, ଭବିଷ୍ୟତ ଭଲ ମଣିଷ ହେବ

## ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ



**କାକଟପୁର/ଅସ୍ତରଙ୍ଗ, ୧୭।୧୨(ସଂଚାର ବ୍ୟୁରୋ):** ଓଷ୍ଟା ରାଜ୍ୟ ଶାଖାର ପରାମର୍ଶ କ୍ରମେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶାଖା ପକ୍ଷରୁ ୪୨ତମ ବ୍ଲକସ୍ତରୀୟ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମ 'ଶିଶୁ ମହୋତ୍ସବ 'ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଷ୍ଟା ର ଅସ୍ତରଙ୍ଗ ବ୍ଲକ ସଭାପତି ଶ୍ରୀଯୁକ୍ତ ପ୍ରିୟବ୍ରତ ପରିଡ଼ା ଙ୍କ ଅଧକ୍ଷତା କରିଥିବା ବେଳେ ଉଦ୍‌ଘାଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ ବିଭୁ ଦତ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ତରୁଣ କୁମାର ନାୟକ ଯୋଗଦେଇ ସୁସ୍ଥ ଓ ଉନ୍ନତ ସମାଜ ଗଠନ ନିମନ୍ତେ ସମର୍ପିତ ଭାବ ରଖୀ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ସଂମ୍ମାନିତ ଅତିଥି ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ଛାଟୋଇ, ଓଷ୍ଟା ବ୍ଲକ ସମ୍ପାଦକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଦାସ, ବିନାୟକ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ବେହେରା, ଓଷ୍ଟା କାକଟପୁର ବ୍ଲକ ସମ୍ପାଦକ ଗୋପାଳ କୃଷ୍ଣ ବାରିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ର, ଛାତ୍ରୀ ମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ଉନ୍ମୋଚନ ହୋଇ ପାରିଲେ, ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ସାଧନ ସଂଯୋଜକ ଗଣେଶ ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେଶବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ବିଜେପି ପ୍ରତିନିଧି



**କଳାହାଣ୍ଡି,୧୭।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଙ୍କ ନେତୃତ୍ୱ ରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ରମେଶ ମାଝୀ, ଜିଲ୍ଲା ଉପ ସଭାପତି ମୁକେଶ ଅଗ୍ରୱାଲ, ଜୟ ଶଙ୍କର ନାଏକ ପ୍ରମୁଖ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି କଳାହାଣ୍ଡି ଚାଷୀ ମାନଙ୍କ ସମସ୍ୟା କୁ ନେଇ ଜିଲ୍ଲାପାଳ ଙ୍କ ସହ ବିଶେଷ ଆଲୋଚନା କରିଛନ୍ତି, ଜିଲ୍ଲା ରେ ୭୦ ଭାଗରୁ ଉର୍ଦ୍ଧ୍ୱ ଧାନ ଅମଳ ହୋଇସାରିଛି ଓ ଚାଷୀ ଙ୍କ କଷ୍ଟ ଉପାର୍ଜିତ ଧାନ କୁ ମଣ୍ଡି ମାନଙ୍କ ରେ ସୂଚାରୁ ରୂପେ ବିକ୍ରି କରିପାରିବେ ତାକୁ ଗୁରୁତ୍ୱ ଦେବା ସହ ଚାଷୀ ଯେମିତି ହଇରାଣ ନ ହେବେ ସେ ଦିଗକୁ ବିଶେଷ ଭାବରେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଛନ୍ତି ଜିଲ୍ଲା ସଭାପତି, ସରକାର ଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ଚାଷୀ ଙ୍କୁ ଟୋକନ ପ୍ରଦାନ, ଓ ଠିକ୍ ସମୟରେ ଧାନ ଉଠାଇବା ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା କୁ ଜୋର୍ ଦେବା ପାଇଁ ବିଧାୟକ ଧର୍ମଗଡ଼ ନିଜ ମତ ରଖିଥିଲେ, ଜିଲ୍ଲାପାଳ ସମସ୍ତ ବିଷୟକୁ ଗୁରୁତ୍ୱ ଦେବା ସହ ଚାଷୀ ମାନଙ୍କ ସମସ୍ୟା ର ତୁରନ୍ତ ସମାଧାନ ପାଇଁ ଓ ଯଥା ଶୀଘ୍ର ଜିଲ୍ଲା ର ସମସ୍ତ ମଣ୍ଡି ଚାଲୁ କରିବା ସହ ଟୋକନ ସମସ୍ୟା ର ବି ସମାଧାନ ନିମନ୍ତେ ଆଶ୍ୱାସନା ଦେଇଛନ୍ତି, ଜିଲ୍ଲା ସଭାପତି ଓ ନେତୃମଣ୍ଡଳୀ ଙ୍କ ଏହି ସାକ୍ଷାତକାର ଆମ ଚାଷୀ ମାନଙ୍କ ହିତ ପାଇଁ ଓ ଭାରତୀୟ ଜନତା ପାର୍ଟି ସବୁ ସମୟରେ ଚାଷୀ ଙ୍କ ସହ ଛିଡ଼ା ହୋଇଛି ବୋଲି ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି।

# ସ୍ୱରରେ ସ୍ୱରରେ ହ୍ୟୁମାନ୍ ସାଗର କାର୍ଯ୍ୟକ୍ରମ



**ସାଲେପୁର, ୧୭।୧୨(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ସାଲେପୁର କଳାକାର ଏକତା ମଞ୍ଚ ପକ୍ଷରୁ ସ୍ୱରରେ ସ୍ୱରରେ ହ୍ୟୁମାନ୍ ସାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ଅଞ୍ଚଳର ବହୁ କଳାକାର ହ୍ୟୁମାନ୍ ସାଗରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରୋଧପୁର ଶାରଳା ମଣ୍ଡପ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପହଞ୍ଚିଥିଲେ। ଏହି ଅବସରରେ ଓଡ଼ିଶାର ବହୁ ସୁନାମଧନ୍ୟ କଳାକାର, ସଙ୍ଗୀତ ନିର୍ଦ୍ଦେଶକମାନେ ଯୋଗଦେଇ ହ୍ୟୁମାନ୍ ସାଗରଙ୍କ ସ୍ମୃତିଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ହ୍ୟୁମାନ୍ ସାଗର ଗାଇଥିବା ବିଭିନ୍ନ ସଙ୍ଗୀତକୁ ଉପସ୍ଥିତ କଳାଗାରମାନେ ଗାନ କରି ହ୍ୟୁମାନ୍‌ଙ୍କୁ ମନେପକାଇଥିଲେ। ବିଶେଷ କରି ମା' ତୋ ବିନା ମୁଁ ରହିପାରିବି ନାହିଁ ଗୀତଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କ ସ୍ମୃତିରେ କଳାକାରମାନେ ଗାନ କରିଥିଲେ। ଏଥିରେ ଓଡ଼ିଶାର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, କୃଷ୍ଣ ଚନ୍ଦ୍ର, ଜେ.ଏନ୍. ପଦ୍ମ, ଅନ୍ତରା ଚକ୍ରବର୍ତ୍ତୀ, ଏସ୍.ଜିତୁ, ଅଭିନ୍ନ ସୁନ୍ଦର, ତ୍ରିଷା, ଅଭିନେତା ମିଟୁ ମିଥୁନ୍, କଳାକାର ଲୁବୁନ୍ ଟୁବୁନ୍, ରାଜ ରକ୍, ବାବୁ ବାବୁ, ରୁଦ୍ରପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଶା ମାଟି ଏଭଳି ଆଉ କଣ୍ଠଶିଳ୍ପୀ ପାଇବା କଷ୍ଟକର ବୋଲି ପ୍ରକାଶ କରିଥିଲେ।

## ବାରିପଦା ଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ଜୟନ୍ତୀ ପାଳିତ



**ବାରିପଦା,୧୭।୧୨(ସଂଚାର ବ୍ୟୁରୋ):** ଭଞ୍ଜ ମାଟିର ସୁବର୍ଣ୍ଣ ଯୁଗର ପ୍ରବର୍ତ୍ତକ ତଥା ନବ ଉତ୍କଳ ନିର୍ମାତାର ଅନ୍ୟତମ ବିନ୍ଧାଣୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ପବିତ୍ର ଜନ୍ମ ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ମହାସମାରୋହରେ ପାଳିତ ହୋଇ ଯାଇଛି। ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନ ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର ମିଳିତ ସହଯୋଗରେ ଏହି ଦିବସ ଆୟୋଜିତ ହୋଇଥିଲା। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ଶ୍ରୀମତୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ପଦ୍ମଶ୍ରୀ ଡ଼. ଦମୟନ୍ତୀ ବେଶ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଉପନଗରପାଳିକା ସୀମା ଦାସ, ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ବୃନ୍ଦ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ୍, ସମାଜ ସେବୀ ଶରତ ଚନ୍ଦ୍ର ନାୟକ, ବିରଜା ଦେବୀ, ପ୍ରତିଶ୍ରୁତି ସାହିତ୍ୟ ପତ୍ରିକାର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା, ବିଭିନ୍ନ ୱାର୍ଡର କାଉନସିଲର ବୃନ୍ଦ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ମହାରାଜା ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଜୟପୁର ସହରରେ ଚାୟ ପେ ଚର୍ଚ୍ଚା

**ଜୟପୁର,୧୭।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରରୁ ଜୟପୁର ବିମାନବନ୍ଦରରେ ଆସିବା ପରେ ଆଜି ସକାଳୁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜୟପୁର ସହରର ଗୌଡସାହି ନିକଟରେ ଥିବା ଏକ ଚାହା ଦୋକାନରେ ବସି ଚାୟ ପେ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳିଥିଲା। ଶିତୁଆ ସକାଳରେ ସମସ୍ତେ ଚା ପିଇବା ପାଇ ଦୋକାନ ପାଖରେ ରୁଣ୍ଡ ହୋଇଥିବା ଦେଖି ମନ୍ତ୍ରୀ ମଧ୍ୟ ତାଙ୍କ ଗାଡିକୁ ଅଟକାଇଦେଇଥିଲେ। ସେଠାରେ ଥିବା ଜୟପୁର ବାସୀଙ୍କ ସୁଃଖଦୁଃଖ କଥା ବୁଝିଥିଲେ। ସେତିକି ବେଳେ ବିଜେପି କର୍ମୀମାନେ ଆସି ମନ୍ତ୍ରୀଙ୍କ ସହ କଥାହେବା ପରେ ମନ୍ତ୍ରୀ ସହରର ସମସ୍ୟା ଏବଂ ଶିକ୍ଷା ବ୍ୟବସ୍ଥା ବିଷୟରେ କର୍ମୀଙ୍କୁ ପଚାରି ବୁଝିଥିଲେ। ସେଠାରେ ଥିବା ଏକ ହୋଟେଲରେ ମଧ୍ୟ ଜଳଖିଆ ଖାଇ ନବରଙ୍ଗପୁର ଅଭିମୁଖେ ବାହାରିଥିଲେ। ସେ କହିଥିଲେ ମୁଁ ଜଣେ ସାଧାରଣ ପରିବାରରୁ ଆସିଛି। ଲୋକଙ୍କ ସାଙ୍ଗରେ ରହିଛି ବଢ଼ିଛି ତେଣୁ ମୁଁ ଆଜି ମନ୍ତ୍ରୀ ହେବା ପରେ ମଧ୍ୟ କାହାରିକୁ ଅଣଦେଖା କରେ ନାହିଁ। ସାଧାରଣ ଲୋକ ଭାବେ ଆଜି ମୁଁ ଆଜି ଏହି ଚାହା ଦୋକାନକୁ ଆସିଛି। ସମସ୍ତଙ୍କ ସୁଖ ଦୁଃଖ ବୁଝିଛି। ଦିନେ ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ଏହିପରି ଚାହା ଦୋକାନରୁ ତାଙ୍କର ଜୀବନି ଆରମ୍ଭ କରିଥିଲେ। ତେଣୁ ଲୋକଙ୍କ ସହ ମିଶିଲେ ଲୋକଙ୍କ ଆଶିର୍ବାଦ ମିଳୁଛି। ପୁରୁଣା କଥା ଭୁଲିଲେ ହେବ ନାହିଁ।

## ମୁନିଲାଲ ହାଇସ୍କୁଲର ବାର୍ଷିକ ଉତ୍ସବ



**ବୈଶିଙ୍ଗା,୧୭।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କୁମାର କର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ପୁରୁଷୋତ୍ତମ ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମୁର୍ମୁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଯୁଧିଷ୍ଠିର ସାହୁ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମୁର୍ମୁ। ଶିକ୍ଷାର ମାନ ବୃଦ୍ଧି ପାଇଁ ଶିକ୍ଷକ/ଶିକ୍ଷିକା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ କର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ରବିନ୍ଦ୍ର କୁମାର ପରିଡ଼ା। ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ ଉତ୍ସବ



**ଧାମନଗର,୧୭।୧୨(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଆଜି ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ଭୀମସେନ ହୋ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଆରମ୍ଭ କରିଥିଲେ। ଏଥିରେ ଅନ୍ୟତମ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗ ଦେଇ ବିଦ୍ୟାଳୟର ଉନ୍ନତି, ପାଠ ପଢିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଅଭିଭାଷଣ ତଥା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ସରକାରଙ୍କର ଲକ୍ଷ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ତଥ୍ୟ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ପରିପେକ୍ଷୀରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ, ଜୋତା, ଟି -ଶାର୍ଟ, ଟୋପି ପ୍ରଦାନ କରାଯାଇଥିଲା।

## ପାଞ୍ଚ ବର୍ଷ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ସମ୍ପର୍କୀୟ ଅଜା ଗିରଫ

**ବାରିପଦା,୧୭।୧୨(ସଂଚାର ବ୍ୟୁରୋ):** ବାରିପଦାରେ ଲଜ୍ୟା। ଜଣେ ପାଞ୍ଚ ବର୍ଷ ର ନାବାଳିକା କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକକୁ ପୋଲିସ ଗିରଫ କରିଅଛି। ଏହିଭଳି ଏକ ଘଟଣା ଘଟିଅଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଢେଙ୍କିନାଞ୍ଜିଆ ଗ୍ରାମରେ। ଚଳିତ ଡିସେମ୍ବର ୧୫ ତାରିଖ ତଥା ସୋମବାର ସନ୍ଧ୍ୟା ସମୟରେ ନାବାଳିକା ଜଣକ ଘର ସମ୍ମୁଖରେ ଖେଳୁଥିବା ସମୟରେ ସମ୍ପର୍କୀୟ ଅଜା ଦିଲୀପ ହେମ୍ବ୍ରମ (୨୪) ତାକୁ ଚକଲେଟ ଦେବ ବୋଲି କହି ପଛପଟ ରେ ଥିବା ଏକ ବାଉଁଶ ବୁଦା ମୂଳକୁ ନେଇ ତା ସହିତ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏହି ସମୟରେ ନାବାଳିକା ଜଣକ କାନ୍ଦିବାରୁ ଗ୍ରାମବାସୀ ଜାଣିପାରି ତାକୁ ସେଠାରୁ ଉଦ୍ଧାର କରିଥିଲେ। ମାତ୍ର ଅଭିଯୁକ୍ତ ଦିଲୀପ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏ ବାବଦରେ ନାବାଳିକା ର ମା ଙ୍କ ଥାନାରେ ଅଭିଯୋଗକ୍ରମେ କେସ ନମ୍ବର ୨୫୭/୨୫ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦିଲୀପ ହେମ୍ବ୍ରମ କୁ ପୋଲିସ ଗିରଫ କରିଅଛି। ଘଟଣା ବାବଦରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଅଛି।

## ଧର୍ମପରାୟଣ ମହିଳାଙ୍କର ଦେହାନ୍ତ

**ଭଦ୍ରକ,୧୭।୧୨(ସଂଚାର ବ୍ୟୁରୋ):** ଭଦ୍ରକ ସ୍ଥାନୀୟ କୁଆଁସ ନିବାସୀ ସ୍ୱର୍ଗତ ମହେନ୍ଦ୍ର ପଣ୍ଡାଙ୍କର ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କର ଆଜି ଦେହାନ୍ତ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ।

ତାଙ୍କର ଦେହାନ୍ତରେ ରାଜଘାଟ କୁଆଁସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଅନେକ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ସେ ଜଣେ ଶାନ୍ତ ନମ୍ର ସରଳ ମହିଳା ଭାବରେ ବେଶ ପରିଚିତ ଥିଲେ। ତାଙ୍କର ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଯାଇଛି। ତାଙ୍କର ଶେଷ ଦର୍ଶନ ନିମନ୍ତେ ସ୍ଥାନୀୟ କାଉନସିଲ ଆଶିଷ ଅମିତାଭ ମହାପାତ୍ର ଏବଂ ପୂର୍ବତନ କାଉନସିଲ ଲାବୁ ପାଲଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ତେବେ ମୃତ୍ୟୁ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସହର ମଧ୍ୟରୁ କାରାଗାର ସ୍ଥାନାନ୍ତର ପାଇଁ ଦାବି

**ମାଲକାନଗିରି,୧୭।୧୨(ସଂଚାର ବ୍ୟୁରୋ):** ସହର ମଧ୍ୟରୁ ସ୍ଥାନାନ୍ତର କର କାରାଗାର। ଏପରି ଦାବି ଉଠିଛି ମାଲକାନଗିରି ଜିଲ୍ଲାରୁ। ମାଲକାନଗିରି ଜେଲ କର୍ତ୍ତୃପକ୍ଷ ଜେଲ ପାଖ ଆଖରେ ଥିବା ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ଲାଗି ପୌର ପରିଷଦକୁ ପତ୍ର ଲେଖିବା ପରେ ଜନବସତି ପୂର୍ଣ୍ଣ ଅଞ୍ଚଳରୁ ଜେଲକୁ ସ୍ଥାନାନ୍ତର କରିବା ଦାବି କରିଛନ୍ତି ମାଲକାନଗିରି ସହର ବାସିନ୍ଦା।ମାଲକାନଗିରି ସହରର ୩ ନଂ ୱାର୍ଡରେ ରହିଛି ଜିଲ୍ଲା କାରାଗାର। ରାଜ୍ୟର ବିଭିନ୍ନ ଜେଲରୁ କଏଦୀ ଚମ୍ପଟ ମାରିବା ଘଟଣା ପରେ ସାରା ରାଜ୍ୟରେ ଜେଲ ସୁରକ୍ଷା ଚିନ୍ତା ବଢ଼ିଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲା କାରାଗାର ପକ୍ଷରୁ ମଧ୍ୟ ଜେଲ ଚାରି ପଟେ ଥିବା ଘର ଦ୍ୱାରକୁ ଉଚ୍ଛେଦ କରିବା ଲାଗି ପୌର ପରିଷଦ କୁ ଚିଠି ଲେଖିଛନ୍ତି ଜେଲ ଅଧିକ୍ଷକ। ଏହି ପତ୍ର ପରେ ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ କୁମ୍ଭାର ସାହି ଓ ଜେଲ ଲାଇନ୍ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ମାଲକାନଗିରି ପୌରାଧ୍ୟକ୍ଷ, କଂଗ୍ରେସ ନେତୃବୃନ୍ଦ ଓ ୩ ନଂ ୱାର୍ଡ ବାସିନ୍ଦାଙ୍କ ସମେତ ସହରର ଶତାଧିକ ଲୋକେ ତଥା ଦଳମତ ନିର୍ବିଶେଷରେ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା କାରାଗାରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ଲାଗି ଦାବି କରିଛନ୍ତି ମାଲକାନଗିରି ସହର ବାସିନ୍ଦା।

## ଆବାସିକ ବିଦ୍ୟାଳୟ ପରିସରରେ ଅଘଟଣ, ସୂଚନାଫଳକ ପଡ଼ି ଜଣେ ଛାତ୍ର ମୃତ

**ଜୟପୁର,୧୭।୧୨(ସଂଚାର ବ୍ୟୁରୋ):** ଆବାସିକ ବିଦ୍ୟାଳୟ ପରିସରରେ ଅଘଟଣ। ଜଣେ ତୃତୀୟ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଗୁରୁତର ଆହତ। ଏପରି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ସରକାରୀ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ଗାନ୍ଧୀନଗର ଠାରେ ଜଣେ ଛାତ୍ରଙ୍କ ମୃତ୍ୟୁ। ସୂଚନା ଅନୁଯାଇ ବିଦ୍ୟାଳୟର ସୂଚନାଫଳକ ପଡ଼ି ଜଣେ ତୃତୀୟ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ, ଆଉ ଦୁଇ ଜଣ ଛାତ୍ର ଗୁରୁତର ଆହତ ହୋଇ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।। ମୃତକ ଛାତ୍ର ଗୁମୁଡା ପଞ୍ଚାୟତ ସୁଉନିଗୁଡା ଗ୍ରାମର ପ୍ରେମାନନ୍ଦ ଭତ୍ରା ବୋଲି ଜଣାପଡ଼ିଛି, ବିଦ୍ୟାଳୟର ଶିକ୍ଷକଙ୍କ ସୂଚନା ଅନୁଯାଇ ଛାତ୍ରଟି ବ୍ରସ୍ କରୁଥିବା ସମୟରେ ଦୁଇ ଛାତ୍ରଙ୍କ ଉପରେ ସୂଚନା ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଗୁରୁତର ଛାତ୍ର ଜୟପୁର ମେଡିକାଲକୁ ସ୍ଥାନାନ୍ତର।। ଘଟଣା ଘଟିବା ପରେ ବିକ୍ଷୋଭ ପ୍ରାଦର୍ଶନ କରଯାଇଛି।




# ବାତ, ପିତ୍ତ, କଫ ଦୂର କରେ ଭସ୍ତ୍ରିକା ପ୍ରାଣାୟମ୍

ଭସ୍ତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସ୍‌ଫୁସ୍‌ରେ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ୍ୟ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସ୍‌ଫୁସ୍‌ର ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗୁ ଗୁରୁ ଗଣେଶ୍ୱର ଗୋଚ୍ଛିକାର କହନ୍ତି।

- ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ୍ୟ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।
- ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହ ଢ଼ିଲା କରନ୍ତୁ
- ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋର୍‌ରେ ନାକବାଟେ ଛାଡ଼ନ୍ତୁ
- ତା'ପରେ ସଙ୍ଗେ ସଙ୍ଗେ ଜୋର୍‌ରେ ନିଶ୍ୱାସ ନିଅନ୍ତୁ
- ନିଶ୍ୱାସ ନେଲାବେଳେ ମଧ୍ୟଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ
- ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ
- ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ
- ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ
- ପ୍ରଥମେ ବାମ ନାସାରନ୍ଧ୍ରକୁ ବୁଢ଼ା ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ
- ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋର୍‌ରେ ଛାଡ଼ନ୍ତୁ
- ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋର୍‌ରେ ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।

**ସାବଧାନତା:** ଅଚେତ ହେଲା ଭଳି ଅନୁଭବ କଲେ, ଖୁବ୍ ଝାଳ ବାହାରିଲେ କିମ୍ବା ବାନ୍ତି ହେଲେ ଭଳି ଲାଗିଲେ ଜଣାଯିବ ଯେ ଅଭ୍ୟାସ ଠିକ୍ ହେଉନାହିଁ। ଅତ୍ୟଧିକ ଜୋର୍‌ରେ ନିଶ୍ୱାସ ନେବ ନାହିଁ। ମୁଖ ବିକୃତ ବା ଅତ୍ୟଧିକ ଦେହ ଥରିବା ଇତ୍ୟାଦି ଯେପରି ନ ହୁଏ। ଏପରି କିଛି ଲକ୍ଷଣ ଦେଖାଗଲେ ଯୋଗ ଶିକ୍ଷକଙ୍କ ପରାମର୍ଶ ନିଅନ୍ତୁ। ଏହି ପ୍ରାଣାୟମ୍‌ଦ୍ୱାରା ରକ୍ତ ଶୁଦ୍ଧ ହୁଏ ଓ ମୁଖ ଉଜ୍ଜଳ ଦେଖାଯାଏ। ଭସ୍ତ୍ରିକା ଗୋଟିଏ ଅତି ଗତିଶୀଳ ଅଭ୍ୟାସ ଯେଉଁଥିରେ ବେଶ୍ ଦୈହିକ ଶକ୍ତି ଖର୍ଚ୍ଚ ହୁଏ।

**ବିପରୀତ ସୂଚନା:** ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ହାର୍‌ନିଆ, ଅପସ୍ମାର ବା ମୁଣ୍ଡ ଘୂରାରେ ଆକ୍ରାନ୍ତ ଥିଲେ ଏହି ଅଭ୍ୟାସ କରିବେ ନାହିଁ। ଶ୍ୱାସ ରୋଗ ଭଳି ଫୁସ୍‌ଫୁସ୍‌ର ରୋଗ, ବହୁକାଳିନ ବ୍ରୋଙ୍କାଇଟିସ୍ କିମ୍ବା ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶରେ ଏହି ଅଭ୍ୟାସ କରିବେ।



# ଖୁବ ସହଜ ଉପାୟରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଉତ୍ତପମ୍

ପ୍ରବଳ ଥଣ୍ଡା ପଡ଼ିଛି। ଏହି ଥଣ୍ଡା ପାଗରେ ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

**ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ**

ସିଝା ଆଳୁ - ୪-୫ଟି, ପିଆଜ - ୧, କୋରା ହୋଇଥିବା ପନିର – ୨ରୁ ୩ ଚାମଚ, ମଇଦା - ୧ ଚାମଚ, ଚୁଡ଼ା - ୧ ଚାମଚ, ଅଦା-ରସୁଣ ପେଷ୍ଟ - ୧ ଚାମଚ, ସୋରିଷ - ୧/୨ ଚାମଚ, ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ, କଟା ଧନିଆ ପତ୍ର - ୨ ଚାମଚ, ତେଲ - ୨ ଚାମଚ, ଲୁଣ - ସ୍ୱାଦ ଅନୁସାରେ

ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।






# ଶୀତ ଦିନରେ ବଢ଼େ ଆଣ୍ଠୁଗଣ୍ଠି ସମସ୍ୟା

ଥଣ୍ଡା ପାଗର ସିଧାସଳଖ ପ୍ରଭାବ ମସ୍କୁଲୋସ୍କେଲିଟାଲ ସିଷ୍ଟମ ଉପରେ ପଡ଼ିଥାଏ। ତାପମାତ୍ରା ହ୍ରାସ ପାଇବା ସହିତ ଆମର ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ରକ୍ତ ପ୍ରବାହ ନିର୍ଦ୍ଦେଶିତ କରି ତାପ ସଂରକ୍ଷଣ କରିବାକୁ ଚେଷ୍ଟା କରେ, ଯାହା ଫଳରେ ହାତ, ଆଣ୍ଠୁ ଓ ପାଦ ଭଳି ପ୍ରତ୍ୟଙ୍ଗରେ ରକ୍ତ ସଞ୍ଚାଳନ ହ୍ରାସ ପାଇଥାଏ। ହ୍ରାସ ପ୍ରାପ୍ତ ରକ୍ତ ପ୍ରବାହ ସନ୍ଧି କଠିନତା, ମାଂସପେଶୀ କଠିନତା ଏବଂ ହାଡ଼ ଯନ୍ତ୍ରଣାର କାରଣ ହୋଇଥାଏ।

ଶୀତ ଦିନରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଅଣ୍ଟା ଓ ପିଠି ବାତ ରୋଗ, ସକାଳ ସମୟରେ ପାଦ ଓ ଆଣ୍ଠୁ ଯନ୍ତ୍ରଣା ବଢ଼ିବା, କାନ୍ଧ ସନ୍ଧି ଚାରିପାଖରେ ମାଂସପେଶୀ ସଙ୍କୋଚନ, ବୟସ୍କ ବ୍ୟକ୍ତିଙ୍କ ହାଡ଼ର ଘନତ୍ୱ ଓ ମାଂସପେଶୀର ନମନୀୟତା ହ୍ରାସ ଭଳି ସମସ୍ୟା ଅଧିକ ଦେଖାଯାଏ। ହାଲୁକା ଷ୍ଟ୍ରେଚିଂ କିମ୍ବା ଯୋଗାଭ୍ୟାସ କରିବା, ନିଜକୁ ଉଷ୍ମ ରଖିବା, ମଜବୁତ ହାଡ଼ ପାଇଁ କ୍ୟାଲସିଅମ, ଭିଟାମିନ ଡି ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଏବଂ ପର୍ଯ୍ୟାପ୍ତ ପାଣି ପିଇବା ଭଳି ପଦକ୍ଷେପ ଦ୍ୱାରା ଏହିସବୁ ସମସ୍ୟାକୁ ଲାଘବ କରିହେବ।

ଆଧୁନିକ ଜୀବନ ଶୈଳୀ ଯୋଗୁଁ ହାଡ଼ ଜନିତ ସମସ୍ୟା ଅଧିକାଂଶଙ୍କ ଠାରେ ଦେଖିବାକୁ ମିଳୁଛି। ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ, ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି। ତେଣୁ କ୍ୟାଲସିଅମଯୁକ୍ତ ଖାଦ୍ୟ ସାମିଲ କରନ୍ତୁ, ପ୍ରାକୃତିକ ଆଣ୍ଟି-ଇନ୍‌ଫ୍ଲାମେଟରି ଖାଦ୍ୟ ଯୋଡ଼ନ୍ତୁ ଏବଂ ପହଁରିବା, ସାଇକେଲ ଚଲାଇବା ଓ ଘର ଭିତରେ ଚାଲିବା ଭଳି ବ୍ୟାୟାମ ଦ୍ୱାରା ସନ୍ଧିଗୁଡ଼ିକୁ ସକ୍ରିୟ ରଖନ୍ତୁ। ଘରେ ବସି ରହୁଥିବା ବୟସ୍କମାନଙ୍କ ଓଜନ ବଢ଼ିବା ଯୋଗୁଁ ଗଣ୍ଠି ଉପରେ ଚାପ ପଡ଼ିଥାଏ। ତେଣୁ ଏହି ଋତୁରେ ସେମାନଙ୍କ ଉଠିବା, ଚାଲିବା, ବସିବା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ। ଏହି ଋତୁ ଆସିବା ପୂର୍ବରୁ ସେମାନଙ୍କ ଶରୀରରେ ଭିଟାମିନ୍-ଡି, ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଅଛି କି ନାହିଁ ପ୍ରଥମେ ପରୀକ୍ଷା କରିନେବା ଜରୁରି। ଫିଜିଓଥେରାପି କରିବା, କମୋଡ୍ ପାଇଖାନା ବ୍ୟବହାର କରିବା ଆଦି ଉପରେ ଅଧିକ ଧ୍ୟାନ ଦେବା ଦରକାର।

# ଶୀତଦିନେ ପ୍ରତିଦିନ ଖାଆନ୍ତୁ ଗୁଡ଼ ରାଶି ଲଡୁ



ଶୀତ ଋତୁରେ ଅନେକ ଲୋକ ବହୁତ ଉତ୍ସାହର ସହ ଗୁଡ଼ ରାଶି ଲଡୁ ଖାଆନ୍ତି। ହୁଏତ ଆପଣ ଜାଣିନଥିବେ ଗୁଡ଼ ରାଶି ଲଡୁ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ସ୍ୱାସ୍ଥ୍ୟ ଉପରେ ମଧ୍ୟ ବହୁତ ସକରାତ୍ମକ ପ୍ରଭାବ ପକାଇଥାଏ। ଗୁଡ଼ ରାଶି ଲଡୁରେ କ୍ୟାଲସିୟମ୍, ଆଇରନ୍, ଫାଇବର, ଜିଙ୍କ ଏବଂ ପ୍ରୋଟିନ୍ ସମେତ ଅନେକ ପୋଷକତତ୍ତ୍ୱ ଭଲ ପରିମାଣରେ ରହିଥାଏ। ଯଦି ଆପଣ ପ୍ରତିଦିନ ଡିଳର ଗୁଡ଼ ରାଶି ଲଡୁ ଖାଇବା ଆରମ୍ଭ କରନ୍ତି ତେବେ ଆପଣ କିଛି ସପ୍ତାହ ମଧ୍ୟରେ ହିଁ ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଅନୁଭବ କରିପାରିବେ। ଥଣ୍ଡାକୁ ରୋକିବା- ଶୀତଦିନେ ଆପଣ ଥଣ୍ଡାକୁ ରୋକିବା ପାଇଁ ଅର୍ଥାତ୍ ଶରୀରକୁ ଭିତରୁ ଗରମ ରଖିବା ପାଇଁ ରାଶି ଲଡୁ ଖାଇପାରିବେ। କେବଳ ସେତିକି ନୁହେଁ, ରାଶି ଲଡୁ ଖାଇବା ଦ୍ୱାରା ଆପଣ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ। ରାଶି ଏବଂ ଗୁଡ଼ ଲଡୁ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ ବୋଲି ବିବେଚନା କରାଯାଏ। କୋଷ୍ଠକାଠିନ୍ୟ ଏବଂ ଗ୍ୟାସ୍ ଭଳି ପେଟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଶୀତଦିନେ ଏହି ଲଡୁ ଖାଇବା ଆରମ୍ଭ କରନ୍ତୁ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରନ୍ତୁ:** ଶୀତ ଋତୁରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ହେତୁ ଆପଣ ବାରମ୍ବାର ଅସୁସ୍ଥ ହେଉଛନ୍ତି? ଯଦି ହଁ, ତେବେ ଜାଣିରଖନ୍ତୁ ପୋଷକ ତତ୍ତ୍ୱ ଭରପୂର ଗୁଡ଼ ରାଶି ଲଡୁ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସହାୟକ ହୋଇପାରେ। ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ମଧ୍ୟ ଆପଣ ରାଶି ଏବଂ ଗୁଡ଼ ଲଡୁକୁ ନିଜ ଦୈନନ୍ଦିନ ଡାଏଟ୍ ପ୍ଲାନର ଏକ ଅଂଶ କରିପାରିବେ।

**ହାଡ ପାଇଁ ଲାଭଦାୟକ:** ଯେଉଁମାନେ ନିଜ ହାଡକୁ ଦୃଢ ଏବଂ ଶକ୍ତିଶାଳୀ ରଖିବାକୁ ଚାହାଁନ୍ତି, ସେମାନେ ଶୀତଦିନେ ରାଶି ଏବଂ ଗୁଡ଼ ଲଡୁ ଖାଇବା ନିହାତି ଜରୁରୀ। ଶୀତ ଋତୁରେ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟାର ଆଶଙ୍କା ମଧ୍ୟ ଅନେକ ଗୁଣ ବଢ଼ି ଯାଇଥାଏ। ରାଶି ଏବଂ ଗୁଡ଼ ଲଡୁ ଗଣ୍ଠି ଯନ୍ତ୍ରଣା ସମସ୍ୟାକୁ ରୋକିପାରେ। ମୋଟାମୋଟି ଭାବେ କହିବାକୁ ଗଲେ, ରାଶି ଗୁଡ଼ ଲଡୁକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇପାରେ।

# ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଛି ଏଆଇ

୨୦୨୫ ମସିହାରେ, ଏଆଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଲୋକଙ୍କ ଜୀବନକୁ ପୂର୍ବ ଅପେକ୍ଷା ଅଧିକ ଆରାମଦାୟକ କରିଛି। ଆସନ୍ତୁ ଅନୁସନ୍ଧାନ କରିବା ଯେ ଏହା ଦ୍ୱାରା ସ୍ୱାସ୍ଥ୍ୟସେବା କିପରି ପ୍ରଭାବିତ ହୋଇଛି। କୃତ୍ରିମ ବୁଦ୍ଧିମତ୍ତା, ବା ଏଆଇ, ଅନ୍ୟାନ୍ୟ କ୍ଷେତ୍ର ପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗଭୀର ଭାବରେ ପ୍ରବେଶ କରିଛି। ଆଜି, ଏହି ପ୍ରଯୁକ୍ତିବିଦ୍ୟା ଆଉ କେବଳ ଏକ ସହାୟକ ଉପକରଣ ନୁହେଁ, ବରଂ ସମଗ୍ର ଚିକିତ୍ସା ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ କରିବା ଠାରୁ ରୋଗୀଙ୍କ ଯତ୍ନ ଏବଂ ନୂତନ ଔଷଧ ଆବିଷ୍କାର ପର୍ଯ୍ୟନ୍ତ ଏଆଇ ଆମର କାର୍ଯ୍ୟ ପଦ୍ଧତିକୁ ପରିବର୍ତ୍ତନ କରିଛି।

**ପରୀକ୍ଷଣ ଦ୍ରୁତ ଏବଂ ଅଧିକ ନିର୍ଭରଯୋଗ୍ୟ**

ଏଆଇର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିପୁଳ ଏବଂ ଜଟିଳ ଚିକିତ୍ସା ତଥ୍ୟକୁ ଶୀଘ୍ର ପ୍ରକ୍ରିୟାକରଣ କରିବାର କ୍ଷମତା। ଏକ୍ସ-ରେ, CT ସ୍କାନ୍ ଏବଂ ଏମଆରଆଇ ପରି ରିପୋର୍ଟଗୁଡ଼ିକୁ ଏବେ କିଛି ସେକେଣ୍ଡ ମଧ୍ୟରେ ବିଶ୍ଳେଷଣ କରାଯାଏ, ଯାହା ଡାକ୍ତରମାନଙ୍କୁ ଏପରି ସୂଚନା ଚିହ୍ନଟ କରିବାରେ ସକ୍ଷମ କରିଥାଏ ଯାହା ପ୍ରାୟତଃ ମଣିଷ ଆଖି ଦ୍ୱାରା ହଜିଯାଏ। ଷ୍ଟ୍ରୋକ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ, ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ସମୟୋଚିତ ଏବଂ ସଠିକ୍ ସୂଚନା ପ୍ରଦାନ କରି ଚିକିତ୍ସାକୁ ତ୍ୱରାନ୍ୱିତ କରୁଛି। କର୍କଟ ରୋଗ କ୍ଷେତ୍ରରେ, ଏଆଇ ଟିସୁ ନମୁନା ପରୀକ୍ଷା କରି ଏବଂ ପ୍ରାରମ୍ଭିକ, ଚିକିତ୍ସାଯୋଗ୍ୟ ପର୍ଯ୍ୟାୟରେ ରୋଗ ଚିହ୍ନଟ କରି ଟ୍ୟୁମରର ଗମ୍ଭୀରତା ମୂଲ୍ୟାଙ୍କନରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

**ପ୍ରତ୍ୟେକ ରୋଗୀଙ୍କ ପାଇଁ ଭିନ୍ନ ଭିନ୍ନ ଚିକିତ୍ସା**

ଏଆଇ ବ୍ୟକ୍ତିଗତ ଚିକିତ୍ସାକୁ ବାସ୍ତବତାରେ ପରିଣତ କରିଛି। ରୋଗୀଙ୍କ ଚିକିତ୍ସା ଇତିହାସ, ଜୀବନଶୈଳୀ ଏବଂ ଜେନେଟିକ୍ ସୂଚନା ଆଧାରରେ ଚିକିତ୍ସା ବର୍ତ୍ତମାନ ପ୍ରସ୍ତୁତ କରାଯାଉଛି। ବିଶେଷକରି ଜଟିଳ ଏବଂ ବିରଳ ରୋଗ ପାଇଁ, ଏଆଇ ଡାକ୍ତରମାନଙ୍କୁ ରୋଗର ମୂଳ କାରଣ ବୁଝିବାରେ ସାହାଯ୍ୟ କରେ। ଏହା ଚିକିତ୍ସାକୁ ଅଧିକ ସଠିକ କରିଥାଏ ଏବଂ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିଥାଏ। ଏହା ବ୍ୟତୀତ, ଏଆଇ ଗବେଷକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ କେଉଁ ଯୌଗିକଗୁଡ଼ିକ ଅଧିକ ପ୍ରଭାବଶାଳୀ ହୋଇପାରେ ତାହା ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରୁଛି, ଯାହା ନୂତନ ଔଷଧର ବିକାଶକୁ ପୂର୍ବ ଅପେକ୍ଷା ଦ୍ରୁତ କରିଛି।

**ହସ୍ପିଟାଲଗୁଡ଼ିକର ବ୍ୟବସ୍ଥା ମଧ୍ୟ ସ୍ମାର୍ଟ ହୋଇଗଲା**

ଚିକିତ୍ସା ବ୍ୟତୀତ, ଏଆଇ ଆଭ୍ୟନ୍ତରୀଣ ହସ୍ପିଟାଲ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଗମ କରିଛି। ରୋଗୀ-ଡାକ୍ତରଙ୍କ କଥାବାର୍ତ୍ତାକୁ ସ୍ୱୟଂଚାଳିତ ଭାବରେ ରେକର୍ଡ କରିବା ଏବଂ ସେଗୁଡ଼ିକୁ ସ୍ୱାସ୍ଥ୍ୟ ରେକର୍ଡରେ ଅନ୍ତର୍ଭୁକ୍ତ କରିବା ସହଜ ହୋଇଛି। ପୂର୍ବାନୁମାନିକ ତଥ୍ୟ ହସ୍ପିଟାଲଗୁଡ଼ିକୁ ଜରୁରୀକାଳୀନ ଶଯ୍ୟା ଉପଲବ୍ଧତା, କର୍ମଚାରୀ ପରିଚାଳନା ଏବଂ ରୋଗୀଙ୍କ ଆବଶ୍ୟକତାକୁ ଭଲ ଭାବରେ ପରିଚାଳନା କରିବାକୁ ସକ୍ଷମ କରିଛି।

**ରୋଗୀଙ୍କ ଅଭିଜ୍ଞତା ମଧ୍ୟ ପରିବର୍ତ୍ତନ ହେଲା**

ଏଆଇ ରୋଗୀଙ୍କ ଅଭିଜ୍ଞତାରେ ମଧ୍ୟ ଯଥେଷ୍ଟ ଉନ୍ନତି ଆଣିଛି। ଦୂରବର୍ତ୍ତୀ ମନିଟରିଂ ଉପକରଣଗୁଡ଼ିକ ରୋଗୀମାନଙ୍କୁ ସେମାନଙ୍କ ଘରେ ବସି ସେମାନଙ୍କ ହୃଦସ୍ପନ୍ଦନ, ରକ୍ତ ଶର୍କରା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପାରାମିଟରଗୁଡ଼ିକୁ ମନିଟର କରିବାକୁ ଅନୁମତି ଦିଅନ୍ତି। କୌଣସି ଅସ୍ୱାଭାବିକତା ହେଲେ ଡାକ୍ତରମାନେ ତୁରନ୍ତ ସତର୍କତା ପାଆନ୍ତି। ଏହା ବ୍ୟତୀତ, ଏଆଇ ରୋଗୀଙ୍କ ମତାମତ ବିଶ୍ଳେଷଣ କରି ସ୍ୱାସ୍ଥ୍ୟସେବା ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରୁଛି।



# କଳାହାଣ୍ଡି ଧାନ ଚାଷୀ ଅଭାବୀ ବିକ୍ରିର ଶିକାର



**କଳାହାଣ୍ଡି,୧୭।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଚାଷୀମାନେ ଧାନ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଜିଲାରେ ଗତ ନଭେମ୍ବର ୨୯ରୁ ଖରିଫ ଧାନ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ୧୮ ଦିନ ବିତିଯାଇଥିଲେ ମଧ୍ୟ ଜିଲାର ସମସ୍ତ ମଣ୍ଡି ଖୋଲି ପାରିନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଛୋଟ ଚାଷୀମାନେ ଏବେ କମ ଦର ରେ ୧୮ଶହରୁ ୨ହଜାର ଟଙ୍କାରେ ଧାନ ବେପାରୀଙ୍କୁ ଟେକି ଦେଉଥିବା ଅଭିଯୋଗ ଆସିଛି। ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ରବିବାର ସୁଦ୍ଧା ୧୫୪୫ ଜଣ ଚାଷୀ ୭୩ ହଜାର ୬୭୯ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି ୨୩୦ ମଣ୍ଡିରୁ ୯୨ ମଣ୍ଡି ଖୋଲିଥିବାବେଳେ ୯୦ ମିଲର୍ସରୁ ବର୍ତ୍ତମାନ ୬୦ ମିଲର୍ସ ଚୁକ୍ତିନାମା କରିଛନ୍ତି। ଅବଶିଷ୍ଟ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ନ ଥିବାରୁ ଚୁକ୍ତିନାମା କରିନାହାନ୍ତି। ଏହି ମିଲର୍ସଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ବର୍ତ୍ତମାନ କଲିକତାରେ ଅନୁମୋଦନ ଅପେକ୍ଷାରେ ରହିଛି। ସେଠାରୁ ଅନୁମୋଦନ ହୋଇ ଆସିଲେ ଚୁକ୍ତି କରି ମଣ୍ଡିରୁ ଧାନ ଉଠାଇବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଡିସେମ୍ବର ପହିଲାରେ ଟୋକନ ପାଇଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। କାରଣ ଆଉ କିଛିଦିନ ଗଲେ ସେମାନଙ୍କ ଟୋକନ ଲାପ୍ସ ହେଇଯିବ। ସେହିପରି ଅନେକ ଚାଷୀଙ୍କ ଟୋକନ ଜାନୁଆରୀ ମାସରେ ଆସିଥିବାରୁ ଚାଷୀ କେଉଁ ଧାନ ବିକ୍ରୟ କରିବେ ଓ ରବି ଚାଷ ପାଇଁ କେବେ ପ୍ରସ୍ତୁତ ହେବେ ତାହାକୁ ନେଇ ଚିନ୍ତା ରେ ରହିଛନ୍ତି। ପ୍ୟାକ୍ସରେ ପଞ୍ଜିକରଣ ସମୟରେ ଚାଷୀମାନେ ନଭେମ୍ବରରେ ଧାନ ବିକ୍ରି କରିବା ନେଇ ସୂଚନା ଦେଇଥିଲେ ମଧ୍ୟ କେମିତି ଟୋକନ ଜାନୁୟାରୀରେ ଆସିଲା ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୫୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଛନ୍ତି। ତେବେ ଜିଲାରେ କେବେ ଠିକ୍ ଭାବେ ମଣ୍ଡି ଚାଲିବ ଓ ଚାଷୀଙ୍କ ଧାନ ଉଠିବ ତାହା ଦେଖିବାକୁ ବାକି ରହିଲା। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ଯୋଗାଯୋଗ କରା ଯାଇଥିଲେ ହେଁ କିଛି ପ୍ରତିକ୍ରିୟା ମିଳିପାରି ନାହିଁ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ସୁନ୍ଦରଗଡ଼,୧୭।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଭବାନିପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଚଳିତ ଡିସେମ୍ବର ୧୩ ତାରିଖରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଅଛି। ଉଦଯାପନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡି ଆଇ ଜି ବ୍ରିଜେଶ କୁମାର ରାୟ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆନ୍ତର୍ଜାତୀୟ ଧାବିକା ସୁଶ୍ରୀ ଦୁତି ଚାନ୍ଦ, ଆନ୍ତର୍ଜାତୀୟ ସାଇକେଲିଷ୍ଟ ଶ୍ରୀମତୀ ମିନତୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ଡି.ଆଇ .ଜି . ଶ୍ରୀ ରାୟ ଯୋଗ ଦେଇଥିବା ସମସ୍ତ କ୍ରୀଡ଼ାବିତ୍ ମାନଙ୍କ ଉତ୍ସାହିତ କରିବା ସହିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ କ୍ରୀଡ଼ାକୁ ଆହୁରି ଅଧିକ ଗୁରୁତ୍ୱ ଦେବା ଉପରେ ନିଜ ଅଭିଭାଷଣ ରଖିଥିଲେ। ଏହି କ୍ରୀଡ଼ା ମହୋତ୍ସବ ଆୟୋଜନ ଦ୍ୱାରା ତୃଣମୂଳ ସ୍ତରରୁ କ୍ରୀଡ଼ାବିତ୍ ମାନଙ୍କ ଚୟନ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ତଥା ମାର୍ଗଦର୍ଶନ ପ୍ରଦାନ ପୂର୍ବକ ସେମାନଙ୍କୁ ଆହୁରି ଆଗକୁ ବଢ଼ିବା ସହିତ ଅନ୍ୟାନ୍ୟ ବଡ଼ ବଡ଼ ପ୍ରତିଯୋଗିତା ନିମନ୍ତେ ମଧ୍ୟ ପ୍ରସ୍ତୁତ ହେବାରେ ସହାୟକ ହେବ ବୋଲି କହିଥିଲେ। ଗତ ଚାରି ଦିନ ଧରି ଚାଲିଥିବା ଏହି ସାଂସଦ କ୍ରୀଡ଼ା ମହୋତ୍ସବରେ ୧୫ ଗୋଟି ବର୍ଗରେ ସମଗ୍ର ସାତ ଗୋଟି ବିଧାନସଭା କ୍ଷେତ୍ରରୁ ପ୍ରାୟ ୩୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ପଞ୍ଜିକରଣ କରିଥିଲେ ଏବଂ ଗ୍ରାମ ପଞ୍ଚାୟତ ସ୍ତର, ବ୍ଲକ ସ୍ତର ଦେଇ ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଦମ୍ପତି ମୃତ, ଶିଶୁ ଆହତ

**କଳିଙ୍ଗନଗର,୧୭।୧୨(ସଂଚାର ବ୍ୟୁରୋ):** ଜୁନୁଡ଼ୀ ଚଣ୍ଡିଖୋଲ ରାଜପଥ ର ବ୍ରାହ୍ମଣୀ ବ୍ରିଜ ନିକଟରେ ଏକ ସଡ଼କ ଦୁର୍ଘଟଣା ରେ ବାଇକ ରେ ଆସୁଥିବା ସ୍ୱାମୀ ସ୍ତ୍ରୀ ଙ୍କର ମୃତ୍ୟୁ ହୋଇଥିବା ବେଳେ ଶିଶୁ ପୁତ୍ର ଟି ଆହତ ହୋଇଛି, ଖବର ମତେ ପଙ୍କପାଳ ଗାଁ ର ଜଳଧର ତରାଇ ଓ ତାଙ୍କ ସ୍ତ୍ରୀ କବାଟବନ୍ଧ ରୁ ଘରକୁ ସନ୍ଧ୍ୟା ସମୟରେ ବାଇରେ ଫେରୁଥିବା ସମୟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚିଲେ ବେଳକୁ ସ୍ୱାମୀ ଜଳଧର ଙ୍କର ମୃତ୍ୟୁ ହୋଇଥିବା ବେଳେ, ସ୍ତ୍ରୀ ଙ୍କୁ ଡାକ୍ତରଖାନା ପଠାଇବା ରାସ୍ତାରେ ମୃତ୍ୟୁ ହୋଇଛି। ଶିଶୁପୁତ୍ର ଟି ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତର ଖାନା ରେ ଭର୍ତ୍ତି ହୋଇଛନ୍ତି। ଏହି ୫୩ ନମ୍ବର ରାଜପଥ ରେ ସନ୍ଧ୍ୟା ସମୟରେ ବାରମ୍ବାର ଗାଡ଼ି ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଥିବା ବେଳେ ପ୍ରଶାସନ ନୀରବ.. ଏପରି ଏକ ଦୁଃଖଦ ଦୁର୍ଘଟଣା ରେ ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଛି।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ସୁନ୍ଦରଗଡ଼,୧୭।୧୨(ସଂଚାର ବ୍ୟୁରୋ):** ମଙ୍ଗଳବାର ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଅଛି। ସ୍ଥାନୀୟ ମାତ୍ରୀ କାଲୋ ଭବନ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। କୃଷକ ମାନଙ୍କୁ ଆଧୁନିକ ଯନ୍ତ୍ର ଓ ପ୍ରଯୁକ୍ତି ପ୍ରଦାନ କରି କମ ଶ୍ରମରେ ଅଧିକ କୃଷି ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା ଏହି କୃଷି ଯନ୍ତ୍ରପାତି ମେଳା। ଏହି ମେଳା ୧୬ ତାରିଖ ଠାରୁ ଆରମ୍ଭ ହୋଇ ଚଳିତ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାର ଲକ୍ଷ୍ୟ ହେଉଛି କୃଷକ ମାନଙ୍କୁ ନୂତନ ଯନ୍ତ୍ର ଓ କୃଷି ଉପକରଣ ସହିତ ପରିଚୟ କରାଇବା ତଥା ବିକ୍ରେତା, ଆର୍ଥିକ ଅନୁଷ୍ଠାନ ସରକାରୀ ବିଭାଗ ଆଦି ସହ ସଂଯୋଗିକରଣ କୁ ସୁନିଶ୍ଚିତ କରିବା। ଏଠାରେ କୃଷକ ମାନେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି, ଉପକରଣ ଆଦିର ବ୍ୟବହାର କିଭଳି କରିବେ ତାହା ପ୍ରଦର୍ଶନ ମାଧ୍ୟମରେ ଅଧିକ ଜ୍ଞାନ ଅହୋରଣ କରି ପାରିବେ ଏବଂ ବିଭିନ୍ନ ସହାୟତା ଯୋଜନା ଉପରେ ମଧ୍ୟ ତଥ୍ୟ ପାଇ ପାରିବେ। ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲାଲ ବିହାରୀ ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ର ଉଦେଶ୍ୟ ତଥା ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା ମହାପାତ୍ର କୃଷକ ମାନେ ନୂତନ ଜ୍ଞାନ କୌଶଳ ସହିତ କୃଷି ଯନ୍ତ୍ରପାତି ଗୁଡ଼ିକର ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାକୁ ବ୍ୟବହାର କରି ଚାଷୀ ତାଙ୍କ ଚାଷ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ଆର୍ଥିକ ସ୍ତର ରେ ମଧ୍ୟ ସଶକ୍ତ ହୋଇପାରିବେ ବୋଲି କହିଥିଲେ। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଚାଷ ସହିତ ଚାଷୀଙ୍କୁ କିଭଳି ଆଗକୁ ବଢ଼ାଇବା, ଚାଷୀ ମାନଙ୍କୁ ସହଯୋଗ କରିବା, ଚାଷୀ ମାନେ କିଭଳି ସରକାରଙ୍କ ସମସ୍ତ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇ ଲାଭ ପାଇବେ ଆଦି ଉପରେ କାର୍ଯ୍ୟକ୍ରମ ରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଏହି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଉପଯୋଗ ଦ୍ୱାରା କୃଷକ ଙ୍କ ସମୟ, ଶ୍ରମ, ଅର୍ଥ ମଧ୍ୟ ଅପଚୟ ନହେବା ସହିତ ଏହା ଚାଷୀ ମାନଙ୍କର ଆୟକୁ ମଧ୍ୟ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ମାଲକାନଗିରି,୧୭।୧୨(ସଂଚାର ବ୍ୟୁରୋ):** ଏମଭି ୭୯ ଠାରେ ଅବସ୍ଥିତ ସାବରୀ ବିଦ୍ୟା ଭବନ (ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ)ରେ ୪୫ତମ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ବ୍ୟାପୀ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ଇଭେଂଟରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଦ୍ଧିଜୀବୀ ଦୀପକ ଦତ, ସମ୍ମାନିତ ଅତିଥି ଭାବେ ମାଲଭାରମ୍ ମଣ୍ଡଳ ସଭାପତି ଜୟନ୍ତ ମଜୁମଦାର ଯୋଗ ଦେଇଥିଲେ। ମଞ୍ଚ ପରିଚାଳନାର ଦାୟିତ୍ୱ ବିଭୁତି ଭୂଷଣ ସେଠୀ ତଥା କ୍ରୀଡ଼ା ଶିକ୍ଷକ ଚିତରଞ୍ଜନ ହରିଚନ୍ଦନ ନିର୍ବାହ କରିଥିଲେ। ଏହାସହିତ କବିତା ସରକାର, ପ୍ରଭାତ ମଣ୍ଡଳ, ଦୀପକ ମେହେର, ସର୍ମିଳା ଢ଼ାଲି, ହିମାଂଶୁ ମଣ୍ଡଳ, ମୋନାଲିସା ସାହୁ, ସତ୍ୟରଞ୍ଜନ ବାରିକ, ସମ୍ପଦ କୁମାର ଲେଙ୍କା, ସାଇ କୁମାର ଇମାଣ୍ଡି, ଅମିତା ପ୍ରଧାନ, ଭୀମସେନ କାବାସି, ଭବେନ ମଣ୍ଡ, ସୁନିଲ ଦାସ, ବୃନ୍ଦା ମିଷ୍ଟ୍ରୀ ଏବଂ ନୀତିଶ ରାୟ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଘଟଗାଁ ସମିତି ସଭ୍ୟ ପରିବାରର ବୈଠକ

**କେନ୍ଦୁଝର,୧୭।୧୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଟଗାଁ ସମିତି ସଭ୍ୟ/ସଭ୍ୟା ପରିବାରର ବାର୍ଷିକ ବୈଠକ ଆଜି ସୁନାଟାଙ୍ଗିରୀସ୍ଥିତ ପକା ପାହାଡ଼ି ମଠ ଓ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମିତି ସଭ୍ୟ ସଭ୍ୟା ପରିବାର ସଭାପତି ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ବିରଞ୍ଚି କୁମାର ବେହେରା, ଘଟଗାଁ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ, ଉପାଧକ୍ଷ ଯଦୁମଣି ନାଏକ ପ୍ରମୁଖ ଯୋଗଦେଇଥିଲେ। ସମିତି ସଭ୍ୟ ସଭ୍ୟା ପରିବାର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ଓ ସ୍ଥିତାବସ୍ଥା, ଘଟଗାଁ ବ୍ଲକର ବିଭିନ୍ନ ସମସ୍ୟା ଓ ତା'ର ତ୍ୱରିତ ସମାଧାନ, ପାଟେଶ୍ୱର ମହାଦେବ ପୀଠ ତଥା ପକା ପାହାଡ଼ି ମଠ ଓ ପାର୍କର ଉନ୍ନତିକରଣ ତଥା ଜିଲ୍ଲା ପର୍ଯ୍ୟଟନ ସ୍ଥଳର ମାନ୍ୟତା, ଆସନ୍ତା ଜାନୁଆରୀ ୪ ତାରିଖ ଚିକିଣିଆ ଜିଲ୍ଲା ପାର୍କରେ ଜିଲ୍ଲା ସମିତି ସଭ୍ୟ ସଭ୍ୟା ପରିବାରର ବାର୍ଷିକ ଉତ୍ସବ ଆୟୋଜନ ନେଇ ଆଲୋଚନା କରାଯାଇଥିଲା।

### ଗୋଟିଏ କ୍ୟାମ୍ପସରେ ୨ଟି ବିଦ୍ୟାଳୟ

## ବିଦ୍ୟାଳୟକୁ ମିଶ୍ରଣ କରିବାକୁ ବିଧାୟକଙ୍କୁ ଅନୁରୋଧ



**ନାଉଗାଁ,୧୭।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ପଞ୍ଚାୟତର ଗାରୋଇ ଗ୍ରାମରେ ଥିବା ୨ଟି ବିଦ୍ୟାଳୟକୁ ମିଶ୍ରଣ କରିବାକୁ ନେଇ ବିଦ୍ୟାଳୟର ଅଭିଭାବକମାନେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏହି ଗ୍ରାମରେ ଗୋଟିଏ କ୍ୟାମ୍ପସରେ ପ୍ରାଣକୃଷ୍ଣ ଉ.ପ୍ରା ବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରହିଛି। ୨ଟି ଯାକ ବିଦ୍ୟାଳୟ ଯଥାକ୍ରମେ ୧୯୫୩ ଓ ୧୯୮୨ରେ ସ୍ଥାପିତ ହୋଇଥିଲା। ପ୍ରାଣକୃଷ୍ଣ ଉ.ପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି। ଉଚ୍ଚ ବିଦ୍ୟାଳୟଟି ୫-ଟି ରେ ଅନ୍ତଭୁକ୍ତ ହେବା ପରେ ତା'ର ପରିସର ବୃଦ୍ଧି ପାଇଛି। ଉଚ୍ଚ ବିଦ୍ୟାଳୟର ପରିସର ବୃଦ୍ଧି ହେବା ଯୋଗୁଁ ଉ.ପ୍ରା ବିଦ୍ୟାଳୟଟି ସଙ୍କୁଚିତ ହୋଇଯାଇଛି। ଯଦି ଉଭୟ ବିଦ୍ୟାଳୟରେ ଏକତ୍ର କିଛି କାର୍ଯ୍ୟକ୍ରମ କରାଯାଏ ତେବେ ବହୁତ ଅସୁବିଧା ସୃଷ୍ଟି ହେଉଛି। କେବଳ ଏତିକି ନୁହେଁ ଉଚ୍ଚ ବିଦ୍ୟାଳୟରୁ ପୁରାତନ ଶିକ୍ଷକ ଅବସର ନେବା ପରେ ବର୍ତ୍ତମାନ ନବ ନିଯୁକ୍ତ ୩ ଜଣ ଶିକ୍ଷକଙ୍କୁ ନେଇ ପାଠପଢ଼ା କାର୍ଯ୍ୟ ଚାଲୁ ରହିଛି। ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଥିବା ବେଳେ ଉ.ପ୍ରା ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନାହାନ୍ତି। ଯାହାଫଳରେ ପିଲାମାନଙ୍କୁ ଉ.ପ୍ରା ବିଦ୍ୟାଳୟରେ ସଂସ୍କୃତ ପାଠ ପଢ଼ିବାରେ ସମସ୍ୟା ଉପୁଜୁଛି।

## କର୍ମଶାଳା ଉଦ୍‌ଯାପନୀ ଉତ୍ସବ

**ଧାମନଗର,୧୭।୧୨(ସଂଚାର ବ୍ୟୁରୋ):** ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ତରଫରୁ ଶୀର୍ଷକ 'ଡେଭଲୋପିଂ ଆନ୍ ଏଣ୍ଟ୍ରପ୍ରିନେରିୟୁରାଲ ମାଇଣ୍ଡସେଟ୍" ତ୍ରିଦିବସୀୟ କର୍ମଶାଳା ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶିଳ୍ପ ଉଦ୍ୟୋଗୀ କୈଳାଶ ଚନ୍ଦ୍ର ମହାପାତ୍ର ଓ ଆଇ.ଡି.ଏଫ୍.ସି ବ୍ୟାଙ୍କ୍ ଡେପୁଟି ମ୍ୟାନେଜର ଜଗଦୀଶ ପାଣିଗ୍ରାହୀ ବାଲେଶ୍ୱର ସିପେଟ, ର ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ପଣ୍ଡା, ଭଦ୍ରକ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଅନିତା ନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. କେଦାରସେନ୍ ସାହୁ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ୟୋଗୀ ମାନସିକତା ବିକାଶ ପ୍ରସଙ୍ଗ ଓ ଛାତ୍ରଛାତ୍ରୀମାନଙ୍କ ନୈତିକ କର୍ତ୍ତବ୍ୟ ବିଚାରଧାରା ଉପଗେଆଲୋଚନା କରିଥିଲେ।

## ଅତିରିକ୍ତ ସିକ୍ୟୁରିଟିକୁ ବିରୋଧ କରି ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ବିକ୍ଷୋଭ




**କଟକ,୧୭।୧୨(ସଂଚାର ବ୍ୟୁରୋ):** ପରିତାପର ବିଷୟ କଟକ ରେଲୱେ କଲୋନୀ ଦଳିତ ବସ୍ତିରେ ୫୫ ଘର ପାଇଁ ଗୋଟିଏ ମିଟର ବସା ଯାଇଛି। ୫୫ ଘର ଗୋଟିଏ ମିଟର ରେ ବିଜୁଳି ବ୍ୟବହାର କରିବା ଦ୍ୱାରା ତାହା କମରସିଆଲ ମୂଲ୍ୟ ହୋଇ ଯାଉଛି। ଗରିବ ସଫେଇ କର୍ମୀ ବସ୍ତିମାନଙ୍କୁ ସେହି ଦରରେ ଦେୟ ଦେବା ପାଇଁ ବାଧ୍ୟ କରାଯାଇଛି। ଫଳରେ ମିଟର ରିଡିଙ୍ଗ ରେ ଘର ପିଛା ଅତ୍ୟଧିକ ଦେୟ ହେଉଥିବାରୁ ବସ୍ତି ବାସିନ୍ଦାମାନେ ଶୋଷଣର ଶିକାର ହେବା ସହ ଦେୟ ଦେବା କଷ୍ଟକର। ଏହି ଭଳି ବସ୍ତି ବାସିନ୍ଦାଙ୍କୁ ଶୋଷଣ କରିବା ସଂପୂର୍ଣ୍ଣ ଅନ୍ୟାୟ ଏବଂ ବେଆଇନ ଅଟେ। ଅନ୍ୟ ଦିଗରେ ବର୍ତ୍ତମାନ ଅତିରିକ୍ତ ସିକୁରିଟି ଜମା ପାଇଁ ଉପଭୋକ୍ତାଙ୍କୁ ନୋଟିସ ଆସୁଛି ଏହା ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଶୋଷଣର ନୂଆ ତରିକା କମ୍ପାନୀ ନେଇଛି। ଏବେ ସ୍ମାର୍ଟ ମିଟର ପ୍ରଚଳନ ପ୍ରହେଳିକା ନାଗରିକ ବିଶେଷ କରି ବସ୍ତି ବାସିନ୍ଦାଙ୍କ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି। ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ରାଣୀହାଟ ବିଦ୍ୟୁତ ଅଫିସ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଛି।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ସୁନ୍ଦରଗଡ଼,୧୭।୧୨(ସଂଚାର ବ୍ୟୁରୋ):** ଡିସେମ୍ବର ୧୭ ତାରିଖ ପୂର୍ବାହ୍ନ ୧୦ ଟା ରୁ ଆରମ୍ଭ ହୋଇଛି ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ତାଙ୍କ ପତ୍ର ସଂଖ୍ୟା ୨୨୪୩ ଅନୁଯାୟୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆୟୋଜନ କରିଛନ୍ତି ଏହି ଶିବିର। ପ୍ରତ୍ୟେକ ବ୍ଲକରେ ଏହା କରାଯିବ। ଏହ କ୍ରମରେ ବୁଧବାର ସୁନ୍ଦରଗଡ଼ ସଦର ବ୍ଲକରେ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଛି। ସଦର ବ୍ଲକରେ ୬ ଶହ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିରୀକ୍ଷା କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ କେହି ଜଣେ ହେଲେ ଭିନ୍ନକ୍ଷମ ଚିହ୍ନଟ ହେବାରୁ ବାଦ ଯେପରି ନ ପଡନ୍ତି ସେ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ, ନାକ, କାନ ଓ ଗଳା ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ ପରି ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ତେବେ ଏହି ପ୍ରକ୍ରିୟାକୁ ଶୃଙ୍ଖଳାଗତ କରିବା ନେଇ ସଦର ବିଡ଼ିଓ ମୋତିଲାଲ ସୁଲିଆ ଉପସ୍ଥିତ ରହି ସମସ୍ତ ଦିଗକୁ ସତର୍କ ଦୃଷ୍ଟି ଦେଇଛନ୍ତି। ତେବେ କୌଣସି ସାମାଜିକ କାମ ବା ବୃହତ୍ତର କାମ ହେଲେ ନେତାଙ୍କ ଉପସ୍ଥିତି କାମନା କରାଯାଏ। ସେହି କ୍ରମରେ ଏହି ଶିବିରକୁ ସଫଳ କରିବା ନେଇ ସଦର ଜିଲ୍ଲା ପରିଷଦ ଅଶ୍ୱିନୀ ନାଏକ ଓ ମଞ୍ଜୁଲତା ନାଏକ, ମଝାପଡ଼ା ଓ ଲେଢ଼ିମଙ୍ଗ ସରପଞ୍ଚ, ସମିତି ସଭ୍ୟା ତଥା ସଦର ବ୍ଲକ ଚେୟାରମେନ ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ କୃଷକ ପ୍ରଶିକ୍ଷଣ ଶିବିର



**ଧାମନଗର,୧୭।୧୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ "ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଧାନ ପ୍ରଜାତିର ଗୁଣାତ୍ମକ ବୀଜ ଉତ୍ପାଦନ ମାଧ୍ୟମରେ କିପରି କୃଷକଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି ସମ୍ପର୍କରେ ବ୍ଲକସ୍ତରୀୟ କୃଷକ ପ୍ରଶିକ୍ଷଣ ଶିବିର ଓ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷକ ସଂଗଠନର ବ୍ଲକ ସଭାପତି ରଞ୍ଜିତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ବୈଜ୍ଞାନିକ ସୁଶାନ୍ତ କୁମାର ଦାଶଙ୍କ ସଭା ସଂଚାଳନ କରିଥିଲେ।ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରିଣୀ ପ୍ରିତିରେଖା ମହାଳିକ, କେନ୍ଦ୍ରୀୟ କୃଷି ଉତ୍ପାଦନ କେନ୍ଦ୍ରର ବୈଜ୍ଞାନିକ ଡ.ମାନସ କୁମାର ବାଗ, ଡ.ଲୁଟୁନ କୁମାର ବୋଷ, ସହକାରୀ ଗୋଷ୍ଠୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁଙ୍କ ସହ ଅନ୍ୟ ଅଧିକାରୀ ଯୋଗ ଦେଇ ଉପସ୍ଥିତ ଚାଷିମାନଙ୍କୁ କିପରି ଜଳବାୟୁ ପରିବର୍ତ୍ତନ ଅନୁଶାରେ ଆମକୁ ସଚେତନ ହେବା ସହିତ ପାରମ୍ପାରିକ ଧାନ ଚାଷ ନକରି କିପରି ଜମିର ସ୍ଥିତି ଅନୁଶାରେ ଯଥା ଖାଲୁଆ ଜମିରେ, ପାଣି କମ ରହୁଥିବା ଜମିରେ, ଅବା ଲୁଣି ପାଣି ମାଡୁଥିବା ଜମିରେ କିପ୍ରକାର ଧାନ ବିହନର ଚାଷ କରିବାକୁ ପଡ଼ିବ। ତାହା ଛଡା ଜମିରେ ଚାଷ ଆରମ୍ଭ କରିବା ପରେ କେଉଁ ଜମିରେ କେତେ ପରିମାଣରେ କେଉଁ ସାରର ଆବଶ୍ୟକତା ଅଛି, କେଉଁ ରୋ ଗ ପାଇଁ କେଉଁ କୀଟନାଶକର ଆବଶ୍ୟକତା ଅଛିତାହା ନଜାଣି ଆନୁମାନିକ ଭାବରେ ଜମିରେ ଉର୍ବରତା କମିବା ସହିତ ଉତ୍ପାଦନ କମିଥାଏ। ତେଣୁ ସର୍ବ ପ୍ରଥମେ ଜମିର ମାଟି ପରୀକ୍ଷଣ କରିବା ସହିତ କୃଷକ ସାଥି, କିମ୍ବା କୃଷି ଅଧିକାରୀମାନଙ୍କ ସହିତ ପରାମର୍ଶ ନେଇ ଚାଷ କଲେ ଚାଷୀ ନିଶ୍ଚିତ ଭାବରେ କମ ଖର୍ଚ୍ଚରେ ଅଧିକ ଲାଭମାନ ହୋଇପାରିବେ। ସେଥିପାଇଁ କୃଷି ଗବେଷଣା କେନ୍ଦ୍ର ଓଡିଶାର ଜଳବାୟୁକୁ ସୁହାଇବା ଭଳି ବିଭିନ୍ନ କିସମର ଧାନ ବିହନ ପ୍ରସ୍ତୁତ କରିଛନ୍ତି।

## ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିଆପାଳ,୧୭।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ସ୍ଥିତ ଯୁଧିଷ୍ଠିର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଧନ୍ନା ପଟ୍ଟାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଓ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତିକ ସମ୍ମାନିତ କବି ସୁକୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ପାଣି, ଜଳନ୍ଧର ମଲ୍ଲିକ, ସମାଜସେବୀ ବିଶ୍ୱକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ହେଉଛି ଶକ୍ତିଶାଳୀ ଅସ୍ତ୍ର ଯାହାକି ନିଜକୁ କ୍ଷମତାଶାଳୀ କରିବା ସହିତ ଦେଶକୁ ପରିବର୍ତ୍ତନ କରିପାରେ। କ୍ରୀଡା, ଶିକ୍ଷା, ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସନାତନ ଚୈଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସାବିତ୍ରୀ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ଜଗବନ୍ଧୁ ଦାସ, ରାଧାମୋହନ ଚୈଧୁରୀ, ଖଟୁରାମ ମଲ୍ଲିକ, କାହ୍ନୁଚରଣ ବେହେରା, ବଂଶୀଧର ମହୁରି, ମିହିର ଆଦେକ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଫୋଟୋ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

## ଦ୍ୱିତୀୟ ଦୈନିକ ବଜାରରେ ଥିବା ଷ୍ଟଲଖାଲି କରିବାକୁ ପୌର ପାଳିକାର ନୋଟିସ

**ଜୟପୁର,୧୭।୧୨(ସଂଚାର ବ୍ୟୁରୋ):** ଜଗନ୍ନାଥ ସାଗର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ଜଗନ୍ନାଥ ସାଗର କୂଳକୁ ଲାଗିଥିବା ୧୬ଟି ଦୋକାନ ଗୁଡିକୁ ପୌରପାଳିକା ପକ୍ଷରୁ ୭ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ ଦିଆଯାଇଛି। ସ୍ଥାନୀୟ ଦୈନିକ ବଜାର ନିକଟରେ ଥିବା ୧୬ଟି ଷ୍ଟଲ ଗୁଡିକୁ ପୌରପାଳିକା ପକ୍ଷରୁ ୭ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ ଦିଆଯିବା ସହ ନିୟମିତ ଭାବେ ଯେଉଁ ଦୋକାନ ମାଲିକ ଷ୍ଟଲ ପାଉଣା ପୈଠ କରୁଛନ୍ତି ସେମାନଙ୍କୁ ନିକଟରେ ହୋଇଥିବା ଷ୍ଟଲ ଗୁଡିକରେ ଥଇଥାନ କରାଯିବ। ଏବଂ ଜବରଦଖଲ କରି ଷ୍ଟଲ ପକାଇଥିବା ଦୋକାନ ଗୁଡିକୁ ହଟାଇ ଦିଆଯିବ। ପୌରପାଳିକାର ନୋଟିସ ପାଇବା ପରେ ଦୋକାନ ମାଲିକ ମାନେ ଅବାକ ହୋଇଯାଇଛନ୍ତି।

## ପୋଲ ତଳକୁ ଖସି ଜଣେ ମୃତ

**ଜୟପୁର,୧୭।୧୨(ସଂଚାର ବ୍ୟୁରୋ):** ଜୟପୁର ସଦରଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ବାୟାଗୁଡା ନିକଟରେ ଏକ ପୋଲ ତଳକୁ ଗୋଡ ଖସି ଯୁବକର ମୃତ୍ୟୁ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତ ବ୍ୟକ୍ତି ହେଲେ ଅନ୍ତା ଗ୍ରାମର ଲଛିମ ବାଘ(୪୮)। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ଦିନ ବାୟାଗୁଡା ଓ ଅନ୍ତା ମଧ୍ୟରେ ଥିବା ପୋଲ ନିକଟରେ ଲଛିମଙ୍କ ଗୋଡ ଖସି ପଡ଼ିଯାଇଥିଲେ। ପରେ ତାଙ୍କୁ ଜୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାଯୋଗୁଁ ତାଙ୍କୁ କୋରାପୁଟ୍ ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଚିକିତ୍ସା ସମୟରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲିଖିତ ଭାବେ ସଦରଥାନାରେ ଦେବା ପରେ ସଦରପୁଲିସ ଏକ ମାମଲା ରୁଜୁ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଚିପିଲିମା ହାଇସ୍କୁଲ ପଡ଼ିଆରେ ଚତୁର୍ଥ ଧନୁଯାତ୍ରା

**ସମ୍ବଲପୁର,୧୭।୧୨(ସଂଚାର ବ୍ୟୁରୋ):** ସମ୍ବଲପୁର ଚିପିଲିମା ହାଇସ୍କୁଲ ପଡ଼ିଆରେ ଚତୁର୍ଥ ଧନୁଯାତ୍ରା ମହୋତ୍ସବ ୭ଦିନ ଧରି ଚାଲିଥିବାବେଳେ, କଂସ ମହାରାଜଙ୍କ ରାଜୁତିରେ ମଥୁରା ବାସୀ ଅତିଷ୍ଠ ହୋଇଯାଇଥିଲେ। କଂସ ମହାରାଜଙ୍କ ଆଦେଶରେ ମଥୁରାରେ ଧନୁଯାତ୍ରା ପ୍ରସ୍ତୁତି ଓ ଯାତ୍ରାରେ ଭଣଜା କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପଠାଇଥିଲେ। ସେପଟେ ଗୋପପୁରରେ କୃଷ୍ଣ ବଳରାମଙ୍କୁ ଅକ୍ରୁର ନେଇଆସି ପହଞ୍ଚିଥିଲେ। ଅନ୍ୟପଟେ କୃଷ୍ଣ ବଳାରାମଙ୍କୁ ମାରିବା ପାଇଁ କଂସ ଯୋଜନା କରିଥିବାବେଳେ, କୁବ୍ଜା ଉଦ୍ଧାର, ପୁତୁନା ବଧ, କବଳୟା ବଧ, ଷଡ଼ମଲ୍ଲ ବଧ, ଶିବଧନୁ ଭଗ୍ନ ଆଦି ଦୃଶ୍ୟ ପ୍ରଦର୍ଶିତ ପରେ କୃଷ୍ଣଙ୍କ ପଦାଘାତରେ କଂସର ନିଧନ ହୋଇଥିଲା। କଂସ ନିଧନ ପରେ ବନ୍ଦୀ ଉଗ୍ରସେନ ମଥୁରା ସିଂହାସନ ଆରୋହଣ କରିଥିଲେ। ମଥୁରାରେ ପୂର୍ବପରି ଶାନ୍ତି ଫେରିଥିବାବେଳେ, ମଥୁରାବାସୀ ଖୁସି ମନାଇ ଥିଲେ। ପ୍ରକାଶ ଥାଉକି ଷଷ୍ଠ ରାଜନୀରେ ଭୀମସାର ମେଡିକାଲର ଡାକ୍ତର ରାମଚନଚନ୍ଦାନୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ମହାରାଜ କଂସଙ୍କ ଆଦେଶରେ ଚିପିଲିମାରେ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଷଷ୍ଠ ରାଜନୀରେ ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ପ୍ରଦୀପ ନାୟକ, ମନୋଜ ସାହୁ, ସଞ୍ଜୟ ପାଗଡ଼, ସଞ୍ଜୀବ ଠାକୁରଙ୍କୁ ମଞ୍ଚ ଉପରେ ଉପଢୌକାନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ତିମ ରା ଜନୀରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଯୋଗଦାନ କରିଥିବାବେଳେ, ମହାରାଜଙ୍କ ଆଦେଶରେ ଚିପିଲିମାରେ ଏକ ସ୍ଥାୟୀ ମଞ୍ଚ ସ୍ଥାପନ କରିବା ସହ ଧନୁଯାତ୍ରା ପାଇଁ ସରକାରୀ ଫଣ୍ଡ ଯୋଗାଇବା ଦିଗରେ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେଇଥିଲେ।

## ଏସୟୁଜେ ସାମ୍ବାଦିକ ସଂଘ ରାୟଗଡ଼ା ଶାଖାର ବାର୍ଷିକ ଉତ୍ସବ



**ରାୟଗଡ଼ା,୧୭।୧୨(ସଂଚାର ବ୍ୟୁରୋ):** ସମାଜରେ ସତ୍ୟ, ନ୍ୟାୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବାରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୂଲ୍ୟବୋଧ ଭିତ୍ତିକ ଓ ନିଷ୍ପକ୍ଷ ସାମ୍ବାଦିକତା ଲୋକତନ୍ତ୍ରର ମୂଳ ଆଧାର ବୋଲି ମତ ପ୍ରକାଶ ପାଇଛି ଏସୟୁଜେ ସାମ୍ବାଦିକ ସଂଘ ଓଡିଶା ରାୟଗଡ଼ା ଜିଲ୍ଲା ଶାଖାର ୫ମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ। ରାୟଗଡ଼ା ସ୍ଥିତ ଲାୟନ୍ସ କ୍ଲବ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଶିବ ନାରାୟଣ ଗଉଡଙ୍କ ସଭାପତିତ୍ୱରେ ଭବ୍ୟ ଓ ସୁସଂଗଠିତ ଭାବରେ ସମ୍ପନ୍ନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଂଜନ କହଁର ଓ ରାୟଗଡ଼ା ସମନ୍ୱିତ ଆଦିବାସୀ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଯୋଗଦେଇଥିଲେ। ଏହାସହ ରାଜ୍ୟ ସଂଘ କାର୍ଯ୍ୟକାରିଣୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଉପସଭାପତି ମହେନ୍ଦ୍ର କୁମାର ଦର୍ଜୀ, ସଂପାଦକ ବିଭୁପ୍ରସାଦ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା ଓ ଜିଲ୍ଲା ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ ମଞ୍ଚାସୀନ ଥିଲେ। ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ଦିବଙ୍ଗତ ସାମ୍ବାଦିକମାନଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ ସୁମଧୁର ସ୍ୱାଗତ ସଂଗୀତ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା।